ବର୍ଷ-୨୫, ସଂଖ୍ୟା-୧୬୫
ଭୁବନେଶ୍ୱର
୧୯, ଜୁନ, ୨୦୨୫ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 165
Bhubaneswar
19, June, 2025 Thursday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



୧ କୋଟିର କାର୍ କିଣିଲେ ମୋନାଲିସା

## ଗୋପାଳପୁର ଲଜ୍ଜା

# କ୍ରାଇମ୍‌ବ୍ରାଞ୍ଚର ତନାଘନା

ଗୋପାଳପୁର,୧୮।୬(ମହାଭାରତ): ବହୁଚର୍ଚ୍ଚିତ ଗୋପାଳପୁର ବେଳାଭୂମିରେ ଗତ ରବିବାର ସନ୍ଧ୍ୟାରେ ଜଣେ ଯୁବତୀଙ୍କୁ ଗଣଦୁଷ୍କର୍ମ ମାମଲାରେ କ୍ରାଇମବ୍ରାଞ୍ଚ ଟିମ୍ ତଦନ୍ତ ଆରମ୍ଭ କରିଛି। ପୀଡ଼ିତାଙ୍କ ବୟାନ ଆଧାରରେ ଆଇଜି ଏସ. ସାଇନିଙ୍କ ନେତୃତ୍ୱରେ ତନାଘନା ଆରମ୍ଭ ହୋଇଛି। ମଙ୍ଗଳବାର ଦିନ କୋର୍ଟ ପରିସରରେ ୬ ସାବାଳକ ଅଭିଯୁକ୍ତଙ୍କୁ ପଚରାଉଚରା କରାଯାଇଥିଲା। ଆଜି ଘଟଣାସ୍ଥଳରେ ପହଞ୍ଚି ପ୍ରେମୀଯୁଗଳ କେଉଁଠି ବସିଥିଲେ ଏବଂ ଯୁବତୀଙ୍କ ସହ କେଉଁଠି ଗଣଦୁଷ୍କର୍ମ ହୋଇଥିଲା ଏହାର ଯାଞ୍ଚ କରିଛନ୍ତି। ଟିମ୍ ମାମଲାରେ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲେ ମଧ୍ୟ ଏହି ଘଟଣାକୁ ଗୁରୁତର ସହ ନେଇ 'ରେଡ୍ ଫ୍ଲାଗ୍' ମାମଲା ଭାବେ କ୍ରାଇମବ୍ରାଞ୍ଚକୁ ତଦନ୍ତ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି ସରକାର। ଘଟଣାର ଯେଭଳି ପୁନରାବୃତ୍ତି ନହୁଏ



ସେଥିପାଇଁ ଗୋପାଳପୁର ବେଳାଭୂମିରେ ପୁଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରାଯାଇଛି।

ସେହିପରି ପୀଡ଼ିତାଙ୍କ ପୁରୁଷ ବନ୍ଧୁଙ୍କୁ ମଧ୍ୟ ପଚରାଉଚରା କରାଯାଇଛି। ଗୋପାଳପୁର ଥାନାରେ ଭିଜିଲାନ୍ସର ଏକ ଟିମ୍ ପ୍ରାୟ ଦେଢ ଘଣ୍ଟା ଧରି ବିଭିନ୍ନ ଦୃଷ୍ଟିକୋଣରୁ ବିଭିନ୍ନ ପ୍ରଶ୍ନ ପଚାରିଛନ୍ତି।

ପୂର୍ବ ସରକାର ପାନ୍ଥନିବାସ ପଛପଟ ସମୁଦ୍ର ବେଳାଭୂମିରେ କିଛିବର୍ଷ ପୂର୍ବରୁ ବ୍ଲୁ-ଫ୍ଲାଗ ବିଚ୍ ଓ ବିଚ୍ ସାକ୍ କରିବାକୁ ନିଷ୍ପତ୍ତି ନେଇଥିଲେ। ଏଥିପାଇଁ ବେଳାଭୂମିରେ ଏହି ୪ଟି କ୍ୟାବିନ ନିର୍ମାଣ କରାଯାଇଥିଲା ।ଏଭଳି ନିଛାଟିଆ। ସ୍ଥାନରେ ଯୁବତୀଙ୍କ ସହ ପାଶବିକ ଅତ୍ୟାଚର କରିଥିଲେ ସମୁଦ୍ରକୂଳର ସଇତାନ।

ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶରେ ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବିଭୂତି ଭୂଷଣ ଜେନା ତୁରନ୍ତ ସ୍ଥାନୀୟ ପ୍ରଶାସନକୁ ଧରି ଘଟଣାସ୍ଥଳରେ ପହଞ୍ଚିଥିଲେ। ଏହି କ୍ୟାବିନ ଉଚ୍ଛେଦ କରିବାକୁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମନ୍ତ୍ରୀଙ୍କ ସହ କ୍ରାଇମସିନ୍ ବୁଲି ଦେଖିଛନ୍ତି ବ୍ରହ୍ମପୁର ଏସ୍‌ପି, ଉପଜିଲ୍ଲାପାଳ ଓ କନିଷ୍ଠ ତହସିଲଦାରଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ।ମହିଳା ଓ ଶିଶୁଙ୍କ ବିରୋଧରେ ଯୌନ ନିର୍ଯାତନା ଓ ଦୁଷ୍କର୍ମ ଭଳି ଅପରାଧକୁ ରେଡ୍ ଫ୍ଲାଗ୍ ମାମଲା ଭାବେ ଗ୍ରହଣ କରାଯାଏ। ଗୋପାଳପୁର ଗଣଦୁଷ୍କର୍ମ ଭଳି ସମ୍ବେଦନଶୀଳ ଘଟଣାରେ ତ୍ୱରିତ ତଦନ୍ତ ପାଇଁ ଆଇଜି ପାହ୍ୟାର ଜଣେ ବରିଷ୍ଠ ଅଧିକାରୀଙ୍କୁ ଦାୟିତ୍ୱ ଦେଇଛନ୍ତି। ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୂର ଖୁରାନିଆ। କ୍ରାଇମବ୍ରାଞ୍ଚ ସିଆଇଡି ଅଧିନରେ ଥିବା ମହିଳା ଓ ଶିଶୁ ଅପରାଧ ନିରୋଧୀ ଶାଖାକୁ ଏହି ତଦନ୍ତ ଭାର ଦିଆଯାଇଛି। ପୀଡ଼ିତାଙ୍କ ସୁରକ୍ଷା, ମର୍ଯ୍ୟାଦା ଓ ସ୍ୱାଭିମାନକୁ ସୁନିଶ୍ଚିତ କରିବା ଏହି ବିଭାଗର ମୂଳ ଉଦ୍ଦେଶ୍ୟ।

# ବର୍ଷା ନେଇ ଓଡ଼ିଶାକୁ ରେଡ୍ ଆଲର୍ଟ

ନୂଆଦିଲ୍ଲୀ, ୧୮।୬(ମହାଭାରତ): ଚଳିତ ବର୍ଷ ସମୟ ପୂର୍ବରୁ ମୌସୁମୀ ବାୟୁ ଦେଶରେ ପ୍ରବେଶ କରିଛି। କିଛି ଦିନ ପୂର୍ବରୁ ମୌସୁମୀ କେରଳରେ ପ୍ରବେଶ କରିଥିଲା। ଏବେ ବିହାର ଏବଂ ଝାଡ଼ଖଣ୍ଡରେ ମଧ ପାଗ ଦ୍ରୁତ ଗତିରେ ପରିବର୍ତ୍ତନ ହେଉଛି। ମୌସୁମୀ ଏହି ରାଜ୍ୟଗୁଡ଼ିକରେ ମଧ ପ୍ରବେଶ କରିଛି। ପାଣିପାଗ ବିଭାଗ ଅନୁଯାୟୀ, ମଙ୍ଗଳବାର ବିହାରରେ ମୌସୁମୀ ପୂର୍ଣ୍ଣ ସକ୍ରିୟ ହେବ।



ଏହା ସହିତ ଦକ୍ଷିଣପଶ୍ଚିମ ବାଂଲାଦେଶ ପାର୍ଶ୍ୱବର୍ତ୍ତୀ ଗାଙ୍ଗେୟ ପଶ୍ଚିମବଙ୍ଗ ଉପତ୍ୟକା ଅଞ୍ଚଳରେ ଊଘୁଚାପ ସକ୍ରିୟ ହେବା ଯୋଗୁ ଏହାର ପ୍ରଭାବରେ ଉତ୍ତରପଶ୍ଚିମ ପାର୍ଶ୍ୱବର୍ତ୍ତୀ ଉତ୍ତରପୂର୍ବ ବଙ୍ଗୋପସାଗର ସମେତ, ପଶ୍ଚିମବଙ୍ଗ, ବାଂଲାଦେଶ, ଓଡିଶା, ଉପକୂଳ ସହ ଉତ୍ତର ଛତିଶଗଡ ଏବଂ ଝାଡ଼ଖଣ୍ଡରେ ଆକାଶ ମେଘ ଘୋଡେଇ ରହିବା ସହ କିଛି ଅଞ୍ଚଳରେ ବର୍ଷା ଲାଗିରହିଛି। ବିହାରର ଭାଗଲପୁର, ବାଙ୍କା, କଟିହାର, ପୂର୍ଣ୍ଣିଆ, କିଶନଗଞ୍ଜ, ମାଧେପୁରା, ଆରାରିଆ, ସହରସା ଏବଂ ସୁପୌଲ ଜିଲ୍ଲାରେ ପ୍ରଥମ ମୌସୁମୀ ବର୍ଷା ରେକର୍ଡ କରାଯାଇଛି। ରାଜ୍ୟର ଅନେକ ଅଞ୍ଚଳରେ ପ୍ରବଳ ବର୍ଷା, ବିଜୁଳି ଏବଂ ପ୍ରବଳ ପବନ ବହିବାର ସମ୍ଭାବନା ରହିଛି। ପାଣିପାଗ ବିଭାଗ ବିହାରର ଅନେକ ଅଞ୍ଚଳ ପାଇଁ ସତର୍କ ସୂଚନା ଜାରି କରିଛି।

ଇତି ମଧ୍ୟରେ ମୌସୁମୀ ବାୟୁ ଗୁଜୁରାଟରେ ପ୍ରବେଶ କରିଛି। କିନ୍ତୁ ଦୁଇ ଦିନ ଧରି ଚାଲିଥିବା ପ୍ରବଳ ବର୍ଷାର ତୀବ୍ରତା ଏବେ ହ୍ରାସ ପାଇବ, କାରଣ ଲଘୁଚାପ କ୍ଷେତ୍ର ଉତ୍ତର-ପଶ୍ଚିମ ଆଡକୁ ଗତି କରିବା ଆରମ୍ଭ କରିଛି। ମଙ୍ଗଳବାର ଅପରାହ୍ନରେ ଦିଲ୍ଲୀରେ ପ୍ରବଳ ପ୍ରାକ୍ ମୌସୁମୀ ବର୍ଷା ଗରମ ହ୍ରାସ କରିଥିଲା। ପ୍ରବଳ ପବନ ସହିତ ବର୍ଷା ଆର୍‌ଦ୍ରତା ହ୍ରାସ କରିବା ସହିତ ତାପମାତ୍ରା ମଧ ହ୍ରାସ କରିଥିଲା।

ମୌସୁମୀ ବାୟୁ ଦିଲ୍ଲୀର ବହୁତ ନିକଟରେ ପହଞ୍ଚିଛି। ପାଣିପାଗ ବିଭାଗ ଅନୁଯାୟୀ, ବୁଧବାର ମଧ ଝଡ଼ବର୍ଷା ଏବଂ ବର୍ଷା ହେବ। ଏହା ଫଳରେ ଅନେକ ସ୍ଥାନରେ ପାଣି ଜମି ରହିଛି। ସପ୍ତାହାନ୍ତ ସୁଦ୍ଧା ମୌସୁମୀ ଦିଲ୍ଲୀର ବହୁତ ନିକଟରେ ପହଞ୍ଚିବାର ସମ୍ଭାବନା ମଧ ରହିଛି। ପାଣିପାଗ ବିଭାଗ ବୁଧବାର ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରିଛି।

ରାତିରେ ରାଜଧାନୀ ଦିଲ୍ଲୀରେ ହାଲୁକାରୁ ମଧ୍ୟମ ବର୍ଷା ସହିତ ଘଡ଼ଘଡ଼ି, ବିଜୁଳି ଏବଂ ୫୦ ରୁ ୬୦ କିଲୋମିଟର ବେଗରେ ପବନ ବହିବାର ପୂର୍ବାନୁମାନ କରାଯାଇଛି। ସର୍ବାଧିକ ଏବଂ ସର୍ବନିମ୍ନ ତାପମାତ୍ରା ଯଥାକ୍ରମେ ୩୪ ଏବଂ ୨୭ ଡିଗ୍ରୀ ସେଲସିୟସ୍ ରହିବାର ସମ୍ଭାବନା ରହିଛି ।ଚଳିତ ବର୍ଷ ଉତ୍ତର ପ୍ରଦେଶରେ ଭଲ ବର୍ଷା ଆଶା କରାଯାଉଛି। ୟୁପିର ଅନେକ ଅଞ୍ଚଳରେ ବର୍ଷା ହୋଇଛି। ବୁଧବାର ରାଜ୍ୟରେ ମୌସୁମୀ ପ୍ରବେଶ କରିବାର ଆଶା ରହିଛି। ଚଳିତ ସପ୍ତାହରେ ଭଲ ବର୍ଷା ହେବାର ସମ୍ଭାବନା ଅଛି, ଯାହା ଫଳରେ ଦିନର ତାପମାତ୍ରା ସାତ ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ହ୍ରାସ ପାଇପାରେ।

## ୨୦ରେ ଭୁବନେଶ୍ୱର, କଟକରେ ସ୍କୁଲ ଛୁଟି

ଭୁବନେଶ୍ୱର,୧୮।୬(ମହାଭାରତ): ଆସନ୍ତା ୨୦ ତାରିଖରେ ଭୁବନେଶ୍ୱର, କଟକ ମହାନଗରରେ ସ୍କୁଲ୍ ଛୁଟି ରହିବ। ଗଣଶିକ୍ଷା ବିଭାଗ ପକ୍ଷରୁ ଖୋର୍ଦ୍ଧା ଓ କଟକ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଚିଠି ଲେଖି ଏହି ସୂଚନା ଦିଆଯାଇଛି। ୨୦ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଭୁବନେଶ୍ୱର ଓ କଟକରେ ସ୍କୁଲ୍ ଛୁଟି ରଖିବାକୁ ନିଷ୍ପତ୍ତି ହୋଇଛି। ରାଜ୍ୟ ସରକାରଙ୍କ ବର୍ଷ ପୂର୍ତି ପାଇଁ ବିପୁଳ ଜନ ସମାଗମ ହେବାର ସମ୍ଭାବନା ରହିଛି। ଏଥିଯୋଗୁଁ ଟ୍ରାଫିକ୍ ସମସ୍ୟା ଆଶଙ୍କା କରି ସ୍କୁଲ୍ ଛୁଟି ପାଇଁ ନିଷ୍ପତି ନେଇଛି ଗଣଶିକ୍ଷା ବିଭାଗ।

ଏହି ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ଏକାଧିକ କାର୍ଯ୍ୟକ୍ରମରେ ଯୋଗଦେବେ ।ତାଙ୍କର ଗସ୍ତରେ ରୋଡ ସୋ ଏବଂ ଜନତା ମଇଦାନରେ ଜନସଭାକୁ ସମ୍ବୋଧିତ କରିବା ଆକର୍ଷଣୀୟ ହେବ। ମୋଦୀଙ୍କ ଗସ୍ତ ପାଇଁ ରାଜଧାନୀ ଭୁବନେଶ୍ୱର ପୁଣି ଥରେ ଜନସମୁଦ୍ର ପାଲଟିବ। ରାଜ୍ୟର କୋଣଅଣୁକୋଣରୁ ଲୋକେ ଆସିବେ ସମ୍ଭାବିତ ଭିଡ଼ ଯୋଗୁଁ ସ୍କୁଲ ପିଲାମାନେ ଟ୍ରାଫିକ୍‌ଜନିତ ସମସ୍ୟାର ସାମ୍ନା କରିବାର ଆଶଙ୍କା କରି ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆସନ୍ତା ୨୦ ତାରିଖ ଦିନ ଭୁବନେଶ୍ୱର ଓ କଟକ ମହାନଗର ନିଗମ ଅଞ୍ଚଳରେ ଥିବା ବିଦ୍ୟାଳୟଗୁଡ଼ିକ ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି ।

# ଜନଜାତି କଲ୍ୟାଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିବଦ୍ଧ : ମୁଖ୍ୟମନ୍ତ୍ରୀ

ବାରିପଦା,୧୮।୬(ମହାଭାରତ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସରରେ ବାରିପଦାର ଛଉ ପଡ଼ିଆ ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଆଦିବାସୀ ଶକ୍ତି ସମାବେଶକୁ ଉଦଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତିଯେ, ଓଡ଼ିଶା ସାଂସ୍କୃତିକ ବୈଭବ ଚିତ୍ରପଟରେ ଜନଜାତି ସଂସ୍କୃତି ଏକ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଛି ତେଣୁ ଏହି ସଂସ୍କୃତିର ବିକାଶ ପାଇଁ ଆଗାମୀ ୨୦୩୬ ସୁଦ୍ଧା ଓଡିଶାକୁ ସମୃଦ୍ଧ ଓଡିଶାରେ ପରିଣତ କରିବାକୁ ହେବ। ଆଗାମୀ ୧୧ ବର୍ଷ ଭିତରେ ଏହି ଲକ୍ଷ୍ୟକୁ ସାକାର କରିବାକୁ ହେଲେ ରାଜ୍ୟର ୪୦ ପ୍ରତିଶତ ଜନସଂଖ୍ୟା ବିଶିଷ୍ଟ ଜନଜାତି ଏବଂ ଅନୁସୂଚିତ ଜାତିଙ୍କ ବିକାଶ କରିବାକୁ ହେବ।

ଆଜି ଏହି "ଆଦିବାସୀ ଶକ୍ତି ସମାବେଶ" ରେ ସଂସ୍କୃତି ଓ ପରମ୍ପରାର ଏକ ଅପୂର୍ବ ମିଳନ ହେଉଛି। ରାଜ୍ୟ ସରକାରଙ୍କ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ଏବଂ ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି ମେଳା ରାଜ୍ୟର ସମସ୍ତ ଆଦିବାସୀ ସମ୍ପ୍ରଦାୟଙ୍କୁ ଏକାଠି କରିବାର ଓ ସେମାନଙ୍କୁ ପରସ୍ପରର ସଂସ୍କୃତି ସହ ପରିଚିତ କରାଇବାର ଏକ ସୁଯୋଗ ସୃଷ୍ଟି କରି ଆସୁଛି । ଏହି ସମାବେଶର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଆଦିବାସୀ ସମ୍ପ୍ରଦାୟର ସମସ୍ତ ସମସ୍ୟା ଓ ଆବଶ୍ୟକତାକୁ ସୁନିଶ୍ଚିତ କରିବା। ଆମେ ତାଙ୍କର ଶିକ୍ଷା, ସ୍ୱାସ୍ଥ୍ୟ, ଓ ସାମାଜିକ ସୁରକ୍ଷାରେ ଉନ୍ନତି କରିବା ପାଇଁ ପ୍ରତିବଦ୍ଧ ବୋଲି ସେ କହିଥିଲେ।



ଓଡିଶାର ପ୍ରାଣ ହେଉଛନ୍ତି ଏହାର ଜନଜାତି । ରାଜ୍ୟର ପ୍ରାୟ ଏକ ଚତୁର୍ଥାଂଶ ହେଉଛନ୍ତି ଆଦିବାସୀ ସଂପ୍ରଦାୟ ।ଆଦିବାସୀ ଜନଜାତି ଆଜି ଭାରତର ଶ୍ରେଷ୍ଠ ସ୍ଥାନ ଗ୍ରହଣ କରିଛନ୍ତି ଏବଂ ମୟୂରଭଞ୍ଜରୁ ୭ ଜଣ ଆଦିବାସୀ ସମ୍ପ୍ରଦାୟ ର ବିଧାୟକ ମାନେ ଆଜି ଏହି ଜିଲ୍ଲାର ପ୍ରତିନିଧିତ୍ୱ କରୁଛନ୍ତି, ଏହା ଆମ ପାଇଁ ଗୌରବର ବିଷୟ । ଯେତେବେଳେ ସମ୍ମାନର କଥା ଆସେ ଏଇ ମୟୂରଭଞ୍ଜ ମାଟିର ଜଣେ ସାଧାରଣ ପରିବାରର ଝିଅ ବହୁ ବାଧାବିଘ୍ନ ସତ୍ତ୍ୱେ ଆଜି ଦେଶରା ପ୍ରଥମ ନାଗରିକ, ମହାମହିମ ରାଷ୍ଟ୍ରପତି ପଦରେ ଦେଶକୁ ଗୌରବାନ୍ୱିତ କରୁଛନ୍ତି। କେବଳ ମୟୂରଭଞ୍ଜ ନୁହେଁ ସାରା ଦେଶର ଜନଜାତି ଝିଅ, ପ୍ରତ୍ୟେକ ମହିଳାଙ୍କ ପାଇଁ ପ୍ରାରଣାର ଉତ୍ସ। ଭାରତୀୟ ସଂସ୍କୃତି ଓ ପରମ୍ପରା ଜନଜାତିଙ୍କ ବିନା କଳ୍ପନା କରିବା ଅସମ୍ଭବ ବୋଲି ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଛନ୍ତି।

ସେ କହିଛନ୍ତିଯେ, କେନ୍ଦ୍ର ସରକାରଙ୍କ ସହିତ ଓଡିଶା ରାଜ୍ୟ ସରକାର ଜନଜାତି କଲ୍ୟାଣ ପାଇଁ ପ୍ରତିବଦ୍ଧ। ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନ ଅଧିନରେ ରାଜ୍ୟର ଜନଜାତି ସମୁଦାୟର ଜୀବିକା ବିକାଶକୁ ପ୍ରୋତ୍ସାହନ କରାଯାଉଛି । କୃଷି, ଜଳସେଚନ ଓ ପଶୁପାଳନ ମାଧ୍ୟମରେ ୧.୪୫ ଲକ୍ଷ ଜନଜାତି ପରିବାରର ଜୀବିକା ଓ ଆର୍ଥିକ ସ୍ଥିତିରେ ଉନ୍ନତି ଆସିଛି । ୫ ହଜାର ଆଦିବାସୀ ଯୁବକ ଓ ଯୁବତୀମାନେ ପ୍ରତ୍ୟେକେ ୧ ଲକ୍ଷ ଟଙ୍କା ସହଯୋଗ ରାଶି ପାଇ ଲଘୁ ଉଦ୍ୟୋଗ ଆରମ୍ଭ କରି ଉପକୃତ ହୋଇଛନ୍ତି । ଛାତ୍ରଛାତ୍ରୀଙ୍କ ଆବାସିକ ଶିକ୍ଷାକୁ ସହଜ କରିବା ପାଇଁ ୨୦୨୪ ଆର୍ଥିକ ବର୍ଷରେ ୮୩ ଗୋଟି ନୂତନ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଛାତ୍ରାବାସ, ୨୩ଟି ଅନ୍ୟାନ୍ୟ ପଛୁଆବର୍ଗ ଛାତ୍ରାବାସ ଏବଂ ୨୨୯ ଗୋଟି ପ୍ରାଥମିକ ବିଦ୍ୟାଳୟ ଛାତ୍ରାବାସ ପାଇଁ ମୋଟ ୭୩୨.୪୮ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

ଶିକ୍ଷାକୁ ସୁଦୂରପ୍ରସାରି କରିବା ନିମନ୍ତେ ମାଧ୍ୟମିକ ଏବଂ ଉଚ୍ଚ ମାଧ୍ୟମିକ ସ୍ତରରେ ସହିଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନାଟିକୁ ଆରମ୍ଭ ହୋଇଛି । ଆବାସିକ ବିଦ୍ୟାଳୟଗୁଡ଼ିକୁ ଅତ୍ୟାଧୁନିକ ଶିକ୍ଷାନୁଷ୍ଠାନରେ ପରଣିତ କରିବା ଲକ୍ଷ୍ୟରେ ସହିଦ ଲକ୍ଷ୍ମଣ ନାୟକ ଆଦର୍ଶ ଆଶ୍ରମ ବିଦ୍ୟାଳୟ ଯୋଜନା ନିମନ୍ତେ ୧୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । 'ବିକଶିତ ଓଡିଶା, ବିକଶିତ ଭାରତ'ର ସାରଥି କରିବା ଉଦ୍ଦେଶ୍ୟରେ ରାଜ୍ୟରେ ପିଏମ୍-ଜନମନ ଯୋଜନାର ପ୍ରଚାରପ୍ରସାର କରାଯାଉଛି । ଏହି ଅଭିଯାନ ରାଜ୍ୟର ୧୪ ଟି ଜିଲ୍ଲାର ୧୬୭୯ ଟି ଗ୍ରାମରେ ବାସ କରୁଥିବା ୨,୯୪,୭୧୨ ଜଣ ବିଶେଷ ଭାବେ ଅନୁନ୍ନତ ଜନଜାତି ସମୁଦାୟ (ପିଭିଟିଜି) ଙ୍କ ନିକଟରେ ପହଞ୍ଚିବ । ରାଜ୍ୟ ସରକାର ଆଦିବାସୀ ସଂସ୍କୃତି ଓ ଐତିହ୍ୟ ଭବନ ଏବଂ ଆଦିବାସୀ ଭାଷା ପ୍ରତିଷ୍ଠାନ ନିମନ୍ତେ ଯଥାକ୍ରମେ ୧୦୦ କୋଟି ଓ ୫୦ କୋଟି ଟଙ୍କା ବ୍ୟୟ ବରାଦରେ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

# ମୁମ୍ବାଇ ଯିବେ ନବୀନ

ଭୁବନେଶ୍ୱର,୧୮।୬(ମହାଭାରତ): ବିରୋଧୀ ଦଳ ନେତା ତଥା ୫ଥରର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅସୁସ୍ଥ ଅଛନ୍ତି। ଚିକିତ୍ସା ପାଇଁ ସେ ତିନିଦିନ ପରେ ମୁମ୍ବାଇ ଯିବେ ବିଜେଡି ସୁପ୍ରିମୋ। ନିଜର ଅସୁସ୍ଥତା ସଂପର୍କରେ ସାମାଜିକ ଗଣମାଧ୍ୟମରେ ଟୁଇଟ୍ କଲା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଚିନ୍ତାପ୍ରକଟ କରିଛନ୍ତି। ସେ ନବୀନଙ୍କ ସହ ଫୋନ ଯୋଗେ ଆଲୋଚନା କରି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ମହାପ୍ରଭୁ

### ଚିନ୍ତା ପ୍ରକଟ କଲେ ମୁଖ୍ୟମନ୍ତ୍ରୀ

ଶ୍ରୀ ଜଗନ୍ନାଥଙ୍କ କୃପାରୁ ଶୀଘ୍ର ସୁସ୍ଥ ହୋଇଯାଆନ୍ତୁ ବୋଲି ପ୍ରାର୍ଥନା କରିଥିଲେ।

ସାମାଜିକ ଗଣମାଧ୍ୟମ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ଅସୁସ୍ଥତା ବିଷୟରେ ଜାଣି ଚିନ୍ତିତ। ତାଙ୍କର ଚିକିତ୍ସା ପ୍ରକ୍ରିୟା ସୁରୁଖୁରୁରେ ସମ୍ପନ୍ନ ହେଉ ଓ ଆଶୁ ଆରୋଗ୍ୟ ଲାଭକରି ଉତ୍ତମ ସ୍ୱାସ୍ଥ୍ୟ ଲାଭ କରନ୍ତୁ ବୋଲି ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛି।

ଏହା ପୂର୍ବରୁ ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ଟୁଇଟ୍ କରି ନବୀନ କହିଥିଲେ ଯେ, ସର୍ଭିକାଲ ଆର୍ଥ୍ରାଇଟିସ୍ ସମସ୍ୟା ନେଇ ମୋର ଚିକିତ୍ସା ହେବ। ମୁମ୍ବାଇସ୍ଥିତ



କୋକିଲାବେନ୍ ଧୀରୁଭାଇ ଅମ୍ବାନୀ ହସ୍‌ପିଟାଲରେ ଏହି ଚିକିତ୍ସା ହେବ। ମୋର ବ୍ୟକ୍ତିଗତ ଡାକ୍ତର ରମାକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଚିକିତ୍ସା ହେବ। ଏଥି ପାଇଁ ପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ ମାଗୁଛି। ଓଡିଆ ଭାଇଭଉଣୀଙ୍କର ଶୁଭକାମନା ଚାହୁଁଛି।ବିଜୁ ଜନତା ଦଳ (ବିଜେଡି) ସୁପ୍ରିମୋ କହିଛନ୍ତି, ମୁଁ ଶୀଘ୍ର ସୁସ୍ଥ ହୋଇ ଫେରି ଆସିବି। ଓଡିଶାର ସମସ୍ତଙ୍କ ସେବା ଜାରି ରଖିବାକୁ ଅପେକ୍ଷା କରିଛି। ତେବେ ଏହି ଖବର ନବୀନଙ୍କ ଅନୁଗାମୀଙ୍କ ମଧ୍ୟରେ ଚର୍ଚ୍ଚାର ବିଷୟ ହୋଇଛି। ତାଙ୍କର ସମର୍ଥକମାନେ ସାମାଜିକ ଗଣମାଧ୍ୟମ ମାଧ୍ୟମରେ ଶୁଭେଚ୍ଛା ଜଣାଇଛନ୍ତି। ନବୀନଙ୍କ ଏହି ଯାତ୍ରା ଏବଂ ଚିକିତ୍ସା ସମ୍ପର୍କରେ ଅଧିକ ତଥ୍ୟ ଶୀଘ୍ର ସାମ୍ନାକୁ ଆସିବ ବୋଲି ଆଶା କରାଯାଉଛି।

# ଚକମାଙ୍କ ବିରୋଧରେ ମାମଲା ରୁଜୁ କଲା ଭିଜିଲାନ୍ସ

ଭୁବନେଶ୍ୱର,୧୮।୬(ମହାଭାରତ): ଧର୍ମଗଡ଼ର ଉପଜିଲ୍ଲାପାଳ ଧୀମାନ ଚକମା ଗିରଫ ଘଟଣାରେ ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତି ମାମଲା ରୁଜୁ କରିଛି ଭିଜିଲାନ୍ସ। ଏହି କ୍ରମରେ ଧୀମାନଙ୍କ ପୈତୃକ ଘର ତ୍ରିପୁରାରେ ଭିଜିଲାନ୍ସ ଚଢ଼ଉ କରିଛି। ତ୍ରିପୁରା ଓ ହିମାଂଚଳ ପ୍ରଦେଶରେ ଭିଜିଲାନ୍ସର ୩ ଟିମ ଖୋଳ ତାଡ଼ କରୁଛି । ତ୍ରିପୁରାର କାଂଚନପୁରରେ ଚକମାଙ୍କର ଗୋଟିଏ ଘର ରହିଥିବା ଜଣାପଡିଛି। ହିମାଂଚଳ ପ୍ରଦେଶର ଶଶୁର ଘରେ ମଧ୍ୟ ଭିଜିଲାନ୍ସ ଚଢ଼ଉ କରୁଛି। ଚଢ଼ାଉ ବେଳେ ବ୍ୟାଙ୍କ ଷ୍ଟେଟ ମେଂଟ ଏବଂ ସ୍ଥାବର ଅସ୍ଥାବର ସମ୍ପତିର କାଗଜପତ୍ର ଯାଂଚ କରୁଛି ଭିଜିଲାନ୍ସ। ଭିଜିଲାନ୍ସ ଏକ ବିବୃତିରେ କହିଛି ଯେ ଦଳଗୁଡ଼ିକ ଉତ୍ତର ତ୍ରିପୁରାର କାଞ୍ଚନପୁରରେ ଚକମାଙ୍କ ବାସଭବନ ଏବଂ ହିମାଚଳ ପ୍ରଦେଶର କୁଲୁ ଜିଲାର ମନାଲି ଥାନା ଅଧୀନ ସାମିନାଲା ଓ ଲାହୋଲ-ସ୍ପିଟି ଜିଲାର କେୟଲଙ୍ଗ ଥାନା ଅଧୀନ ରାଙ୍ଗବେଇରେ ଥିବା ତାଙ୍କ ଶ୍ୱଶୁର ଘରେ ଯାଞ୍ଚ ଓ ତଲାସୀ କାର୍ଯ୍ୟ କରିଛନ୍ତି। ଭବାନୀପାଟଣାସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ ଜଜଙ୍କ ଦ୍ୱାରା ଜାରି ହୋଇଥିବା ଓ୍ୱାରେଣ୍ଟ ଆଧାରରେ ଏହି ତଲାସୀ କାର୍ଯ୍ୟ କରାଯାଇଛି। ଭିଜିଲାନ୍ସ କହିଛି, ବ୍ୟାଙ୍କ ଓ ଅନ୍ୟ ଆର୍ଥିକ ଉପକରଣରେ ଜମା ଓ ନିବେଶ ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ଦଲିଲଗୁଡ଼ିକ ସଂଗ୍ରହ ଓ ଯାଞ୍ଚ କରାଯାଉଛି। ଅନ୍ୟ ସ୍ଥାବର ଓ ଅସ୍ଥାବର ସମ୍ପତ୍ତିର ବିବରଣୀ ସହ ଆୟ ବର୍ହିଭୁତ ଦୃଷ୍ଟିକୋଣରୁ ଯାଞ୍ଚ କରାଯାଉଛି ତଲାସୀ କାର୍ଯ୍ୟ ଏବେ ବି ଜାରି ରହିଛି।



## ବିଶାଖାପାଟଣାରେ ଯୋଗ କରିବେ ପ୍ରଧାନମନ୍ତ୍ରୀ

ବିଶାଖାପାଟଣା,୧୮।୬(ମହାଭାରତ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ୨୧ ଜୁନରେ ୧୧ତମ ଅନ୍ତର୍ଜାତୀୟ ଯୋଗ ଦିବସ ଅବସରରେ ବିଶାଖାପାଟଣାରେ ଯୋଗାଭ୍ୟାସ କରିବେ। ଏ ବର୍ଷ ଯୋଗ ଦିବସର ବିଷୟବସ୍ତୁ (ଥିମ୍) ହେଉଛି 'ଏକ ପୃଥିବୀ, ଏକ ସ୍ୱାସ୍ଥ୍ୟ'। ଏହି ଆୟୋଜନକୁ ଐତିହାସିକ କରିବା ପାଇଁ ରାଜ୍ୟ ସରକାର ବିଶେଷ ବ୍ୟବସ୍ଥା କରୁଛନ୍ତି। 'ଯୋଗ ଆନ୍ଧ୍ର-୨୦୨୫' ଅଭିଯାନ ଅନ୍ତର୍ଗତ ବିଶାଖାପାଟଣାର ରାମକୃଷ୍ଣ ବିଚ୍ ରୋଡ଼ ସ୍ଥିତ ସମୁଦ୍ରତଟରେ ଏକ ସମୟରେ ୫ ଲକ୍ଷ ଲୋକଙ୍କ ସହିତ ଯୋଗ କରି ଏକ ବିଶ୍ୱ ରେକର୍ଡ ବନେଇବାକୁ ପ୍ରସ୍ତୁତି ଚାଲିଛି। ଏହାର ବ୍ୟବସ୍ଥା ନିଜେ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାୟଡୁ ଓ ତାଙ୍କ ପୁଅ ଲୋକେଶ ନଜର ରଖୁଛନ୍ତି।

ବିଶାଖାପାଟଣାର ସମୁଦ୍ରତଟରେ ହେବାକୁ ଯାଉଥିବା ୧୧ତମ ଆନ୍ତର୍ଜାତୀୟ ଯୋଗ ଦିବସ କାର୍ଯ୍ୟକ୍ରମକୁ ରାଜ୍ୟ ସରକାର ଐତିହାସିକ କରିବାରେ ଲାଗିଛନ୍ତି । ଏଥି ପାଇଁ ସମୁଦ୍ରତଟରେ ୫ ଲକ୍ଷ ଲୋକଙ୍କ ସହିତ ଯୋଗାସନ କରି ବିଶ୍ୱ ରେକର୍ଡ ସ୍ଥାପନ କରିବା ପ୍ରସ୍ତୁତି ଚାଲିଛି। ଏଥିପାଇଁ ଆଁକେ ବିଚ୍ ସ୍ଥିତ କାଳୀମାତା ମନ୍ଦିରରୁ ଆରମ୍ଭ କରି ବିଜୟନଗରମ ଜିଲ୍ଲାର ଭୋଗାପୁରମ ପର୍ଯ୍ୟନ୍ତ ସମୁଦ୍ରତଟରେ ଯୋଗାସନ କରିବାର ବ୍ୟବସ୍ଥା ହେଉଛି। ବିଚ୍ ରୋଡ଼ରେ ୩୨୬ଟି କମ୍ପାର୍ଟମେଣ୍ଟ ପ୍ରସ୍ତୁତ କରାଯାଉଛି। ପ୍ରତ୍ୟେକ କମ୍ପାର୍ଟମେଣ୍ଟରେ ୪୦ ଫୁଟ୍ ରେ ଏକ ଛୋଟ ମଞ୍ଚ ତିଆରି ହେଉଛି। ମୁଖ୍ୟ ମଞ୍ଚ ନିକଟରେ ରାସ୍ତା ଉପରେ ହରିତ ରଙ୍ଗର କାଳି ବିଛାଯାଉଛି। କାର୍ଯ୍ୟକ୍ରମକୁ ଦେଖିବା ପାଇଁ ମୁଖ୍ୟ ମଞ୍ଚରେ ଏଲଇଡି ସ୍କ୍ରିନ୍ ଲଗାଯାଉଛି।

## ୧୫ ଦିନରେ ଭୋଟର ଫଟୋ ପରିଚୟପତ୍ର

ନୂଆଦିଲ୍ଲୀ,୧୮।୬(ମହାଭାରତ): ଭୋଟରମାନଙ୍କୁ ସେମାନଙ୍କର ଫଟୋ ପରିଚୟପତ୍ର (ଇପିଆଇସି) ଶୀଘ୍ର ଏବଂ ସମୟାନୁସାରେ ପ୍ରଦାନ କରିବା ପାଇଁ ନିର୍ବାଚନ କମିଶନ ଏକ ନୂତନ ମାନକ ପ୍ରକ୍ରିୟା (ଆସଓପି) ସ୍ଥିର କରିଛନ୍ତି। ବର୍ତ୍ତମାନ ନୂତନ ନାମଲେଖା କିମ୍ବା ଭୋଟର ବିବରଣୀରେ କୌଣସି ପରିବର୍ତ୍ତନର ୧୫ ଦିନ ମଧ୍ୟରେ ଭୋଟର ପରିଚୟପତ୍ର (ଇପିଆଇସି) କାର୍ଡ ପ୍ରାପ୍ତ ହେବ।

ଏହି ପଦକ୍ଷେପ ଭୋଟରଙ୍କ ସୁବିଧା ପାଇଁ ନିଆଯାଉଥିବା ବିଭିନ୍ନ ପଦକ୍ଷେପର ଏକ ଅଂଶ, ଯାହା ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର ଏବଂ ନିର୍ବାଚନ କମିଶନର ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଜୋଶୀଙ୍କ ମାର୍ଗଦର୍ଶନରେ ଆରମ୍ଭ ହୋଇଛି। ନୂତନ ବ୍ୟବସ୍ଥା ଇପିଆଇସି କାର୍ଡ ତିଆରି କରିବା ଠାରୁ ଭୋଟରଙ୍କୁ ଏହାର ବିତରଣ ପର୍ଯ୍ୟନ୍ତ ପ୍ରତ୍ୟେକ ପ୍ରକ୍ରିୟାର ପ୍ରକୃତ ସମୟ ଟ୍ରାକିଂ ପ୍ରଦାନ କରିବ। ଭୋଟରଙ୍କୁ ଏସଏମଏସ୍ ମାଧ୍ୟମରେ ପ୍ରତ୍ୟେକ ପର୍ଯ୍ୟାୟ ବିଷୟରେ ସୂଚନା ଦିଆଯିବ।

# ୩ ମାଓନେତା ନିହତ

ପାଡେରୁ ରାମପଚୋଦବରମ,୧୮।୬(ମହାଭାରତ): ଅଲ୍ଲୁରି ସୀତାରାମ ରାଜୁ ଜିଲ୍ଲାରେ ମଙ୍ଗଳବାର ବିଳମ୍ବିତ ରାତିରେ ଦେବୀପଟ୍ଟଣମ୍ ମଣ୍ଡଳର କୋଣ୍ଡାମୋଡାଲୁ ଜଙ୍ଗଲ ଅଞ୍ଚଳରେ ସୁରକ୍ଷା ବଳ ଓ ମାଓବାଦୀଙ୍କ ମଧ୍ୟରେ ହୋଇଥିବା ଗୁଳି ବିନିମୟରେ ତିନିଜଣ ମୁଖ୍ୟ ମାଓବାଦୀ ନେତା ମୃତ୍ୟୁବରଣ କରିଛନ୍ତି। ସୁରକ୍ଷା ବଳ ଘଟଣାସ୍ଥଳରୁ ତିନିଟି ଏକେ-୪୭ ରାଇଫଲ୍ ଜବତ କରିଛି। ମୃତ ମାଓବାଦୀମାନଙ୍କ ମଧ୍ୟରେ ମୃତ ମାଓବାଦୀ ଶୀର୍ଷ ନେତା ଚଳପତି ରାଓର ପତ୍ନୀ ଓ ସ୍ପେଶାଲ୍ ଜୋନ୍ କମିଟିର ସଦସ୍ୟା ଅରୁଣା, ସେଣ୍ଟ୍ରାଲ୍ କମିଟିର ସଦସ୍ୟ ଗଜର୍ଲା ରବି ଓରଫ ଉଦୟ ଓ ଏଓବି ସ୍ପେଶାଲ୍ ଜୋନ୍ କମିଟିର ଏସିଏମ୍ ଅଞ୍ଜୁ ରହିଛି।



ମାଓବାଦୀ ଶୀର୍ଷ ନେତା ଦିବଙ୍ଗତ ଚଳପତି ରାଓର ପତ୍ନୀ ଓ ସ୍ପେଶାଲ୍ ଜୋନ୍ କମିଟିର ସଦସ୍ୟା ଅରୁଣା ୨୦୧୮ରେ ଡୁମ୍ବ୍ରିଗୁଡା ନିକଟରେ ବିଧାୟକ କିଦାରି ସର୍ବେଶ୍ୱର ରାଓ ଓ ପୂର୍ବତନ ବିଧାୟକ ସିଭେରି ସୋମାଙ୍କ ହତ୍ୟା ଘଟଣାରେ ଅଭିଯୁକ୍ତ ଥିଲେ। ଅରୁଣା, ବିଶାଖାପାଟଣା ଜିଲ୍ଲାର ପେଣ୍ଡୁର୍ଥୀ ମଣ୍ଡଳ ଅନ୍ତର୍ଗତ କର୍କାବଣୀପାଲେମ ଗ୍ରାମର ମୂଳ ନିବାସୀ ଥିଲେ। ଏହା ସହିତ ସହିତ, ମାଓବାଦୀ ଗଜର୍ଲା ରବି ଓରଫ ଉଦୟ ଉପରେ ୨୫ ଲକ୍ଷ ଟଙ୍କା ଓ ଅରୁଣା ଉପରେ ୨୦ ଲକ୍ଷ ଟଙ୍କାର ଇନାମ ଘୋଷଣା ହୋଇଥିଲା।

# ଟ୍ରମ୍ପଙ୍କୁ ଫୋନରେ ଜବାବ ଦେଲେ ମୋଦୀ

ନୂଆଦିଲ୍ଲୀ,୧୮।୬(ମହାଭାରତ): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତାଙ୍କର ପୁରୁଣା ରୋଗ ଛାଡ଼ିପାରୁନାହାଁନ୍ତି। ଯୁଦ୍ଧବିରତିକୁ ନେଇ ଭାରତର ବାରମ୍ବାର ବୟାନ ସତ୍ତ୍ୱେ ଟ୍ରମ୍ପ କିନ୍ତୁ ମାନିବାକୁ ପ୍ରସ୍ତୁତ ନୁହଁନ୍ତି। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଆମେରିକାକୁ ସିଧା ସିଧା ଶୁଣାଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ଫୋନରେ କଥାବାର୍ତ୍ତା ହୋଇଥିଲା । ଉଭୟ ୩୫ ମିନିଟ୍ ଧରି କଥା ହୋଇଥିଲେ ଏବଂ ଏଥିରେ ପ୍ରଧାନମନ୍ତ୍ରୀ ମୋଦି ଟ୍ରମ୍ପଙ୍କୁ କହିଥିଲେ ଯେ 'ଭାରତ କେବେ ମଧ୍ୟସ୍ଥତା ଗ୍ରହଣ କରିନାହିଁ, କେବେ କରେ ନାହିଁ ଏବଂ କେବେ କରିବ ନାହିଁ ।'



ପ୍ରଧାନମନ୍ତ୍ରୀ ମୋଦି ଆତଙ୍କବାଦ ଉପରେ କଠୋର ଆଭିମୁଖ୍ୟ ଗ୍ରହଣ କରିଥିଲେ ଏବଂ ଡୋନାଲ୍ଡ ଟ୍ରମ୍ପଙ୍କୁ ସ୍ପଷ୍ଟ କରିଥିଲେ ଯେ ଭାରତ ଆମେରିକା ସହିତ ବାଣିଜ୍ୟ ଚୁକ୍ତି କରିବାକୁ ପ୍ରଲୋଭିତ ନୁହେଁ ଏବଂ ଆତଙ୍କବାଦ ବିରୁଦ୍ଧରେ କୌଣସି ପ୍ରକାରର ବୁଝାମଣା କରିବ ନାହିଁ। ବୈଦେଶିକ ସଚିବ ବିକ୍ରମ ମିଶ୍ରି କହିଛନ୍ତି ଯେ କଥାବାର୍ତ୍ତାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଡୋନାଲ୍ଡ ଟ୍ରମ୍ପଙ୍କୁ କହିଥିଲେ ଯେ ଭାରତ ପାକିସ୍ତାନର ଗୁଳିର ଜବାବ ଗୁଳିରେ ଦେବ ଅପରେଶନ ସିନ୍ଦୂର ଏବେ ବି ଚାଲିଛି। ଆତଙ୍କବାଦ ବିରୁଦ୍ଧରେ ଲଢ଼େଇରେ ପ୍ରଧାନମନ୍ତ୍ରୀ ମୋଦି ଟ୍ରମ୍ପଙ୍କୁ ସ୍ପଷ୍ଟ ଭାବରେ କହିଥିଲେ ଯେ ଭାରତ କୌଣସି ବାଣିଜ୍ୟ ଚୁକ୍ତି କରିବ ନାହିଁ ଏବଂ ଆତଙ୍କବାଦ ବିରୁଦ୍ଧରେ ଭାରତର ଲଢ଼େଇ ଜାରି ରହିବ।

ଭାରତ-ପାକିସ୍ତାନ ଯୁଦ୍ଧ ବନ୍ଦ ନେଇ ପୁଣି ବଡ ବୟାନ ଦେଇଛନ୍ତି ଡୋନାଲ୍ଡ ଟ୍ରମ୍ପ। ପୁରୁଣା କଥାକୁ ଦୋହରାଇ ପୁଣି ଟ୍ରମ୍ପ କହିଲେ- ମୁଁ ବନ୍ଦ କରିଛି ଭାରତ-ପାକିସ୍ତାନ ମଧ୍ୟରେ ଯୁଦ୍ଧ। ଟ୍ରମ୍ପ ଏହି ଅବସରରେ ନିଜର ପାକିସ୍ତାନ ପ୍ରୀତି ଦେଖାଇ କହିଛନ୍ତି। ଟ୍ରମ୍ପ କହି ମୋର ପାକିସ୍ତାନ ପ୍ରତି ଭଲପାଇବା ରହିଛି, ମୋଦୀ ଭାରି ବଢିଆ। ଲୋକ ଗତକାଲି ରାତିରେ ମୁଁ ମୋଦୀଙ୍କ ସହ କଥା ହୋଇଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଆମେ ଏକ ବଡ ବ୍ୟାପାର ନେଇ ବୁଝାମଣା କରିବାକୁ ଯାଉଛୁ ।

## ବେବିକର୍ଣ୍ଣ ଚିଲି

**ବେବିକର୍ଣ୍ଣ :** ୨୦୦ଗ୍ରାମ, ମଇଦା: ୨୫ଗ୍ରାମ, ଆରାରୁଟ ପାଉଡ଼ର: ୨୫ଗ୍ରାମ, ତେଲ: ୫୦୦ ମିଲି, ଲଙ୍କା: ୨ଟି , ପିଆଜ: ୨ଟି , ଲୁଣ: ସ୍ୱାଦ ଅନୁସାରେ, ତେଲ: ଆବଶ୍ୟକତା ଅନୁସାରେ, ସିମଲା ଲଙ୍କା: ୧୦୦ଗ୍ରାମ, ଚିଲି ସସ୍: ୩ ଛୋଟୋ ଚାମଚ, ଅଦାରସୁଣ ପେଷ୍ଟ: ୧ ଚାମଚ, ରାଶି: ଅଳ୍ପ

**ପ୍ରସ୍ତୁତ ପ୍ରଣାଳୀ:** ବେବିକର୍ଣ୍ଣକୁ ଛୋଟ ଛୋଟ କରି କାଟି ଦିଅନ୍ତୁ। ସେଥିରେ ମଇଦା ଓ ଲୁଣ ପକାଇ ଗୋଳାନ୍ତୁ । ଏହା ପରେ ପିଆଜ ଓ ସିମଲା ଲଙ୍କା, ଲଙ୍କା ଛୋଟ ଛୋଟ କାଟି ଏକ ପାତ୍ରରେ ରଖନ୍ତୁ । ଗ୍ୟାସ ଅନ୍ କରି ଏକ କଡେଇରେ ତେଲ ଗରମ କରି ସେଥିରେ ଗୋଳା ହୋଇଥିବା ବେବିକର୍ଣ୍ଣକୁ ଛାଣି ଦିଅନ୍ତୁ । ଗୋଲ୍ଡେନ ବ୍ରାଉନ ହେବା ଯାଏଁ ଛାଣନ୍ତୁ । ଏହାପରେ ପୁଣି କଡେଇ ବସାଇ ସେଥିରେ ଅଳ୍ପ ତେଲ ଗରମ କରନ୍ତୁ। ସେଥିରେ ଅଦାରସୁଣ ପେଷ୍ଟ ପକାଇ ଭାଜିବା ପରେ ପିଆଜ, ସିମଲା ଲଙ୍କା ଓ ଲଙ୍କାକୁ ପକାଇ ଅଳ୍ପ ଭାଜନ୍ତୁ । ଏହାପରେ ସେଥିରେ ଏକ କପ ପାଣି ପକାନ୍ତୁ । ସେଥିରେ ସବୁ ସସ ପକାଇ ଫୁଟିବା ପରେ ଲୁଣ ପକାନ୍ତୁ । ସେଥିରେ ବେବିକର୍ଣ୍ଣ ପକାନ୍ତୁ । ବେବିକର୍ଣ୍ଣରେ ସବୁ ସସ୍ ଲାଗିବା ପରେ ପାଣି ଶୁଖେଇ ଦିଅନ୍ତୁ । ସେଥିରେ ରାଶି ପକାଇ ଗୋଳାଇ ଦିଅନ୍ତୁ । ଏହାପରେ ଗ୍ୟାସ ବନ୍ଦ କରି ଏକ ପାତ୍ରକୁ ବାହାର କରିନିଅନ୍ତୁ ଚଟପଟା ବେବିକର୍ଣ୍ଣ ଚିଲି ।



ଖବର

# ମଞ୍ଚରେ 'ମହାସଂଗ୍ରାମର ମହାନାୟକ'



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପରେ ଅନୁଷ୍ଠିତ ହେଉଥିବା ବରପୁତ୍ର ନାଟକ କାର୍ଯ୍ୟକ୍ରମରେ 'ମହାସଂଗ୍ରାମର ମହାନାୟକ' ମଞ୍ଚସ୍ଥ ହୋଇଛି। ବକ୍ସି ଜଗବନ୍ଧୁଙ୍କ ଜୀବନ କାହାଣୀ ଉପରେ ଆଧାରିତ ଏହି ନାଟକକୁ ପୂର୍ବତନ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନ ରଚନା କରିଥିବାବେଳେ ଧୀରେନ୍ଦ୍ର ନାଥ ମଲ୍ଲିକ ନିର୍ଦ୍ଦେଶନା ଦେଇଛନ୍ତି। ବରପୁତ୍ରଙ୍କ ଜୀବନୀ ଉପରେ ଆଧାରିତ ଏହି ନାଟକକୁ ଦର୍ଶକ ବେଶ୍ ଗ୍ରହଣ କରିଥିବା ଦେଖିବାକୁ ମିଳିଛି ।ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ଚନ୍ଦ୍ରଶେଖର ହୋତା, ବିଜୟାନନ୍ଦ ସିଂ ଏବଂ ବିଜୟ କୁମାର ଦାସ ଯୋଗ ଦେଇଥିଲେ। ରାଜ୍ୟ ସରକାରଙ୍କ ୧ ବର୍ଷ ପୂର୍ତ୍ତି ଅବସରରେ ବରପୁତ୍ରଙ୍କ ଆଧାରିତ ନାଟକ ଦେଖିବାକୁ ଦର୍ଶକଙ୍କ ଭିଡ଼ ପରିଲକ୍ଷିତ ହେଉଛି। ଓଡ଼ିଶା ସରକାରଙ୍କ ପ୍ରୟାସକୁ ସାଧାରଣ ଜନତା ବା ଦର୍ଶକ ପ୍ରଶଂସା କରିବାସହ ସାଧୁବାଦ ଜଣାଇଛନ୍ତି। ଜୁନ ୧୨ରୁ ୧୯ ତାରିଖ ପର୍ଯ୍ୟନ୍ତ ଏହି ବରପୁତ୍ର ଆଧାରିତ ନାଟକ ମଞ୍ଚସ୍ଥ ହେବା କାର୍ଯ୍ୟକ୍ରମ ଜାରି ରହିବ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଓଡ଼ିଆ ସଙ୍ଗୀତ ନାଟକ ଏକାଡେମୀର ମିଳିତ ଆନୁକୂଲ୍ୟରେ ରବୀନ୍ଦ୍ର ମଣ୍ଡପରେ ଏହା ଅନୁଷ୍ଠିତ ହେଉଛି।

## ଧୈର୍ଯ୍ୟ ଗୁରୁତ୍ୱପୂର୍ଣ୍ଣ



ଥରେ ମହାତ୍ମା ବୁଦ୍ଧ ଏକ ସଭାରେ କିଛି ନକହି ଚାଲିଗଲେ । ସେହି ସଭାକୁ ଶତାଧିକ ଲୋକ ଆସିଥିଲେ । ଦ୍ୱିତୀୟ ଦିନ କମ୍ ଲୋକ ଆସିଲେ । ତୃତୀୟ ଦିନ ଶ୍ରୋତାଙ୍କ ସଂଖ୍ୟା ଖୁବ୍ କମ୍ ହୋଇଗଲା । ଚତୁର୍ଥ ଦିନରେ କେବଳ ୫୦ ଜଣ ଲୋକ ପହଞ୍ଚିଲେ । ମହାତ୍ମା ବୁଦ୍ଧ ସେଠାକୁ ଆସିଲେ । ସେ ଚାରିଆଡ଼କୁ ଚାହିଁଲେ । ମାତ୍ର କିଛି ନକହି ଫେରିଗଲେ । ଏହିପରି ସମୟ ବିତି ଚାଲିଲା । ତଥାଗତ ଆସୁଥିଲେ ଏବଂ ଚାଲିଯାଉଥିଲେ । ଶେଷରେ ଦିନେ ତଥାଗତ ପହଞ୍ଚିଲା ବେଳକୁ ଜଣେ ମାତ୍ର ଲୋକ ପ୍ରବଚନ ଶୁଣିବା ଲାଗି ବସିଥିଲା । ତଥାଗତ ପଚାରିଲେ, ଏଠାରେ ତୁମେ କାହିଁକି ବସିଛ ? ସେ କହିଲା, ଧୈର୍ଯ୍ୟ ଯୋଗୁ । ତଥାଗତ ସେହି ଅନ୍ତିମ ବ୍ୟକ୍ତିକୁ ଜ୍ଞାନ ପ୍ରଦାନ କଲେ । ଧୈର୍ଯ୍ୟ ଏପରି ଏକ ଭାବ ଯାହାଦ୍ୱାରା ବଡ଼ରୁ ବଡ଼ କାମ ହୋଇପାରିଥାଏ । ବିଷମ ପରିସ୍ଥିତିରେ ମନୁଷ୍ୟ ଅନେକ ସମସ୍ୟା ଭୋଗିଥାଏ । ତେଣୁ କେବେହେଲେ ଧୈର୍ଯ୍ୟ ହରାଇବା ଉଚିତ୍ ନୁହେଁ ।

# ସାମାଜିକ ଜୀବନରେ ସ୍ୱଚ୍ଛତା



ସାଧାରଣତଃ ଆମେ ଚାରିପ୍ରକାରର ଜୀବନ ବଞ୍ଚିଥାଉ। ସାମାଜିକ ଜୀବନ, ପେସାଦାର ଜୀବନ, ପାରିବାରିକ ଜୀବନ ଏବଂ ବ୍ୟକ୍ତିଗତ ଜୀବନ। ସାମାଜିକ ଜୀବନ ପାରଦର୍ଶିତା, ପେସାଦାର ଜୀବନ ପରିଶ୍ରମ, ପାରିବାରିକ ଜୀବନ ପ୍ରେମ ଏବଂ ବ୍ୟକ୍ତିଗତ ଜୀବନ ପବିତ୍ରତା ଉପରେ ଆଧାରିତ। ଜୀବନର ଏହି ୪ଟି ଭାଗ ଶ୍ରୀମଦ୍ ଭାଗବତରେ ପରିଲକ୍ଷିତ ହୋଇଥାଏ। ସାମାଜିକ ଜୀବନରେ ପାରଦର୍ଶିତା ବା ସ୍ୱଚ୍ଛତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ମହାଭାରତରେ ଯେତେଜଣ ଚରିତ୍ରଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି, ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କର ସାମାଜିକ ଜୀବନରୁ ସ୍ୱଚ୍ଛତା ଦୂର ହୋଇଯାଇଥିଲା। ଦୁର୍ଯ୍ୟୋଧନ କାହିଁକି ଦୁର୍ଯ୍ୟୋଧନ(କୁଟୀଳ) ହୋଇଥିଲା, ସେ ସମ୍ପର୍କରେ ଭାଗବତରେ ବର୍ଣ୍ଣନା କରାଯାଇଛି । ଏହାର କାରଣ ହେଉଛି ଜନ୍ମ ନେବା ପରେ ଦୁର୍ଯ୍ୟୋଧନକୁ ତା'ର କୌଣସି ପ୍ରଶ୍ନର ସଠିକ୍ ଉତ୍ତର ମିଳିନଥିଲା। ବଡ଼ ହେବା ପରେ ଦୁର୍ଯ୍ୟୋଧନ ପ୍ରଥମେ ପଚାରିଲା, ମୋ ମା' ଅନ୍ଧ କାହିଁକି ହୋଇଛି ? ରାଜମହଲରେ ତା'କୁ କେହି ଉତ୍ତର ଦେଲେ ନାହିଁ । କାରଣ ସମସ୍ତେ ଜାଣିଥିଲେ ଯେ ଗାନ୍ଧାରୀ ନିଜ ଶ୍ୱଶୁର ଭୀଷ୍ମଙ୍କ କାରଣରୁ ପଟି ବାନ୍ଧିଛନ୍ତି । ଭୀଷ୍ମ ଚାପ ପ୍ରୟୋଗ କରି ଗାନ୍ଧାରୀଙ୍କ ବିବାହ ଧୃତରାଷ୍ଟ୍ରଙ୍କ ସହ କରାଇଥିଲେ। ଭୀଷ୍ମ ଭାବିଥିଲେ ଯେ ଅନ୍ଧ ଧୃତରାଷ୍ଟ୍ରଙ୍କୁ ଯଦି ଜଣେ ଯୋଗ୍ୟ ଯୁବତୀଙ୍କ ସହ ବାହାଘର କରିଦିଆଯାଏ, ତେବେ ହସ୍ତିନାପୁରର ରାଜ ସିଂହାସନ ଭଲରେ ଚାଲିବ । ମାତ୍ର ପତି ଅନ୍ଧ ବୋଲି ଜାଣିବା କ୍ଷଣି ଗାନ୍ଧାରୀ ଆଜୀବନ ସ୍ୱେଚ୍ଛାରେ ଅନ୍ଧତ୍ୱ ସ୍ୱୀକାର କରିନେଇଥିଲେ। କିନ୍ତୁ ଦୁର୍ଯ୍ୟୋଧନ ଭାବିଲା- ମୋ ମା' ପ୍ରତି ଅନ୍ୟାୟ ହୋଇଥିବାରୁ ସେ ଆଖିରେ ପଟି ବାନ୍ଧିବା ଲାଗି କାର୍ଯ୍ୟ କଲେ। ତେଣୁ ସାମାଜିକ ଜୀବନରେ ପାରଦର୍ଶିତା ଜରୁରି । ଭୀଷ୍ମଙ୍କ ଭାବନା ବିଷୟରେ ଅବଗତ ହୋଇଥିଲେ, ଦୁର୍ଯ୍ୟୋଧନ ମନରେ ଏତେମାତ୍ରାରେ ଘୃଣା ଉତ୍ପନ୍ନ ହୋଇନଥାଏ।

# ଅତିଥି ନିଜ ସୀମା ଭିତରେ ରହିବା ଉଚିତ୍



ପାଣ୍ଡବ ଏବଂ କୌରବଙ୍କ ଗୁରୁ ଦ୍ରୋଣାଚାର୍ଯ୍ୟ ଏବଂ କୃପୀଙ୍କ ପୁତ୍ର ଥିଲେ ଅଶ୍ୱତ୍ଥାମା । ମହାଭାରତ ଯୁଦ୍ଧ ପୂର୍ବରୁ ଦ୍ରୋଣାଚାର୍ଯ୍ୟ ଅନେକ ସ୍ଥାନ ଭ୍ରମଣ କରୁଥିଲେ । ଥରେ ସେ ହିମାଳୟରେ ପହଞ୍ଚିଲେ । ସେଠାରେ ତମସା ନଦୀ ତଟରେ ଥିବା ଏକ ଦିବ୍ୟ ଗୁମ୍ଫାରେ ସେ ତପସ୍ୟା କଲେ। ଭଗବାନ ଶିବ ତାଙ୍କ ତପସ୍ୟାରେ ସନ୍ତୁଷ୍ଟ ହୋଇ ପ୍ରକଟ ହେଲେ । ଗୁରୁ ଦ୍ରୋଣାଚାର୍ଯ୍ୟ ଭଗବାନ ଶିବଙ୍କୁ ପୁତ୍ର ପ୍ରାପ୍ତି ନିମନ୍ତେ ବରଦାନ ମାଗିଲେ । ଶିବ ତଥାସ୍ତୁ ! କହି ଅନ୍ତର୍ଦ୍ଧାନ ହୋଇଗଲେ । ଏହାର କିଛିଦିନ ପରେ ଦ୍ରୋଣାଚାର୍ଯ୍ୟଙ୍କ ପତ୍ନୀ କୃପୀ ଏକ ଅତ୍ୟନ୍ତ ତେଜସ୍ୱୀ ପୁତ୍ରକୁ ଜନ୍ମ ଦେଲେ । ଅଶ୍ୱତ୍ଥାମାର ମସ୍ତକରେ ଏକ ଅମୂଲ୍ୟ ମଣି ଥିଲା । ଶକ୍ତିଶାଳୀ ଦୈତ୍ୟ, ଦାନବ, ଶସ୍ତ୍ର, ବ୍ୟାଧି, ଦେବତା, ନାଗର ମଣି ଭଳି ତାହା ଦେଖାଯାଉଥିଲା । ଅଶ୍ୱତ୍ଥାମା ଜନ୍ମ ସମୟରେ ତାଙ୍କ ମୁଖରୁ ଘୋଡ଼ା ଭଳି 'ହିଁ ହିଁ' ଶବ୍ଦ ବାହାରୁଥିଲା । ଏହି କାରଣରୁ ତାଙ୍କ ନାମ 'ଅଶ୍ୱତ୍ଥାମା' ରଖାଗଲା ।

ମହାଭାରତରେ ଉଲ୍ଲେଖ ରହିଛି ଯେ ଥରେ ଅଶ୍ୱତ୍ଥାମା ଦ୍ୱାରିକା ପହଞ୍ଚିଲା । ଶ୍ରୀକୃଷ୍ଣ ତାକୁ ସ୍ୱାଗତ ଜଣାଇଲେ । କିଛିଦିନ ରହିବା ପରେ ଥରେ ଶ୍ରୀକୃଷ୍ଣଙ୍କ ପାଖକୁ ଯାଇ ଅଶ୍ୱତ୍ଥାମା କହିଲା, ଆପଣ ମୋ ଠାରୁ ଅଜେୟ ବ୍ରହ୍ମାସ୍ତ୍ର ନେଇ ନିଜ ସୁଦର୍ଶନ ଚକ୍ର ମୋତେ ପ୍ରଦାନ କରନ୍ତୁ । ଏହାଶୁଣି ଶ୍ରୀକୃଷ୍ଣ କହିଲେ, ତୁମେ ମୋର ଯେକୌଣସି ଅସ୍ତ୍ର ନେଇପାର । ଏହାପରେ ଅଶ୍ୱତ୍ଥାମା ସୁଦର୍ଶନ ଚକ୍ର ଉଠାଇବା ଲାଗି ଚେଷ୍ଟା କଲା । ହେଲେ ପାରିଲା ନାହିଁ । ସେ ନିରାଶ ହୋଇ ଶ୍ରୀକୃଷ୍ଣଙ୍କୁ କହିଲା, ମୋର ସୁଦର୍ଶନ ଚକ୍ର ଦରକାର ନାହିଁ । ଏହାପରେ ଶ୍ରୀକୃଷ୍ଣ ତାଙ୍କୁ ବୁଝାଇ କହିଲେ, ଅତିଥି ନିଜ ସୀମା ଭିତରେ ରହିବା ଉଚିତ୍ । ସେ ଏମିତି କିଛି ବସ୍ତୁ ମାଗିବା ଉଚିତ୍ ନୁହେଁ, ଯାହାକୁ ସମ୍ଭାଳିବା ମଧ୍ୟ ତା'ପକ୍ଷେ କଷ୍ଟକର ହୋଇପଡ଼ିବ । ଏହାଶୁଣି ଅଶ୍ୱତ୍ଥାମା ଲଜ୍ଜିତ ହେଲା ଏବଂ କୌଣସି ଅସ୍ତ୍ର ନନେଇ ଦ୍ୱାରିକାରୁ ଫେରିଗଲା ।



# ପେଟ ପାଇଁ ଲାଭଦାୟକ ଏସବୁ ଜିନିଷ



ସୁସ୍ଥ ଏବଂ ଫିଟ୍ ରହିବା ପାଇଁ ପେଟ ଠିକ ଭାବେ କାମ କରିବା ଅତ୍ୟନ୍ତ ଜରୁରୀ ହୋଇଥାଏ। ଲିଭରକୁ ସୁସ୍ଥ ରଖିବା ପାଇଁ ଖାଦ୍ୟପେୟ ପ୍ରତି ବିଶେଷ ଧ୍ୟାନ ରଖିବା ନିହାତି ଜରୁରୀ। ଆଜିର ସମୟରେ ଅସ୍ୱାସ୍ଥ୍ୟକର ଖାଦ୍ୟପେୟ ଅଭ୍ୟାସ ଏବଂ ପରିବର୍ତ୍ତିତ ଜୀବନଶୈଳୀ ଯୋଗୁଁ ପେଟ ସମ୍ବନ୍ଧିତ ସମସ୍ୟାର ଆଶଙ୍କା ଅଧିକ ରହିଥାଏ। ଆଜି ଆମେ ଜାଣିବା ଲିଭରକୁ ସୁସ୍ଥ ଏବଂ ଫିଟ୍ ରଖିବା ପାଇଁ ଡାଏଟରେ କେଉଁ ଜିନିଷ ସାମିଲ କରିବା ଉଚିତ୍। ଏହି ଜିନିଷ ଗୁଡ଼ିକୁ ଡାଏଟରେ ସାମିଲ କରିବା ଦ୍ୱାରା ଆପଣ ରୋଗମୁକ୍ତ ରହିବେ।

୧. ବିଟ୍ : ବିଟ୍ ସେବନ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଲିଭରକୁ ସୁସ୍ଥ ଏବଂ ଫିଟ୍ ରଖିବା ପାଇଁ ଡାଏଟରେ ବିଟକୁ ସାମିଲ କରନ୍ତୁ। ବିଟରେ ଆଣ୍ଟି ଅକ୍ସିଡାଣ୍ଟ୍, ମିନେରାଲ୍ସ ଏବଂ ଭିଟାମିନ୍ ପ୍ରଚୁର ମାତ୍ରାରେ ଥାଏ। ଏହା ଲିଭରକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

୨. କୋଳି : କୋଳିରେ ଏନ୍ଥୋସାୟନିନ ଥାଏ ଯାହା ଲିଭରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ପେଟ ସମ୍ବନ୍ଧିତ ସମସ୍ୟା ଥିବା ରୋଗୀଙ୍କ ଡାଏଟରେ କୋଳି ସାମିଲ କରିବା ଉଚିତ୍। କୋଳି ସେବନ କରିବା ଦ୍ୱରା ଆପଣ ସୁସ୍ଥ ଏବଂ ଫିଟ୍ ରହିବେ।

୩. ଟଭା ଲେମ୍ବୁ: ପେଟ ପାଇଁ ଟଭା ଲେମ୍ବୁ ସେବନ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। ଟଭାଲେମ୍ବୁରେ ଆଣ୍ଟି ଅକ୍ସିଡାଣ୍ଟ ରହିଥାଏ ଯାହା ପେଟର କୋଶିକାଗୁଡ଼ିକ ରକ୍ଷା କରିବାରେ ସହାୟକ ହୋଇଥାଏ।

୪. ଚେର-ମୂଳି ଜାତୀୟ ଖାଦ୍ୟ : ଚେର-ମୂଳି ଜାତୀୟ ଖାଦ୍ୟ ସ୍ୱାସ୍ଥ୍ୟ ପାଇଁ ଯଥେଷ୍ଟ ଲାଭଦାୟକ ହୋଇଥାଏ। ପେଟ ସମ୍ବନ୍ଧିତ ସମସ୍ୟା ଥିବା ରୋଗୀଙ୍କ ଡାଏଟରେ ଚେର-ମୂଳି ଜାତୀୟ ଖାଦ୍ୟ ସାମିଲ କରିବା ଉଚିତ୍।

୫. କଫି : ସୀମିତ ମାତ୍ରାରେ କଫି ସେବନ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ ହୋଇଥାଏ। କଫି ସେବନ କରିବା ଦ୍ୱାରା ପେଟ ସମ୍ବନ୍ଧିତ ସମସ୍ୟାରୁ ସୁରକ୍ଷିତ ରହିହେବ।

# ଭୁବନେଶ୍ୱର ରେଳ ଷ୍ଟେସନ ଟିକେଟ କାଉଣ୍ଟର ସ୍ଥାନାନ୍ତର

ଭୁବନେଶ୍ୱର,୧୮।୬ (ମହାଭାରତ): ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ଭୁବନେଶ୍ୱର ରେଳ ଷ୍ଟେସନର ଚାଲୁରହିଥିବା ପୁନର୍ବିକାଶ କାର୍ଯ୍ୟର ଏକ ଅଂଶ ଭାବରେ, ଭୁବନେଶ୍ୱର ରେଳ ଷ୍ଟେସନକୁ ବିଶ୍ୱସ୍ତରୀୟ ମାନଦଣ୍ଡରେ ଉନ୍ନୀତ କରିବା ଲକ୍ଷ୍ୟରେ ଯାତ୍ରୀ ସୁବିଧା ଏବଂ ଭିତିଭୂମିକୁ ଉନ୍ନତ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ବିଦ୍ୟମାନ ଅସ୍ଥାୟୀ ସେଡ୍ ରେ ନିର୍ମାଣ କାର୍ଯ୍ୟକଳାପକୁ ଦୃଷ୍ଟିରେ ରଖି, ଅସ୍ଥାୟୀ ସେଡ୍ ରୁ ପୂର୍ବରୁ କାର୍ଯ୍ୟ କରୁଥିବା ଯାତ୍ରୀ ସଂରକ୍ଷଣ ପ୍ରଣାଳୀ (ପିଆରଏସ) ଏବଂ ଅଣସଂରକ୍ଷିତ ଟିକେଟିଂ ପ୍ରଣାଳୀ (ୟୁଟିଏସ) କାଉଣ୍ଟରଗୁଡ଼ିକୁ ବର୍ତମାନ ଅସ୍ଥାୟୀ ଭାବରେ ନବନିର୍ମିତ ନୂତନ ନିର୍ମିତ ଭୂମିସ୍ତରୀୟ ପ୍ରସ୍ଥାନ କନକୋର୍ସକୁ ସ୍ଥାନାନ୍ତରିତ କରାଯାଇଛି । ଏହି ବ୍ୟବସ୍ଥା ଅସ୍ଥାୟୀ ସେଡ୍ ସ୍ଥାନରେ ନିର୍ମାଣ କାର୍ଯ୍ୟ ସୁଗମ ଭାବରେ ଆଗକୁ ବଢ଼ିବା ସହିତ ଟିକେଟିଂ ସେବାର ନିରବଚ୍ଛିନ୍ନ ଉପଲବ୍ଧତାକୁ ସୁନିଶ୍ଚିତ କରିବ।



ଯାତ୍ରୀଙ୍କ ଗତିବିଧିକୁ ଆହୁରି ସହଜ କରିବା ପାଇଁ ଟାଉନ୍ ବସ୍ ଷ୍ଟାଣ୍ଡ/ ମନ୍ଦିର ପାର୍ଶ୍ୱରୁ ଏକ ନୂତନ ନିର୍ମିତ ଆପ୍ରୋଚ୍ ରୋଡ୍ ଖୋଲାଯାଇଛି ଯାହା ଷ୍ଟେସନକୁ ଉନ୍ନତ ସଂଯୋଗ ଏବଂ ଅସୁବିଧାମୁକ୍ତ ପ୍ରବେଶକୁ ସକ୍ଷମ କରିବ । ଏହି ପୁନର୍ବିକାଶ ପ୍ରୟାସରେ ଏକ ପ୍ରମୁଖ ମାଇଲଖୁଣ୍ଟ ହେଉଛି ଏକ ନୂତନ ନିର୍ମିତ ଭୂମିସ୍ତରୀୟ ପ୍ରସ୍ଥାନ କନକୋର୍ସ ମାଧ୍ୟମରେ ପ୍ଲାଟଫର୍ମ ନମ୍ବର ୧ କୁ ସିଧାସଳଖ ପ୍ରବେଶର ସୁଯୋଗ ଖୋଲିବା ଯାହା ଭିଡ଼ ହ୍ରାସ କରିବ ଏବଂ ଯାତ୍ରୀ ପ୍ରବାହକୁ ଉଲ୍ଲେଖନୀୟ ଭାବରେ ଉନ୍ନତ କରିବ ବୋଲି ଆଶା କରାଯାଉଛି। ଚାଲୁଥିବା ଷ୍ଟେସନ ଭବନରେ ସ୍ଥାନାନ୍ତରିତ ୟୁଟିଏସ ଏବଂ ପିଆରଏସ କାଉଣ୍ଟରଗୁଡ଼ିକ ଯାତ୍ରୀମାନଙ୍କ ପାଇଁ ଅଧିକ ସ୍ଥାନ ଉପଲବ୍ଧ କରାଇବା ସହ ଯାତ୍ରୀ ମାନଙ୍କ ଯାତାୟାତ ପାଇଁ ସୁବିଧା ପ୍ରଦାନ କରିବ।

# ୨୦୩୬ର ରୋଡ୍ ମ୍ୟାପ୍ ଘୋଷଣା କରିବେ ପ୍ରଧାନମନ୍ତ୍ରୀ

ଭୁବନେଶ୍ୱର,୧୮।୬ (ମହାଭାରତ): ଭାରତୀୟ ଜନତାପାର୍ଟି ନେତୃତ୍ୱାଧୀନ ସରକାର ଓଡିଶାରେ ୧ବର୍ଷ ଓ ପ୍ରଧାନମନ୍ତ୍ରୀ ମୋଦିଜୀଙ୍କ ନେତୃତ୍ୱରେ କେନ୍ଦ୍ର ସରକାରକୁ ୧୧ବର୍ଷ ପୂରଣ ହୋଇଛି। ଏହି ପରିପ୍ରେକ୍ଷୀରେ ଆମକୁ ମାର୍ଗ ଦର୍ଶନ ଦେବାକୁ ଆସନ୍ତା ଜୁନ ୨୦ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଓଡିଶା ଆସୁଛନ୍ତି। ଗତ ଏକ ବର୍ଷର ଅବଧିରେ ଷଷ୍ଠ ଥର ପାଇଁ ଓଡିଶା ଗସ୍ତରେ ଆସୁଥିବା ଏବଂ ଓଡିଶାକୁ ଅତ୍ୟନ୍ତ ଭଲ ପାଉଥିବା ପ୍ରଧାନମନ୍ତ୍ରୀ ୨୦ ତାରିଖ ଅପରାହ୍ନ ୩ଟାରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଁଚିବେ। ସେଠାରେ ତାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ। ଓଡିଶାର ବିକାଶ ପାଇଁ ୨୦୩୬ର ରୋଡ୍ ମ୍ୟାପ୍ ଘୋଷଣା ହେବ ବୋଲି ରାଜ୍ୟ ସଭାପତି ଶ୍ରୀ ମନମୋହନ ସାମଲ କହିଛନ୍ତି ।

ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ସାମଲ କହିଛନ୍ତି ଯେ, ରାଜ୍ୟ ସରକାର ୨୦୩୬ ସୁଦ୍ଧା ବିକଶିତ ଓଡିଶା ଗଠନ ପାଇଁ ସଂକଳ୍ପବଦ୍ଧ । ଏନେଇ ଜୋରଦାର ପ୍ରୟାସ ଆରମ୍ଭ ହୋଇଯାଇଥିବାବେଳେ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏଥିପାଇଁ ପୂର୍ଣ୍ଣ ସହଯୋଗ କରୁଛନ୍ତି। ଓଡିଶାର ସାମଗ୍ରିକ ବିକାଶରେ ମୋଦିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ । ତାଙ୍କ ନେତୃତ୍ୱରେ ଜାତୀୟସ୍ତରର ଅନେକ କାର୍ଯ୍ୟକ୍ରମ ତଥା ଗୁରୁତ୍ୱପୂର୍ଣ୍ଣ ବୈଠକ ଗତ ଏକ ବର୍ଷ ଭିତରେ ଓଡିଶାରେ ଅନୁଷ୍ଠିତ ହୋଇଯାଇଛି। ପୋଲିସ ମହାନିର୍ଦ୍ଦେଶକ ସମ୍ମିଳନୀଠାରୁ ଆରମ୍ଭ କରି ନୌସେନା ଦିବସ, ପ୍ରବାସୀ ଭାରତୀୟ ଦିବସ, ପୁରୀରେ ଜାତୀୟ ସ୍ୱାସ୍ଥ୍ୟ ମିଶନ କାର୍ଯ୍ୟକ୍ରମ ଆଦି ଅନୁଷ୍ଠିତ ହୋଇଯାଇଛି । ସେହିପରି ରାଜ୍ୟରେ ରେଳ, ସଡକ, ବିମାନ ସେବା ଏବଂ ଭିତିଭୂମିକୁ ସୁଦୃଢ କରାଯାଇଛି । ପ୍ରଧାନମନ୍ତ୍ରୀଙ୍କ ନିର୍ଭର ପ୍ରତିଶ୍ରୁତି କାରଣରୁ ଓଡିଶାକୁ ଆଜି ବଡ ବଡ ଶିଳ୍ପଦ୍ୟୋଗୀମାନେ ଶିଳ୍ପ ପ୍ରତିଷ୍ଠା ପାଇଁ ଆଗଭର ହୋଇଛନ୍ତି। ପ୍ରଧାନମନ୍ତ୍ରୀ ବୟୋବନ୍ଦନା ଯୋଜନା ଜରିଆରେ ୭୦ ଏବଂ ୭୦ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦେଇ ମୋଦିଜୀ ସ୍ୱାସ୍ଥ୍ୟ କ୍ଷେତ୍ରରେ ବୈପ୍ଳବିକ ପରିବର୍ତନ ଆଣିଦେଇଛନ୍ତି । ମୋଦିଙ୍କ ଗ୍ୟାରେଂଟି, ଓଡିଶାର ଉନ୍ନତି। ରାଜ୍ୟ ତଥା ରାଜ୍ୟବାସୀଙ୍କ ସାମୁହିକ ବିକାଶ ପାଇଁ ମୋଦିଜୀ ସଂକଳ୍ପ ନେଇଛନ୍ତି ।

ଭୁବନେଶ୍ୱର ଏୟାରପୋର୍ଟରେ ପ୍ରଧାନମନ୍ତ୍ରୀ ମୋଦିଜୀ ପହଁଚିବା ପରେ ନିକଟ ବିଜୁ ପଟ୍ଟନାୟକ ଛକରୁ ଏକ ବିରାଟ ରୋଡ୍ ଶୋ ମାଧ୍ୟମରେ ଏଜି ଛକ, ରାଜଭବନ ଛକ, କଳିଙ୍ଗ ଷ୍ଟାଡିୟମ ଛକ, ଜୟଦେବ ଭବନ ଛକ ଦେଇ ସଭାସ୍ଥଳ ଜନତା ମଇଦାନରେ ପହଁଚିବେ । ଏହି ଅବସରରେ ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହେବ ଏବଂ ପାଖାପାଖି ୧୦ଟି ସ୍ଥାନରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତ କରାଯିବ । ସଭାସ୍ଥଳରେ ପହଁଚିବା ପରେ ସେଠାରେ ମଧ ସମ୍ବର୍ଦ୍ଧନା ଜ୍ଞାପନ କରାଯିବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦିଜୀ ଓଡିଶା ଭିଜନ - ୨୦୩୬ ଓ ୨୦୪୭ ପୁସ୍ତିକାକୁ ଉନ୍ମୋଚନ କରିବେ । ବିଭିନ୍ନ ଶିଳାନ୍ୟାସ ଓ ପ୍ରକଳ୍ପଗୁଡିକୁ ଭିସି ଜରିଆରେ ଲୋକାର୍ପଣ କରିବେ । (ରେଳ ସେବା, ଇଭି ବସ ଇତ୍ୟାଦି) ଏଥି ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ଲାଭାର୍ଥୀ ଏବଂ ସାମାଜିକ କ୍ଷେତ୍ରରେ ନେତୃତ୍ୱ ନେଉଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିବେ । ଅପରାହ୍ନ ୪.୩୦ ମିନିଟରେ ପ୍ରଧାନମନ୍ତ୍ରୀ ମୋଦି ଜନସଭାକୁ ସମ୍ବୋଧନ କରିବେ । ଏହା ପରେ ମୋଦିଜୀ ବିମାନବନ୍ଦରରୁ ଦିଲ୍ଲୀ ଅଭିମୁଖେ ପ୍ରତ୍ୟାବର୍ତନ କରିବେ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ ସୂଚନା ଦେଇଛନ୍ତି। ଭୁବନେଶ୍ୱର ସହର ସମେତ ରାଜ୍ୟର ପ୍ରମୁଖ ସ୍ଥାନକୁ ସୁସଜ୍ଜିତ କରାଯିବା ସହିତ ଧନ୍ୟବାଦ ମୋଦିଜୀ ହୋର୍ଡିଂ ଲାଗିବ।

# ବିଭିନ୍ନ ହୋଟେଲରେ ଚଢ଼ାଉ

କଟକ,୧୮।୬ (ମହାଭାରତ): ଯାଜପୁରରେ ଝାଡାବାନ୍ତି ସ୍ଥିତି ସାଂଘାତିକ ହେବାରେ ଲାଗିଛି। କେବେଳ ଯାଜପୁର ନୁହେଁ ରାଜ୍ୟର ୭ ଜିଲ୍ଲାକୁ ବ୍ୟାପିଲାଣି ଝାଡ଼ବାନ୍ତି। ଏହାକୁ ଦୃଷ୍ଟିରେ ରଖି କଟକରେ ଆକ୍ସନ ମୋଡରେ ସ୍ୱାସ୍ଥ୍ୟ ବିଭାଗ। ଦୂଷିତ ପାଣି ଓ ବାସି ଖାଦ୍ୟ ଯୋଗୁଁ ଏଭଳି ସ୍ଥିତି ସୃଷ୍ଟି ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଉଛି । ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟର ବିଭିନ୍ନ ସ୍ଥାନରେ ହୋଟେଲ, ଢାବା, ଫାଷ୍ଟଫୁଡ୍ ଦୋକାନରେ ଚଢ଼ଉ ଚାଲିଛି। କଟକ ଷ୍ଟେସନ୍ ବଜାରର ବିଭିନ୍ନ ହୋଟେଲରେ ଚଢ଼ାଉ କରାଯାଇଛି। ୨ଟି ହୋଟେଲ୍କୁ ସିଲ୍ କଲା ସ୍ୱାସ୍ଥ୍ୟ ବିଭାଗୟ ହୋଟେଲରେ ସିଏମ୍ସି ସ୍ୱାସ୍ଥ୍ୟ ବିଭାଗ ଟିମର ରେଡ୍। ଅପରିଷ୍କାର ଓ ନିମ୍ନମାନର ଖାଦ୍ୟ ନେଇ ରେଡ୍ କରାଯାଇଛି। ନିମ୍ନମାନର ପାଣି ଯୋଗୁଁ ୨ଟି ହୋଟେଲ ସିଲ୍ କରାଯାଇଛି। ଖାଦ୍ୟ ସୁରକ୍ଷା ବିଭାଗ ଦ୍ୱାରା ଆଜି କଟକ ରେଳ ଷ୍ଟେସନ ନିକଟରେ ଥିବା ବିଭିନ୍ନ ହୋଟେଲରେ ଚଢ଼ଉ କରାଯାଇଛି। ଏଥିରେ ପାଖାପାଖି ୨୦କେଜିରୁ ଅଧିକ ବାସି ଖାଦ୍ୟ ନଷ୍ଟ କରାଯାଇଛି। ଏଥି ସହିତ ଗୋଟିଏ ହୋଟେଲ୍ ବିନା ଲାଇସେନ୍ସରେ ଚାଲୁଥିବା ନେଇ ସିଲ୍ କରାଯାଇଛି। ପୂର୍ବରୁ ବକ୍ସି ବଜାର, ଦୋଳ ମୁଣ୍ଡାଇ, ରାଣୀହାଟ ଆଦି ସ୍ଥାନରେ ଯାଞ୍ଚ କରାଯାଇଥିଲା। ସହରରେ ବିକ୍ରି ହେଉଥିବା ୧୦ରୁ ଅଧିକ ପାଣି ବୋତଲ ବ୍ରାଣ୍ଡର ନମୁନା ସଂଗ୍ରହ କରାଯାଇଛି। କଟକ ସହରରେ ଥିବା ଫାଷ୍ଟ ଫୁଡ୍ ଦୋକାନ ଉପରେ ନଜର ରଖାଯିବ ସହିତ ସବୁ ସ୍ଥାନରେ ମାଇକ ପ୍ରଚାର କରାଯାଇ ଲୋକଙ୍କୁ ଡାଇରିଆ। ସମ୍ପର୍କରେ ସଚେତନ କରାଯାଉଛି।



# ଲଘୁଚାପ ସକ୍ରିୟ : ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଭୁବନେଶ୍ୱର,୧୮।୬ (ମହାଭାରତ): ଦକ୍ଷିଣ-ପଶ୍ଚିମ ବାଂଲାଦେଶ ଏବଂ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଥିବା ନେଇ ଆଇଏମଡି ମଙ୍ଗଳବାର ଦିନ କହିଛି। ଘୂର୍ଣ୍ଣିବଳୟ ପ୍ରଭାବରେ ମଙ୍ଗଳବାର ସକାଳେ ସୃଷ୍ଟି ହୋଇଥିବା ଲଘୁଚାପ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି। ଯାହାଫଳରେ ଆଗାମୀ ତିନି ଦିନ ମଧ୍ୟରେ ଓଡ଼ିଶାର ଅନେକ ସ୍ଥାନରେ ବ୍ୟାପକ ବର୍ଷା ହେବାର ସମ୍ଭାବନା ରହିଛି। ପ୍ରତିକୂଳ ପାଗ ପାଇଁ ୧୭ରୁ ୧୯ ତାରିଖ ୩ଦିନ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ବାରଣ କରାଯାଇଛି।

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ।ଏଥିପାଇଁ ମତ୍ସ୍ୟବିଭାଗ ପକ୍ଷରୁ ଏହି କଟକଣା ଜାରି କରାଯାଇଥିବା କଥା ଚନ୍ଦନେଶ୍ୱର ସହକାରୀ ମତ୍ସ୍ୟ ଅଧିକାରୀ(ସାମୁଦ୍ରିକ ସମ୍ପ୍ରସାରଣ) ଅନନ୍ତ କୁମାର ଜେନା ଏହି ସୂଚନା ଦେଇଛନ୍ତି।

ବିବରଣୀରୁ ପ୍ରକାଶ, ୨ମାସର କଟକଣା ହଟିବାର ୨ଦିନ ନବିତୁଣୁ ପୁଣି ସମୁଦ୍ରରୁ ମାଛ ଧରାକୁ ନେଇ ବାରଣ ହୋଇଛି। ଭାରତୀୟ ପାଣିପାଗ ବିଭାଗର ସୂଚନା ଏବଂ ଓଡ଼ିଶା ସରକାରଙ୍କ ମତ୍ସ୍ୟ ବିଭାଗର ନିର୍ଦ୍ଦେଶ କ୍ରମେ ସମସ୍ତ ଡଙ୍ଗା ମାଲିକ, ମତ୍ସ୍ୟଜୀବୀ କମିଟିର କର୍ମକର୍ତାଙ୍କୁ ଏହି ସୂଚନା ଦିଆଯାଇଛି। ଏହି ଅବସରରେ ସୋମବାର ଭୋଗରାଇର ପ୍ରମୁଖ ମତ୍ସ୍ୟ ଅବତରଣ କେନ୍ଦ୍ର ଉଦୟପୁର, ତାଳସାରୀ, ରଣସିଂହପୁର ଓ କୀର୍ତ୍ତନିଆରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ଏହି ସତର୍କ ସୂଚନା ଦିଆଯାଇଛି।

# ଅବକାରୀ ସବଇନ୍ସପେକ୍ଟର ଗିରଫ

ଖୋର୍ଦ୍ଧା,୧୮।୬ (ମହାଭାରତ): ଟାଙ୍ଗି ଅବକାରୀ ସବଇନ୍ସପେକ୍ଟର ଅମରେନ୍ଦ୍ର ସତପଥିଙ୍କୁ ୮ ହଜାର ଟଙ୍କା ଲାଞ୍ଚ ନେବା ଅଭିଯୋଗରେ ଭିଜିଲାନ୍ସ ଆଜି ଗିରଫ କରିଛି। ଗିରଫ ହୋଇଥିବା ଅବକାରୀ ସବଇନ୍ସପେକ୍ଟର ହେଉଛନ୍ତି ଅମରେନ୍ଦ୍ର ଶତପଥି। ସେ ପ୍ରତି ମାସରେ ଜଣେ ମଦ ବ୍ୟବସାୟୀଙ୍କ ଠାରୁ ୮ ହଜାର ଟଙ୍କା ଲେଖାଏଁ ଲାଞ୍ଚ ଦାବି କରୁଥିଲେ ଏବଂ ଟଙ୍କା ନ ଦେଲେ ତାଙ୍କ ବିରୁଦ୍ଧରେ କେସ କରାଯିବ ବୋଲି ଧମକ ମଧ୍ୟ ଦେଉଥିଲେ। ସଂପୃକ୍ତ ମଦ ବ୍ୟବସାୟୀ ଏ ସମ୍ପର୍କରେ ଭିଜିଲାନ୍ସ ବିଭାଗ ସହିତ ଆଲୋଚନା କରି ଆଜି ୮ ହଜାର ଟଙ୍କା ନେଇ ଏସ୍ଆଇ ଶ୍ରୀ ଶତପଥିଙ୍କୁ ଦେଉଥିବା ବେଳେ ସେଠାରେ ଛକି ରହିଥିବା ଭିଜିଲାନ୍ସ ଟିମ୍ ଶ୍ରୀ ଶତପଥିଙ୍କୁ ଧରିବା ସହିତ ତାଙ୍କ ଠାରୁ ଲାଞ୍ଚ ନେଇଥିବା ୮ ହଜାର ଟଙ୍କାକୁ ମଧ ଜବତ କରିଛନ୍ତି। ଏହା ପରେ ସେ ତାଙ୍କର ୩ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ ଆରମ୍ଭ ହୋଇଛି।

# ରଥଯାତ୍ରା ପାଇଁ ନବୀନଙ୍କୁ ଛତିଶା ନିଯୋଗର ନିମନ୍ତ୍ରଣ

ଭୁବନେଶ୍ୱର,୧୮।୬ (ମହାଭାରତ): ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯତ୍ରାରେ ଯୋଗ ଦେବା ପାଇଁ ପୁରୀ ଛତିନା ନିଯୋଗର ସେବାୟତ ମାନେ ଆଜି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କରିଛନ୍ତି। ସେବାୟତ ମାନେ ନବୀନ ନିବାସରେ ଶ୍ରୀ ପଟ୍ଟନାୟକଙ୍କୁ ସାକ୍ଷାତ କରି ଆନୁଷ୍ଠାନିକ ଭାବେ ତାଙ୍କୁ ନିମନ୍ତ୍ରଣ ଦେଇଛନ୍ତି। ଏହି ସାକ୍ଷାତ ସମୟରେ ସେମାନେ ଶ୍ରୀମନ୍ଦିରର ତଥା ପୁରୀ ସହରର ବିକାଶ ପାଇଁ ନବୀନଙ୍କ ସରକାର ସମୟରେ ହୋଇଥିବା ବିଭିନ୍ନ କାର୍ଯ୍ୟ ପାଇଁ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ଜୁନ୍ ୨୭ ତାରିଖରେ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବରେ ପାଳନ କରିବା ପାଇଁ ଶ୍ରୀ ପଟ୍ଟନାୟକ ସେବାୟତ ମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ସାକ୍ଷାତ ସମୟରେ ସାଂସଦ ଶୁଭାଶୀଷ ଖୁଣ୍ଟିଆ। ଉପସ୍ଥିତ ଥିଲେ। ଅନମାନଙ୍କ ମଧ୍ୟରେ ସାଇନା ଖୁଣ୍ଟିଆ, ଗୌରହରି ପ୍ରଧାନ, ଲୋକନାଥ ମହାସୁଆର, ରବିଶଙ୍କର ପଢିଆରୀ, କାଶୀନାଥ ମହାସୁଆର, ଦାମୋଦର ପ୍ରତିହାରୀ, ହରିଅ। ସୁଆର, ଅସିତ୍ ମେକାପ, କୃଷ୍ଣଚନ୍ଦ୍ର ଗୋଚ୍ଛିକାର ଓ ଜମେଶ୍ୱର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।



# ‘କଳ୍ପନାରୁ ଦକ୍ଷତାକୁ ଯାତ୍ରା’ କର୍ମଶାଳା

ଭୁବନେଶ୍ୱର,୧୮।୬ (ମହାଭାରତ): ରାଜ୍ୟରେ ଉଚ୍ଚ ମାଧ୍ୟମିକସ୍ତରରେ ଛାତ୍ରଛାତ୍ରୀମାନଙ୍କ ସୃଜନଶୀଳତା ଓ ଦକ୍ଷତାକୁ ଏକ ସୁଯୋଗ ପ୍ରଦାନ କରିବା ସହିତ ସେମାନଙ୍କୁ ସ୍ୱାବଲମ୍ବୀ କରିବା ଉଦ୍ଦେଶ୍ୟରେ ଆଜି କୃଷି ଭବନସ୍ଥିତ ଅଡ଼ିଟୋରିୟମଠାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧିନ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଦୁଇ ଦିନିଆ କର୍ମଶାଳାର ଆୟୋଜନ କରାଯାଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର ନବସୃଜନ ସେଲ୍ ଏବଂ ଅଖିଳ ଭାରତୀୟ ବୈଷୟିକ ଶିକ୍ଷା ପରିଷଦ ସହଯୋଗରେ ବିଦ୍ୟାଳୟ ନବସୃଜନ ପରିଷଦକୁ କାର୍ଯ୍ୟକାରୀ କରିବା ନେଇ "କଳ୍ପନାରୁ ଦକ୍ଷତାକୁ ଯାତ୍ରା" କର୍ମଶାଳାର ଆୟୋଜନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀମତୀ ଶୁଭଶ୍ରୀ ନନ୍ଦ ଉପସ୍ଥିତ ରହି ବିକଶିତ ଓଡ଼ିଶା ଗଠନରେ ଏହି କର୍ମଶାଳା ସହାୟକ ହେବ ବୋଲି ମତବ୍ୟକ୍ତ କରିଛନ୍ତି।



ଉଭାବନ କ୍ଷେତ୍ରରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିବ। ଓଡ଼ିଶାରେ ନବସୃଜନ ଓ ଦକ୍ଷତା କ୍ଷେତ୍ରରେ ସୁଯୋଗ ସୃଷ୍ଟି କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏହି ଦୁଇ ଦିନିଆ କର୍ମଶାଳାରେ ଉଭୟ ଶିକ୍ଷକ ଓ ଛାତ୍ରଛାତ୍ରୀ ଉଭାବନ କ୍ଷେତ୍ରରେ ଉଚିତ୍ ମାର୍ଗଦର୍ଶନ ପାଇବେ ବୋଲି ସୂଚନା ଦେଇଛନ୍ତି ଶ୍ରୀମତୀ ନନ୍ଦ। ଏହି କର୍ମଶାଳାରେ ୧୬୪ ଜଣ ଅଂଶଗ୍ରହଣ କରିଛନ୍ତି, ଯେଉଁଥିରେ ପିଏମ-ଶ୍ରୀ ବିଦ୍ୟାଳୟର ୫୯ ଜଣ ଅଧକ୍ଷ, ବିଭିନ୍ନ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୬୦ ଜଣ ସ୍ନାତକୋତର ଶିକ୍ଷକ ବା ପିଜିଟି, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ୩୦ ଜଣ ସ୍ନାତକୋତର ଶିକ୍ଷକ ବା ପିଜିଟି ଭାଗ ନେଇଥିବା ବେଳେ ଓଡ଼ିଆପ୍ରେନ୍ୟୁର ୧.୦ ଏବଂ ୨.୦ ରେ କୃତିତ୍ୱ ହାସିଲ କରିଥିବା ୧୫ ଜଣ ଛାତ୍ରଛାତ୍ରୀ ମଧ ଏହି କର୍ମଶାଳାରେ ଭାଗ ନେଇଛନ୍ତି।

କର୍ମଶାଳାର ଉଦଘାଟନୀ ଅଧିବେଶନରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ରଘୁରାମ୍ ଆର୍ ଆୟର, ଓଡ଼ିଶା ଆଦର୍ଶ ବିଦ୍ୟାଳୟର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶିକା ଶ୍ରୀମତୀ ସ୍ମିତା ରାଉତ, କେନ୍ଦ୍ର ଶିକ୍ଷା ମନ୍ତ୍ରାଳୟର ନବସୃଜନ ସେଲ୍ ର ଆସିସଟାଂଟ ଇନୋଭେସନ୍ ନିର୍ଦ୍ଦେଶକ ଡ. ଏଲାନଗୋଭନ୍ କାରିଆପ୍ପାନ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅଧିକାରୀ ଡ଼ ଜ୍ୟୋତି ପ୍ରକାଶ ରଥ ପ୍ରମୁଖ ଉପସ୍ଥିତ ଥିଲେ । ଉଦଘାଟନୀ ଅଧିବେଶନରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଶ୍ରୀ ଆୟର୍ ଓଡ଼ିଶା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଅପାର ସମ୍ଭାବନା ସମ୍ପର୍କରେ ସୂଚନା ଦେଇ ଓଡ଼ିଆ ପ୍ରେନ୍ୟୁର ୧.୦ ଏବଂ ୨.୦ର ସଫଳତା ବିଷୟରେ ସୂଚିତ କରିଥିଲେ।

# ଦୋକାନ ଭିତରକୁ ମାଡ଼ିଗଲା କାର : ଜଣେ ମୃତ

ଖୋର୍ଦ୍ଧା,୧୮।୬ (ମହାଭାରତ): ଖୋର୍ଦ୍ଧା- ନୟାଗଡ ୫୭ ନମ୍ବର ଜାତୀୟ ରାଜପଥର ପୁବୁସାହି ଛକରେ ଆଜି ଅପରାହ୍ନରେ ଏକ ମର୍ମନ୍ତୁଦ ସଡକ ଦୃର୍ଘଟଣା ଘଟି ଜଣେ ଲୋକର ମୃତ୍ୟୁ ଘଟିଛି ଓ ଅନ୍ୟ ଚାରି ଜଣ ଗୁରୁତର ଆହତ ହୋଇଛନ୍ତି। ଏକ କାର ଦୃତ ବେଗରେ ଆସି ଲସି ଓ ପାନ ଦୋକାନ ଉପରେ ମାଡିଯିବା ଫଳରେ ସେଠାରେ ବସିଥିବା ପୁବୁସାହି ଚାନ୍ଦପୁର ଗ୍ରାମର ନିବାସ ବେହେରା ନାମକ ଜଣେ ଯୁବକର ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ବିଦ୍ୟୁତ ବିଭାଗର ଲାଇନମ୍ୟାନ ଭାବେ କାମ କରୁଥିଲେ। ସେ ପ୍ରତିଦିନ ସେଠାରେ ଆସି ବସନ୍ତି ଓ ଲାଇନ ସମ୍ପର୍କରେ ଅଭିଯୋଗ ଆସିଲେ ସେ ତୁରନ୍ତ ସେ କାର୍ଯ୍ୟ କରି ଥାଆନ୍ତି। ଆଜି ଏଭଳି ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିବା ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି। ପୋଲିସ ଡ୍ରାଇଭରକୁ ଥାନାରେ ଅଟକ ରଖିଛି ଏବଂ ଦୃର୍ଘଟଣା ଘଟାଇଥିବା କାରକୁ ମଧ ଜବତ କରିଛି। ଏହି ଦୁର୍ଘଟଣାରେ ଗୋଟିଏ ବାଇକ୍ ମଧ ନଷ୍ଟ ହୋଇଛି। ଖୋର୍ଦ୍ଧା ପଟୁ ନୟାଗଡ ଅଭିମୁଖେ କାର(ନଂ ଓଡ଼ି୦୨-ସିକେ-୨୨୩୪) ଯାଉଥିଲା। ପୁବୁସାହି ଛକ ରେ ଥିବା ଲସି ଓ ପାନ ଦୋକାନ ଆଗରେ ୪ଟି ବାଇକ ଚାଳକ ପାର୍କିଂ କରି ଠିଆ ହୋଇଥିଲେ। ଏହି ସମୟରେ ଉକ୍ତ କାର ଦୃତଗତିରେ ଆସି ଦୋକାନ ନିକଟରେ ଥିବା ୩ଟି ବାଇକକୁ ଧକ୍କା ଦେଇ ଆଗ ଚକାରେ ଏକ ବାଇକକୁ ଘୋଷାରି ନେଇ ଦୋକାନ ଭିତରକୁ ପଶି ଯାଇଥିଲା। ଦୋକାନୀ ମାଲିକ, ବାଇକ ଚାଳକ ସମେତ ୪ଜଣ ବାହାରକୁ ଛିଟିକି ପଡି କୌଣସି ମତେ ଜୀବନ ବଂଚାଇଥିଲେ। ତେବେ ନିବାସ କୁ କାର ଅତି ତୀବ୍ର ଗତିରେ ଧକ୍କା ଦେବାରୁ ନିବାସ ଦୋକାନରେ ପିଟି ହୋଇ ତଳେ କଚାଡି ହୋଇପଡିଥିଲେ। ତାଙ୍କ ମୁଣ୍ଡ ଶକ୍ତ ଆଘାତ ଲାଗିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଲୋକେ ଖୋର୍ଦ୍ଧା ମେଡିକାଲକୁ ନେଇଥିଲେ।

# ବିଏମ୍ସି ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

ଭୁବନେଶ୍ୱର,୧୮।୬ (ମହାଭାରତ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ ସି) ପକ୍ଷରୁ ଶୂନ ଦୁର୍ଘଟଣା ଦିବସ ବା ଜିରୋ ଆକ୍ସିଡେଂଟ ଡେ ପାଳନ ଅବସରରେ ଡ୍ରାଇଭରମାନଙ୍କୁ ସଚେତନତା ସହ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଠ ନମ୍ବର କମ୍ୟୁନିଟ୍ ହଲରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମେୟର ଶ୍ରୀମତୀ ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନ୍ୟତମ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ଶ୍ରୀମତୀ ସମୀତା ମହାନ୍ତି, ଅତିରିକ୍ତ କମିଶନର ରତ୍ନାକର ସାହୁ, କୈଳାସ ଚନ୍ଦ୍ର ଦାସ, ବିଏମ୍ ସିର ବହୁ ଅଧିକାରୀ ଓ କର୍ମଚାରୀ ଯୋଗଦେଇଥିଲେ। ଆମନ୍ତ୍ରିତ ଅତିଥି ଭାବେ ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ ତଥା ସେଣ୍ଟର ଅଫ୍ ଏକ୍ସଲେନ୍ସ ଫର୍ ରୋଡ୍ ସେଫ୍ଟି, ଆଇଆଇଟି ମାଡ୍ରାସର ପ୍ରମୁଖ ପ୍ରକଳ୍ପ ଅଧିକାରୀ ଗଙ୍ଗାଧର ସାହୁ ଯୋଗଦେଇଥିଲେ।

ସଡ଼କ ସୁରକ୍ଷା ସଚେତନତା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ବିଏମ୍ ସି ପକ୍ଷରୁ ଡ୍ରାଇଭର ସଚେତନତା ଓ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ସଡକ ସୁରକ୍ଷାର ଗୁରୁତ୍ୱ ଉପରେ ଡ୍ରାଇଭରମାନଙ୍କୁ ଶିକ୍ଷିତ କରାଇବା ଏବଂ ଦାୟିତ୍ୱବାନ ଡ୍ରାଇଭିଂ ଅଭ୍ୟାସକୁ ପ୍ରୋତ୍ସାହିତ କରିବା । ଏହି କାର୍ଯ୍ୟକ୍ରମରେ ବିଏମ୍ ସିର ପ୍ରାୟ ୨୦୦ ଡ୍ରାଇଭର ଅଂଶ ଗ୍ରହଣ କରିଥିଲେ। ମଦ୍ୟ ପାନ କରି ଗାଡି ନ ଚଳାଇବା, ଗାଡି ଚଳାଇବା ବେଳେ ମୋବାଇଲରେ କଥା ନ ହେବା, ବାଇକ୍ ଚଳାଇବା ବେଳେ ହେଲମେଟ ଏବଂ ଗାଡି ଚଳାଇବା ବେଳେ ସିଟ୍ ବେଲ୍ଟ ପିନ୍ଧିବା, ଟ୍ରାଫିକ୍ ନିୟମମାନି ଗାଡି ଚଳାଇବା, ବିପରିତ ଦିଗରେ ଗାଡି ନ ଚଳାଇବା, ରାସ୍ତା ବ୍ୟବହାରକାରୀ ଅନ୍ୟମାନଙ୍କୁ ଅସୁବିଧାରେ ନ ପକାଇବା ଆଦି ସଂପର୍କରେ ମାନନୀୟା ମେୟର ଶ୍ରୀମତୀ ଦାସ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ଜୁନ୍ ୩ ତାରିଖରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମକୁ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇଛି। ‘ସଡ଼କ ସୁରକ୍ଷା ହେଉଛି ଏକ ସାମୂହିକ ଦାୟିତ୍ୱ । ନିରାପଦ ସଡ଼କ ସୁନିଶ୍ଚିତ କରିବା ପ୍ରତ୍ୟେକ ବ୍ୟକ୍ତିର ପ୍ରୟାସ ହେବା ଆବଶ୍ୟକ ବୋଲି କହିଛନ୍ତି ମେୟର ଶ୍ରୀମତୀ ଦାସ।

# ଆମୱେ ଇଣ୍ଡିଆ ରୋଗ ପ୍ରତିରୋଧ ବର୍ଗମାଳା ସୁଦୃଢ

ଭୁବନେଶ୍ୱର,୧୮।୬ (ମହାଭାରତ): ବର୍ଦ୍ଧିତ ଜୀବନଶୈଳୀ ଜନିତ ରୋଗ ଏବଂ ସ୍ୱାସ୍ଥ୍ୟ ସଚେତନତା ବୃଦ୍ଧି ସହିତ ଭାରତ ସକାରାତ୍ମକ ସ୍ୱାସ୍ଥ୍ୟସେବା ପ୍ରତି ଏକ ସ୍ୱଷ୍ଟ ସ୍ଥାନାନ୍ତରଣ ଲକ୍ଷ୍ୟ କରୁଛି। ଗ୍ରାହକଙ୍କର ପରିବର୍ତିତ ଆବଶ୍ୟକତା ସହିତ ତାଳଦେଇ ସ୍ୱାସ୍ଥ୍ୟ ଓ କଲ୍ୟାଣକୁ ସମର୍ଥନ କରୁଥିବା ଏକ ଅଗ୍ରଣୀ କମ୍ପାନୀ ଆମୱେ ଇଣ୍ଡିଆ ନ୍ୟୁଟ୍ରିଲାଇଟ ଟ୍ରିପଲ ପ୍ରୋଟେକ୍ଟ ପ୍ରଚଳନ ସହିତ ତାହାର ପୁଷ୍ଟିସାଧନ ବର୍ଗକୁ ସୁଦୃଢ କରିଛି। ବୈଜ୍ଞାନିକ ସମ୍ମତ ଉପାୟରେ ପ୍ରସ୍ତୁତ, ଉଦ୍ଭିଦ-ଭିତିକ ଏବଂ ଆସେରୋଲା ଚେରୀ, ହଳଦି ଓ ଲାଇକୋରାଇସ୍ ଆଦିର ପ୍ରାକୃତିକ ସାମର୍ଥ୍ୟରେ ସଶକ୍ତ ପରିପୂରକ ହୋଇଛି। ଏହି ଶକ୍ତିଶାଳୀ ଫର୍ମୁଲେସନରେ ଏଭଳି ପୋଷକଗୁଡିକ ରହିଛି ଯାହା ରୋଗ ପ୍ରତିରୋଧ, ପ୍ରଦାହ ହ୍ରାସ କରିବା ଏବଂ ଅନ୍ତଃନଳୀ, ତ୍ୱଚା ଓ ରୋଗ ପ୍ରତିରୋଧ ସ୍ୱାସ୍ଥ୍ୟ ପାଇଁ ମଜଭୁତ ଆଂଟିଅକ୍ସିଡାଂଟ ସୁରକ୍ଷା ଯୋଗାଇବା ଭଳି ଟ୍ରିପଲ-ଆକ୍ସନ ଫାଇଦା ଯୋଗାଇ ଦେଉଛି। ଏହାର ଶୁଭାରମ୍ଭ ଅବସରରେ ମତ ଦେଇ ରଜନୀଶ ଚୋପ୍ରା, ମ୍ୟାନେଜିଂ ଡାଇରେକ୍ଟର, ଆମୱେ ଇଣ୍ଡିଆ କହିଥିଲେ, "ନିମ୍ନ ପୋଷଣ ରାଷ୍ଟ୍ରର ଅର୍ଦ୍ଧାଧିକ ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇବା ଜାରି ରହିଥିବାବେଳେ ସାମଗ୍ରିକ କଲ୍ୟାଣ ନିମନ୍ତେ ସ୍ୱଚ୍ଛ, ଉଦ୍ଭିଦ-ଭିତିକ ସମାଧାନଗୁଡିକ କେବେହେଲେ ସେଭଳି ଗୁରୁତ୍ୱ ଲାଭ କରିନାହିଁ। ସମ୍ପ୍ରତି ଉପଭୋକ୍ତାମାନେ ସ୍ୱାସ୍ଥ୍ୟକୁ ଯେଉଳି ଗୁରୁତ୍ୱ ଦେଉଛନ୍ତି, ତାହା ପୂର୍ବରୁ କେବେ ହୋଇନଥିଲା।

# କେବିସି ଗ୍ଲୋବାଲ ଧାରନ ଇନଫ୍ରା ସୋଲାର ପ୍ରାଇଭେଟ ଲିମିଟେଡ ସ୍ଥାପନ କରିବ

ଭୁବନେଶ୍ୱର,୧୮।୬ (ମହାଭାରତ): ନାସିକରେ ଅବସ୍ଥିତ ଏବଂ ଭିତିଭୂମି ଓ ଇପିସି ସେବାଗୁଡିକ କ୍ଷେତ୍ରରେ ଏକ ଅଗ୍ରଣୀ ନାମ କେବିସି ଗ୍ଲୋବାଲ ଲିମିଟେଡ ଅକ୍ଷୟ ଶକ୍ତି କ୍ଷେତ୍ରରେ ତାହାର ସମ୍ପ୍ରସାରଣର ଅଂଶ ଭାବରେ ଧାରନ ଇନଫ୍ରା ସୋଲାର ପ୍ରାଇଭେଟ ଲିମିଟେଡ ନାମରେ ଏକ ନୂତନ ପୂର୍ଣ୍ଣ ମାଲିକାନାଧୀନ ସହଯୋଗୀ କମ୍ପାନୀ ସ୍ଥାପନ ସମ୍ପର୍କରେ ଘୋଷଣା କରିଛି। କମ୍ପାନୀର ବୋର୍ଡ ଅଫ ଡାଇରେକ୍ଟର୍ସ ୨୦୨୫ ଜୁନ ୧୩ ତାରିଖରେ ଅନୁଷ୍ଠିତ ଏହାର ବୈଠକରେ ଏହି ପଦକ୍ଷେପକୁ ଅନୁମୋଦନ କରିଛନ୍ତି। ନୂତନ କମ୍ପାନୀ ଦୀର୍ଘସ୍ଥାୟୀତା ଏବଂ ସବୁଜ ପ୍ରଯୁକ୍ତି ନିମନ୍ତେ କମ୍ପାନୀର ପ୍ରତିବଦ୍ଧତା ଅନୁଯାୟୀ ସୌର ଓ ହାଇବ୍ରିଡ ଶକ୍ତି ସମାଧାନ ଉପରେ ଦୃଷ୍ଟିନିବଦ୍ଧ କରିବ, ଯାହାର ୧୦୦ ପ୍ରତିଶତ ମାଲିକାନା ଧାରନ ଇନଫ୍ରା-ଇପିସି ଲିମିଟେଡ ନିକଟରେ ରହିବ। ଧାରନ ଇନଫ୍ରା ସୋଲାର ପ୍ରାଇଭେଟ ଲିମିଟେଡ ବିନିର୍ମାଣ, ଡିଜାଇନ, ବିକାଶ, ଅକ୍ଷୟ ଶକ୍ତି ମଡ୍ୟୁଲ, ସେଲ୍ ଏବଂ ଆନୁଷଙ୍ଗିକ ସାମଗ୍ରୀଗୁଡିକର ଉନ୍ନୟନ ସମେତ ବହୁବିଧ କାର୍ଯ୍ୟକଳାପରେ ନିୟୋଜିତ ରହିବ।

# ନୂତନ ଅପରାଧିକ ଆଇନ ସମ୍ପର୍କିତ କର୍ମଶାଳା

ଭୁବନେଶ୍ୱର,୧୮।୬ (ମହାଭାରତ): ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ ସମସ୍ତ ବରିଷ୍ଠ ପୋଲିସ ଅଧିକାରୀଙ୍କ ନିମନ୍ତେ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡ଼େମୀ ତରଫରୁ ଆୟୋଜିତ ‘ନୂତନ ଅପରାଧିକ ଆଇନ’ ସମ୍ପର୍କିତ ଏକ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାକୁ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଆନୁଷ୍ଠାନିକ ଭାବେ ଉଦଘାଟନ କରି ତିନୋଟି ନୂତନ ଆଇନର ମୌଳିକ ଉପାଦାନ ଉପରେ ଆଲୋକପାତ କରିଥିଲେ।



ଏହି କର୍ମଶାଳାରେ କେନ୍ଦ୍ରୀୟ ତଦନ୍ତ ସଂସ୍ଥାନ (ସିବିଆଇ) ର ପୂର୍ବତନ ସ୍ୱତନ୍ତ୍ର ନିର୍ଦ୍ଦେଶକ ଧରମ ଚାନ୍ଦ ଜୈନ ଓ ସିବିଆଇ ର ପ୍ରସିକ୍ୟୁସନ ନିର୍ଦ୍ଦେଶିକା ଶ୍ରୀମତୀ ପଦ୍ମିନୀ ସିଂହ ରିସୋର୍ସ ପର୍ସନ ଭାବେ ଯୋଗ ଦେଇ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା , ଏବଂ ଭାରତୀୟ ସାକ୍ଷ୍ୟ ଅଧିନିୟମ ର ବିଭିନ୍ନ ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ ।

ଆଗାମୀ ଦିନରେ ପରିବର୍ତିତ ନୂତନ ଆଇନର କାର୍ଯ୍ୟକାରିତା ଏବଂ ତୃଣ ମୂଳ ସ୍ତରରେ ଏହାର ସଠିକ ଉପଯୋଗ ହେବା କ୍ଷେତ୍ରରେ ବରିଷ୍ଠ ପୋଲିସ ଅଧିକାରୀମାନେ ଗୁରୁ ଦାୟିତ୍ୱ ତୁଲାଇବେ ବୋଲି ଡିଜିପି ଆଶା ବ୍ୟକ୍ତ କରିଛନ୍ତି। ଆଇନ ବ୍ୟବସ୍ଥାକୁ ବଜାୟ ରଖିବା ସହ ପ୍ରତ୍ୟେକ ନାଗରିକଙ୍କ ଅଧିକାର ଏବଂ ମର୍ଯ୍ୟାଦାକୁ ସୁରକ୍ଷା ଦେବା ପାଇଁ ବଦ୍ଧପରିକର ହୋଇ କାର୍ଯ୍ୟ କରିବାକୁ ଡିଜିପି ବରିଷ୍ଠ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି । ଦୃଢ ଇଚ୍ଛାଶକ୍ତି ଏବଂ ବୃତିଗତ ଦକ୍ଷତାର ସହିତ ଏହି ଆଇନଗତ ସଂସ୍କାର ଭାରତର ନ୍ୟାୟିକ ବ୍ୟବସ୍ଥାରେ ଏକ ମାଇଲଖୁଣ୍ଟ ଭାବେ ପରିଗଣିତ ହେବ ଏବଂ ନ୍ୟାୟ ବ୍ୟବସ୍ଥାରେ ଜନସାଧାରଣଙ୍କ ବିଶ୍ୱାସକୁ ଆହୁରି ମଜବୁତ କରି ଗଢି ତୋଳିବାକୁ ଡିଜିପି ଆହ୍ୱାନ ଦେଇଛନ୍ତି। ଏହି ନୂତନ ଅପରାଧିକ ଆଇନ ଗୁଡ଼ିକ ଦଣ୍ଡ କେନ୍ଦ୍ରିକ ହେବା ପରିବର୍ତେ ନ୍ୟାୟ କେନ୍ଦ୍ରିକ ହେବା ଦିଗରେ କାର୍ଯ୍ୟ କରିବାକୁ ଡିଜିପି କହିଛନ୍ତି।

ଏହି ନୂତନ ଅପରାଧିକ ଆଇନ ଗୁଡିକ ନ୍ୟାୟ ବ୍ୟବସ୍ଥାରେ ଏକ ଐତିହାସିକ ପରିବର୍ତନକୁ ପ୍ରତିନିଧିତ୍ୱ କରିବା ସହ ଆଧୁନିକ ଭାରତର ଗଣତନ୍ତ୍ର, ସାମ୍ବିଧାନିକ ଏବଂ ସାମାଜିକ-ସାଂସ୍କୃତିକ ମୂଲ୍ୟବୋଧରେ ବ୍ୟାପକ ପରିବର୍ତନ ଆଣିବ ବୋଲି ଡିଜିପି ଆଶା ବ୍ୟକ୍ତ କରିଥିଲେ।

ଏହି ଆଇନଗୁଡ଼ିକୁ କାର୍ଯ୍ୟକାରୀ କରିବାର ପ୍ରାଥମିକ ସଂସ୍ଥା ହେଉଛି ପୋଲିସ। ତେଣୁ ପ୍ରତ୍ୟେକ ପୋଲିସ କର୍ମଚାରୀ ଆଇନର ପ୍ରତିଟି ଶବ୍ଦ ସହିତ ଏହାର ଆତ୍ମାକୁ ମଧ ସଠିକ ଭାବେ ବୁଝି କାର୍ଯ୍ୟ କ୍ଷେତ୍ରରେ ଉପଯୋଗ କରିବାକୁ ଡିଜିପି ପରାମର୍ଶ ଦେଇଥିଲେ।ଏହା ସହ ତଦନ୍ତରେ ଦକ୍ଷତା ବୃଦ୍ଧି, ପୀଡିତଙ୍କୁ ସୁନିଶ୍ଚିତ ନ୍ୟାୟ ପ୍ରଦାନ ଏବଂ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଏହି ନୂତନ ଆଇନ ଆହୁରି ସଶକ୍ତ କରିବ ବୋଲି ସେ ଆଶା ବ୍ୟକ୍ତ କରିଥିଲେ।

# ସାମସଙ୍ଗ ହେଲଥ୍ଟେକ ଏବଂ ଜେନେରେଟିଭ ଏଆଇ ନିମନ୍ତେ ଏଆଇ ମାଧ୍ୟମରେ ଗବେଷଣା

ଭୁବନେଶ୍ୱର,୧୮।୬ (ମହାଭାରତ): ସାମସଙ୍ଗ ଆରଆଣ୍ଡଡ଼ି ପ୍ରତିଷ୍ଠାନ, ନଏଡ଼ା (ଏସଆରଆଇ-ଏନ) ନିଜର ଶିଳ୍ପ ଏକାଡ଼େମୀ ନିୟୋଜନ ବ୍ୟାପକତାକୁ ନେଇ ଇଣ୍ଡିଆନ ଇନଷ୍ଟିଚ୍ୟୁଟ ଅଫ ଟେକ୍ନୋଲଜି ମାଡ୍ରାସ (ଆଇଆଇଟି ମାଡ୍ରାସ) ସହିତ ଏକ ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷରିତ ଜରିଆରେ ଏହାର ସହଯୋଗୀ ଅନୁସନ୍ଧାନ, ଜ୍ଞାନକୌଶଳ ବିକାଶକୁ ଆଗେଇ ନେଇ ଭବିଷ୍ୟତ ପାଇଁ ପ୍ରସ୍ତୁତ ହେଉଥିବା ବୁଦ୍ଧିମତା ମାନଙ୍କୁ ପ୍ରତିପାଳନ କରିପାରିବ। ଏହି ସହଭାଗୀତା ଏଆଇ କ୍ଷେତ୍ରରେ ଥିବା ଅଗ୍ରଣୀ ଆଧୁନିକତମକୁ ନେଇ ଭାରତୀୟ ଭାଷା, ହେଲଥଟେକ୍ ଏବଂ ଜେନେରେଟିଭ ଏଆଇକୁ ଅଧିକ ଦୃଷ୍ଟି ପ୍ରଦାନ କରିବା ସହିତ ଏକ ଶକ୍ତିଶାଳୀ ନବୀନତମ ଇକୋ ପ୍ରଣାଳୀ ପ୍ରତିଷ୍ଠା ତଥା "ମେକ ଇନ ଇଣ୍ଡିଆ" ଏବଂ "ଡ଼ିଜିଟାଲ ଇଣ୍ଡିଆ" ର ଦୂରଦୃଷ୍ଟିତା ସହିତ ଏକାଠି ହୋଇ ରହିଥିବା ସାମସଙ୍ଗର ସେହି ବଚନ ବଦ୍ଧତାକୁ ପୁନଃ ପ୍ରବର୍ତନ କରିବ। ୫ ବର୍ଷର ଏହି ବୁଝାମଣାପତ୍ର ଆନୁଷ୍ଠାନିକ ଭାବରେ କ୍ୟୁନଗୁନ ରୁ, ଏସଆରଆଇ- ନଏଡ଼ା, ପରିଚାଳନା ନିର୍ଦ୍ଦେଶକ ତଥା ପ୍ରଫେସର ଭି. କାମକୋଟି, ନିର୍ଦ୍ଦେଶକ, ଆଇଆଇଟି ମାଡ୍ରାସଙ୍କ ମଧ୍ୟରେ ସ୍ୱାକ୍ଷରିତ ହୋଇଥିବା ବେଳେ ଏହି ଯୁଗାନ୍ତକାରୀ କାର୍ଯ୍ୟକ୍ରମର ଲକ୍ଷ୍ୟ ହେଉଛି ବ୍ୟାପକ ପରିସରଭୁକ୍ତ, ସହଯୋଗୀ କାର୍ଯ୍ୟକଳାପ ପ୍ରଦାନ ଯାହା ମଧ୍ୟରେ ରହିଛି ଗବେଷଣା ଧର୍ମୀ ପ୍ରକଳ୍ପ ନିମନ୍ତେ ପ୍ରାୟୋଜିତ ପ୍ରଦାନ, ପ୍ରକଳ୍ପ ପରାମର୍ଶଦାତା, ଜ୍ଞାନକୌଶଳର ଲାଇସେନ୍ସ ପ୍ରଦାନ, ତାଲିମ, ସୁବିଧାର ବିକାଶ ତଥା ଛାତ୍ରବୃତି।

## ପଶ୍ଚିମବଙ୍ଗରେ ଟକ୍କର

ଜାତୀୟ ସ୍ତରରେ ଯେଉଁ ପ୍ରମୁଖ ରାଜନୈତିକ ଶକ୍ତି ମଧ୍ୟରେ ମୁକାବିଲା ହୋଇଥାଏ, ସମ୍ପୃକ୍ତ ରାଜ୍ୟରେ ସେହିସବୁ ଶକ୍ତି ମଧ୍ୟରେ ମୁକାବିଲା କେନ୍ଦ୍ରୀଭୂତ ହୋଇଥାଏ। ଉତ୍ତର ପ୍ରଦେଶ, ବିହାର, ମହାରାଷ୍ଟ୍ର ଏବଂ ପଶ୍ଚିମବଙ୍ଗ ହେଲା ସେହି ୪ଟି ରାଜ୍ୟ ଯାହାର ବିଧାନସଭା ନିର୍ବାଚନକୁ ଲୋକସଭା ନିର୍ବାଚନ ଭଳି ଗୁରୁତ୍ୱ ଦିଆଯାଇଥାଏ। ଗତ ବର୍ଷ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ହୋଇଥିଲା। ଚଳିତ ବର୍ଷ ଶେଷ ଭାଗରେ ବିହାର ବିଧାନସଭା ନିର୍ବାଚନ ହେବ। ଉଭୟ ମହାରାଷ୍ଟ୍ର ଏବଂ ବିହାରରେ ଶାସକ ଏନଡିଏ ଓ ମୁ୍ୟ ବିରୋଧୀ ଇଣ୍ଡିଆ ବ୍ଲକ ମଧ୍ୟରେ ମୁକାବିଲା ହେଉଛି। ଆଉ ଆସନ୍ତା ବର୍ଷ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ଏଠାରେ ଏନଡିଏ ଏବଂ ଇଣ୍ଡିଆ ବ୍ଲକ ମଧ୍ୟରେ ନୁହେଁ, ସିଧାସଳଖ ବିଜେପି ଏବଂ ଟିଏମସି ମଧ୍ୟରେ ମୁକାବିଲା ହେଉଛି। ସେଠାରେ ଏନଡିଏର ଅନ୍ୟ କୌଣସି ଅଂଶୀଦାର ଦଳ ନାହାଁନ୍ତି। ସେହିପରି ପଶ୍ଚିମବଙ୍ଗରେ ଟିଏମସି ଏକୁଟିଆ ଲଢୁଥିବା ବେଳେ ଇଣ୍ଡିଆ ବ୍ଲକର ଅଂଶୀଦାର କଂଗ୍ରେସ ଏବଂ ବାମପନ୍ଥୀ ସାମ୍ମୁଖ୍ୟ ମେଣ୍ଟ ତୃତୀୟ ଶକ୍ତି ଭାବେ ଲଢ଼େଇ କରୁଛି। ଅଧିକ ଆସନ ଜିତି ଏହି ମେଣ୍ଟ ସରକାର ଗଠନ କରିବା ସ୍ଥିତି ଏବେ ନାହିଁ, କିନ୍ତୁ ଏହାର ଭୋଟ ପ୍ରତିଶତ ବଢ଼ିଲେ ଏହା ନିର୍ବାଚନରେ ଜୟ ପରାଜୟ ମଧ୍ୟରେ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇପାରେ। ତେଣୁ ପଶ୍ଚିମବଙ୍ଗରେ ଏଥର ମଧ୍ୟ ତ୍ରିମୁଖୀ ମୁକାବିଲା ହେବାକୁ ଯାଉଛଇ ବୋଲି କହିଲେ ଭୁଲ ହେବ ନାହିଁ। ଗତ ଥର ପଶ୍ଚିମବଙ୍ଗରେ ମମତା ବାନାର୍ଜୀଙ୍କ ଟିଏମସିକୁ ହରାଇବାକୁ ବିଜେପି ପୁରା ଦମ ଲଗାଇ ଉଦ୍ୟମ କରିଥିଲା। ବିଧାନସଭାରେ ବିଜେପିର ଆସନ ସଂଖ୍ୟା ବହୁଗୁଣ ହୋଇଥିଲା। କିନ୍ତୁ ମମତାଙ୍କ ଦଳ ଟିଏମସି ପୂର୍ବାପେକ୍ଷା ଅଧିକ ଆସନ ପାଇ କ୍ଷମତା ବଜାୟ ରଖିଲା। ତୃତୀୟ ଶକ୍ତି ଭାବେ କଂଗ୍ରେସ-ବାମପନ୍ଥୀ ମେଣ୍ଟ ଏହି ନିର୍ବାଚନରେ ମୂଳପୋଛ ହୋଇଯାଇଥିଲା। ରାଜ୍ୟରେ ସଂଖ୍ୟାଲଘୁ ଗୋଷ୍ଠୀ ମିଳିତ ଭାବେ ବିଜେପି ବିରୋଧରେ ମମତାଙ୍କ ଟିଏମସିକୁ ଭୋଟ ଦେବାରୁ ଟିଏମସି ଅଧିକ ଆସନ ପାଇଲା ଏବଂ କଂଗ୍ରେସ-ବାମପନ୍ଥୀ ମେଣ୍ଟ ନିଶ୍ଚିହ୍ନ ହୋଇଗଲା। ଏଥର ବି ନିର୍ବାଚନରେ ସେହି ସମାନ ଚିତ୍ର ଦେଖିବାକୁ ମିଳିବ ବୋଲି ଆଶା। ରାଜ୍ୟରେ ସଂଖ୍ୟାଲଘୁ ମୁସଲମାନ ସମ୍ପ୍ରଦାୟର ସଂଖ୍ୟା ଯଥେଷ୍ଟ ଅଧିକ। ସେମାନଙ୍କର ଏକମାତ୍ର ଲକ୍ଷ୍ୟ ହେଲା ବିଜେପିକୁ ପରାଜିତ କରିବା। ତେଣୁ ସେମାନେ ନିଜ ଭୋଟ ବିଭାଜିତ ନକରି କେବଳ ଯିଏ ବିଜେପିକୁ ପରାଜିତ କରିପାରିବ ତାକୁ ସମର୍ଥନ କରୁଛନ୍ତି। ତେଣୁ ମମତା ବାନାର୍ଜୀ ଏଥିରୁ ଫାଇଦା ଉଠାଉଛନ୍ତି। ଯେଉଁଦିନ ସଂଖ୍ୟାଲଘୁ ସମ୍ପ୍ରଦାୟ ଏକ ବିକଳ୍ପ ରାଜନୈତିକ ଶକ୍ତିର ସନ୍ଧାନ ପାଇବ ସେହିଦିନ ମମତାଙ୍କ ପତନ ହେବ। ଯାହା ବି ହେଉ ଏଥର ବି ବିଜେପି ପଶ୍ଚିମବଙ୍ଗରେ ମମତାଙ୍କୁ କ୍ଷମତାଚ୍ୟୁତ କରିବା ଲାଗି ପୁଣି ଅଣ୍ଟା ଭିଡ଼ିଛି। ଏଥର କିନ୍ତୁ ବିଜେପିର ଆତ୍ମବିଶ୍ୱାସ ଗତ ଥର ତୁଳନାରେ କମ ରହିଛି। ଗତ ଥର ସବୁ ଉଦ୍ୟମ କରି ମଧ୍ୟ ମମତା ବାନାର୍ଜୀଙ୍କୁ କ୍ଷମତାଚ୍ୟୁତ କରିବାରେ ବିଜେପି ବିଫଳ ହୋଇଥିଲା। ଏଥର ତାହାର ପୁନରାବୃତ୍ତି ହେବ ବୋଲି ଅନେକ ଆକଳନ କରୁଛନ୍ତି। ଗତ ବର୍ଷ ଅନୁଷ୍ଠିତ ଲୋକସଭା ନିର୍ବାଚନରେ ପଶ୍ଚିମବଙ୍ଗରେ ବିଜେପିର ସଫଳତା ୨୦୧୯ ଭଳି ସେଭଳି ଆଖି ଦୃଷ୍ଟିଆ ହୋଇନଥିଲା। ଯଦି ଲୋକସଭା ନିର୍ବାଚନ ଫଳାଫଳର ପୁନରାବୃତ୍ତି ହୁଏ ତେବେ ମମତା ପୁଣି ମୁଖ୍ୟମନ୍ତ୍ରୀ ହେବା ସୁନିଶ୍ଚିତ। କିନ୍ତୁ ଏଥର ମମତାଙ୍କ ପାଇଁ କିଛି ସମସ୍ୟା ବା ପ୍ରସଙ୍ଗ ରହିଛି ଯାହା ଗତ ଥର ନଥିଲା। ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ଅତି ଦୟନୀୟ। ମୁର୍ଶିଦାବାଦ ହିଂସାଠାରୁ ଆରମ୍ଭ କରି ଆର ଜି କର ମେଡିକାଲ କଲେଜ ଛାତ୍ରୀ ଦୁଷ୍କର୍ମ ଘଟଣା ପର୍ଯ୍ୟନ୍ତ ସବୁଥିରେ ମମତା ସରକାର ସମାଲୋଚିତ। ରାଜ୍ୟରେ ଦୁର୍ନୀତି ଚରମ ସୀମାରେ। ଦ୍ୱିତୀୟରେ ଏଥର ପଶ୍ଚିମବଙ୍ଗରେ ଏଆଇଏମଆଇଏମ ନିଜ ଶକ୍ତି ପ୍ରଦର୍ଶନ ପାଇଁ ଅଣ୍ଟା ଭିଡ଼ିଛି। ଏହା ଟିଏମସିର ଭୋଟ କାଟିବ। ମମତାଙ୍କ ପାଇଁ ଏହା ମହଙ୍ଗା ପଡ଼ିପାରେ। ଏଥର ମଧ୍ୟ ବିଜେପି ପାଇଁ ଲଢ଼େଇର ନେତୃତ୍ୱ ନେଇଛନ୍ତି ଗୃହମନ୍ତ୍ରୀ ଅମିତ ଶାହ। ଅମିତ ଶାହଙ୍କ ଆକ୍ରମଣାତ୍ମକ ଆଭିମୁଖ୍ୟ ସମ୍ପର୍କରେ ସମସ୍ତେ ଜାଣନ୍ତି। ଏଥର ସେ ମମତାଙ୍କୁ କ୍ଷମତାଚ୍ୟୁତ କରିବାକୁ ସବୁ କିଛି ବାଜି ଲଗାଇଦେବେ। ଏହା ସହିତ ମମତାଙ୍କ ବିରୋଧରେ ହିନ୍ଦୁଭୋଟ ଏକାଠି କରିବାକୁ ବିଜେପି ଭରପୂର ପ୍ରୟାସ କରୁଛି। ଯଦି ଏଥିରେ ୮୦ ପ୍ରତିଶତ ସଫଳତା ମିଳେ ତେବେ ମମତାଙ୍କ ବାଜା ବାଜିବ।

# ଯକ୍ଷ୍ମାର ଆରୋଗ୍ୟ ସମ୍ଭବ

॥ ଡାକ୍ତର କାନ୍ତୀ ନାୟକ ॥


*ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟ୍‌ଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ।*


ଯକ୍ଷ୍ମା ଜୀବାଣୁ ଜନିତ ରୋଗ। ଏହା ପବନ ଦ୍ୱାରା ଜଣେ ରୋଗୀ ଠାରୁ ଅନ୍ୟ ଜଣେ ସୁସ୍ଥ ଲୋକ ପାଖରେ ପହଞ୍ଚେ। ଏହା ସାଧାରଣତଃ ଫୁସ୍‌ଫୁସ୍‌ରୁ ଆରମ୍ଭ ହୁଏ। ଫୁସ୍‌ଫୁସ୍ ଯକ୍ଷ୍ମା ସବୁଠାରୁ ସାଧାରଣ ଯକ୍ଷ୍ମା ହୋଇଥିଲେ ମଧ୍ୟ ମସ୍ତିଷ୍କ, ଗର୍ଭାଶୟ, ପାଟି ଯକୃତ, ବୃକକ୍, ଗଳା ଏବଂ ହାଡ଼ ଆଦି ଶରୀରର କୌଣସି ସ୍ଥାନରେ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମା ଜୀବାଣୁ ପବନ ଦ୍ୱାରା ବ୍ୟାପେ। କାଶିବା, ଛିଙ୍କିବା ଦ୍ୱାରା ମୁହଁରୁ ବାହାରୁଥିବା ଛୋଟ ଛୋଟ ଛେପବୁନ୍ଦା ଏହି ସଂକ୍ରମଣ ବଢ଼ାଏ। ଯକ୍ଷ୍ମାରୋଗୀର ଖୁବ୍ ନିକଟରେ ବସି କଥାବାର୍ତ୍ତା କରିବା ଦ୍ୱାରା ମଧ୍ୟ ଏହି ସଂକ୍ରମଣ ହୋଇପାରେ। ତେବେ ଫୁସ୍‌ଫୁସ୍ ବ୍ୟତୀତ ଅନ୍ୟ କୌଣସି ଯକ୍ଷ୍ମା ଜଣକ ଠାରୁ ଅନ୍ୟଜଣକୁ ବ୍ୟାପେନାହିଁ। ଏହା ବ୍ୟତୀତ ଯକ୍ଷ୍ମା ବଂଶାନୁକ୍ରମିକ ରୋଗ ନୁହେଁ। ଯକ୍ଷ୍ମା ଜୀବାଣୁ ଶରୀରର ଯେଉଁ ଅଂଶରେ ଥାଏ ସେ ସେହି ଅଂଶର ଟିସୁଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ। ଫଳରେ ସେହି ଅଙ୍ଗର କାମ ପ୍ରଭାବିତ ହୁଏ। ଉଦାହରଣ ସ୍ୱରୂପ ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହେଲେ ଏହା ଫୁସ୍‌ଫୁସ୍‌କୁ ଧୀରେ ଧୀରେ ନଷ୍ଟ କରିଦିଏ। ଗର୍ଭାଶୟରେ ହେଲେ ଏହା ପ୍ରଜନନ କ୍ଷମତା ନଷ୍ଟକରି ଦିଏ। ହାଡ଼ରେ ଯକ୍ଷ୍ମା ହେଲେ ହାଡ଼ ସଂପୂର୍ଣ୍ଣ ଭାବେ ସଢ଼ିଯାଏ। ମସ୍ତିଷ୍କରେ ହେଲେ ରୋଗୀକୁ ମସ୍ତିଷ୍କାଘାତ ହୁଏ ଏବଂ ଯକୃତରେ ହେଲେ ପେଟରେ ପାଣିଜମିଯାଏ।

ରୋଗର ଲକ୍ଷଣ : ଦୁଇ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ କାଶ ଲାଗି ରହିଲେ, କାଶରେ କଫ ପଡ଼ିଲେ, ବେଳେବେଳେ କଫରେ ରକ୍ତ ଆସିଲେ, ଭୋକ ଲାଗିବା କମ୍ ହୋଇଗଲେ, ଲଗାତାର ଓଜନ କମ୍ ହେଲେ, ସନ୍ଧ୍ୟା ବା ରାତିରେ ଜ୍ୱର ଆସିଲେ, ଥଣ୍ଡାରେ ମଧ୍ୟ ଝାଳ ବାହାରିଲେ, ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେଲେ ଏହାକୁ ଯକ୍ଷ୍ମାର ଲକ୍ଷଣ ବୋଲି ସନ୍ଦେହ କରିପାରନ୍ତି। କିନ୍ତୁ ବେଳେ ବେଳେ ଉପରୋକ୍ତ କୌଣସି ଲକ୍ଷଣ ନଥାଇ ମଧ୍ୟ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମାର ଅନେକ ଲକ୍ଷଣ କ୍ୟାନସର ଏବଂ ବ୍ରୋଙ୍କାଇଟିସ୍‌ର ଲକ୍ଷଣ ସହ ମେଳ ଖାଏ। ତେବେ ବ୍ରୋଙ୍କାଇଟିସ୍‌ରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ଏବଂ ନିଶ୍ୱାସ ନେଲା ବେଳେ ସିଟି ବଜାଇବା ପରି ଶବ୍ଦ ହୁଏ। ଫୁସ୍‌ଫୁସ୍ କ୍ୟାନସର ହୋଇଥିଲେ ପାଟିରୁ ରକ୍ତ ବାହାରେ। ଓଜନ ମଧ୍ୟ କମି ଯାଏ। କିନ୍ତୁ ସାଧାରଣତଃ ଜ୍ୱର ହୁଏ ନାହିଁ। ଟିବି ହେଲେ ନିଶ୍ୱାସ ନେବାକୁ କଷ୍ଟହୁଏନି କିନ୍ତୁ ଜ୍ୱର ହୁଏ।

କାହାପାଇଁ ବିପଦ ଅଧିକ : ଯେଉଁମାନେ ଠିକ୍‌ରେ ଖାଇବା ପିଇବା କରନ୍ତି ନାହିଁ ସେମାନଙ୍କ ପ୍ରତି ଯକ୍ଷ୍ମାର ଆଶଙ୍କା ଅଧିକ। କାରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ଜୀବାଣୁକୁ ପ୍ରତିରୋଧ କରିବା କଷ୍ଟକର ହୋଇଯାଏ। ଯେତେବେଳେ କମ୍ ସ୍ଥାନରେ ଅଧିକ ଲୋକ ରୁହନ୍ତି ସେତେବେଳେ ଯେକୌଣସି ସଂକ୍ରମଣ ଅଧିକ ବଢ଼େ। ଅନ୍ଧାରିଆ, ସନ୍ତସନ୍ତିଆ ଏବଂ ଶିଉଳି ଥିବା ସ୍ଥାନରେ ଯକ୍ଷ୍ମା ସଂକ୍ରମଣ ଅଧିକ ହୁଏ। କାରଣ ଏହା ଯକ୍ଷ୍ମା ଜୀବାଣୁ ବୃଦ୍ଧି ପାଇଁ ଉତ୍କୃଷ୍ଟ ପରିବେଶ। ଏହା ଯେ କୌଣସି ବ୍ୟକ୍ତିକୁ ମଧ୍ୟ ହୋଇପାରେ। କାରଣ ଏହା ଏକ ବାୟୁବାହିତ ରୋଗ। ଏହା ବ୍ୟତୀତ ଧୂମପାନ କରୁଥିବା ବ୍ୟକ୍ତିମାନଙ୍କୁ ଯକ୍ଷ୍ମାର ଆଶଙ୍କା ସବୁଠାରୁ ଅଧିକ। ମଧୁମେହ ରୋଗୀ, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି ଏବଂ ଏଚ୍‌ଆଇଭି ରୋଗୀଙ୍କ ପ୍ରତି ଯକ୍ଷ୍ମାର ଅଧିକ ବିପଦ ରହିଛି। ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ଅଧିକ।

ରୋଗ ଚିହ୍ନଟ : ଶରୀରର ଯେଉଁ ଅଂଶରେ ଯକ୍ଷ୍ମା ଅଛି ତାହା ଅନୁଯାୟୀ ପରୀକ୍ଷା କରାଯାଏ। ଫୁସ୍‌ଫୁସ୍ ଯକ୍ଷ୍ମା ପାଇଁ କଫ ପରୀକ୍ଷା କରାଯାଏ। ଏଥିପାଇଁ ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ହୁଏ। ସରକାରୀ ଡାକ୍ତରଖାନା ଏବଂ ଡଟ୍‌ସ ସେଣ୍ଟରରେ ଏହି ପରୀକ୍ଷା ମାଗଣାରେ କରାଯାଏ। କଫ ପରୀକ୍ଷାରୁ ଯକ୍ଷ୍ମା ଧରାନପଡ଼ିଲେ ଏଏଫ୍‌ବି କଲଚର କରିବାକୁ ହୁଏ।

ଚିକିତ୍ସା : ଯକ୍ଷ୍ମାର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ। ସରକାରୀ ଡାକ୍ତରଖାନା ଓ ଡଟ୍‌ସ ସେଣ୍ଟରରେ ମାଗଣା ଚିକିତ୍ସା କରାଯାଏ। ତେବେ ସବୁଠୁ ବଡ଼ କଥା ହେଉଛି ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବା ଦରକାର। ମଝିରେ ଔଷଧ ଖାଇବା ବନ୍ଦ କରିଦେଲେ ରୋଗ ଜୀବାଣୁଗୁଡ଼ିକର ଔଷଧ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହୋଇଯାଏ। ଏହାଦ୍ୱାରା ଚିକିତ୍ସା କଷ୍ଟକର ହୁଏ, ସାଧାରଣ ଔଷଧ ପ୍ରଭାବଶାଳୀ ହୁଏ ନାହିଁ। ଏହି ସ୍ଥିତିକୁ ମଲ୍‌ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଏବଂ ଏକ୍ସଟେନ୍‌ସିବୁଲ ଡ୍ରଗ ରେଜିଷ୍ଟାଣ୍ଟ କୁହାଯାଏ। ସାଧାରଣତଃ ପ୍ରତି ୧୦୦ଟି ଘଟଣାରେ ଦୁଇଟି ମାମଲା ଏମ୍‌ଡିଆର୍ ଏବଂ ଏମ୍‌ଡିଆର ମାମଲାରେ ୭ ପ୍ରତିଶତ ଏକ୍ସଡିଆର ସ୍ଥିତି ଥାଏ। ଏହା ଖୁବ୍ ବିପଜ୍ଜନକ ସ୍ଥିତି। ଏହି ରୋଗର ଚିକିତ୍ସା ଅଧିକ ମହଙ୍ଗା ନୁହେଁ। କିନ୍ତୁ ଏକ୍ସଡିଆର ଏବଂ ଏମ୍‌ଡିଆର ମାମଲାରେ ଚିକିତ୍ସା ମହଙ୍ଗା ହୋଇଯାଏ। ଦୀର୍ଘ ସମୟ ଅର୍ଥାତ୍ ୬ମାରୁ ୨ ବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼େ। ସାଧାରଣ ଏବଂ ଗର୍ଭାଶୟ ଯକ୍ଷ୍ମାର ଚିକିତ୍ସା ୬ମାସ ପର୍ଯ୍ୟନ୍ତ, ଅସ୍ଥି ଏବଂ ବୃକକ୍ ଯକ୍ଷ୍ମା ପାଇଁ ୯ ମାସ ଏବଂ ଏମ୍‌ଡିଆର୍/ ଏକ୍ସଡିଆର ଚିକିତ୍ସା ପାଇଁ ଦୁଇବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ହୁଏ। ଔଷଧ ଆରମ୍ଭ କରିବାର ଦୁଇ ସପ୍ତାହରୁ ଦୁଇମାସ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଦ୍ୱାରା ଅନ୍ୟକୁ ଯକ୍ଷ୍ମା ହେବାର ଆଶଙ୍କା ରହିଛି। କାରଣ ଔଷଧ ଖାଇଲେ ମଧ୍ୟ ସେ ସମୟ ମଧ୍ୟରେ ବ୍ୟାକ୍ଟେରିଆ ସକ୍ରିୟ ଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ଜୀବାଣୁ ଅଧିକ ସକ୍ରିୟ ହୋଇଯାଏ। ଅନେକ ସମୟରେ ଯକ୍ଷ୍ମାର ଜୀବାଣୁ ଶରୀରରେ ଥିଲେ ମଧ୍ୟ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ଥିଲେ ଏହା ସଂକ୍ରମିତ ହୋଇପାରେ ନାହିଁ। ରୋଗୀ ଭିଡ଼ ସ୍ଥାନରୁ, ଅନ୍ଧାର ଏବଂ ସନ୍ତସନ୍ତିଆ ସ୍ଥାନକୁ ନଯିବା ଉଚିତ। ଏହି ରୋଗୀକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ରୋଗୀକୁ ମାକ୍ସ ପିନ୍ଧାଇ ରଖନ୍ତୁ। ରୋଗୀକୁ ପବନ ଚଳାଚଳ କରୁଥିବା ଏବଂ ଭଲ ଆଲୋକ ପଡୁଥିବା କୋଠରୀରେ ରଖନ୍ତୁ। କିନ୍ତୁ ରୋଗୀ ଥିବା କୋଠରୀରେ ଏସି ଲଗାନ୍ତୁ ନାହିଁ। କାରଣ ଏସି ମଧ୍ୟରେ ଜୀବାଣୁ ରହି ଅନ୍ୟଙ୍କୁ ସଂକ୍ରମିତ କରିବେ।

ମହିଳାଙ୍କୁ ଯକ୍ଷ୍ମା : ମହିଳାଙ୍କ ଗର୍ଭାଶୟ ଯକ୍ଷ୍ମା ଆକ୍ରାନ୍ତ ହେଲେ ପ୍ରଜନନ କ୍ଷମତା ପ୍ରଭାବିତ ହୁଏ। ତେବେ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ସମ୍ଭବ। ଗର୍ଭବତୀ ମହିଳା ଯକ୍ଷ୍ମା ସଂକ୍ରମିତ ହୋଇଥିଲେ ସାଧାରଣତଃ ଏହି ରୋଗ ଶିଶୁ ପାଖକୁ ଯାଏ ନାହିଁ। ତେବେ ଏଭଳି କ୍ଷେତ୍ରରେ ଶିଶୁ ଜନ୍ମ ହେବା ପରେ ତୁରନ୍ତ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଏ।

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟ୍‌ଲି ଆବ୍‌ଜର୍ଭଡ୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ। ଏଥିରେ ଯକ୍ଷ୍ମା ରୋଗର ମାଗଣା ପରୀକ୍ଷା ଠାରୁ ଆରମ୍ଭ କରି ମାଗଣା ଚିକିତ୍ସା ଅନ୍ତର୍ଭୁକ୍ତ। ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ ରୋଗକୁ ନିଜ ଆଗରେ ଔଷଧ ଖୁଆନ୍ତି। ଯଦ୍ୱାରା ରୋଗୀ ଔଷଧ ଖାଇବାକୁ ଭୁଲିନଯିବ। ସ୍ୱାସ୍ଥ୍ୟକର୍ମୀ ରୋଗୀ ଓ ପରିବାରର କାଉନ୍‌ସେଲିଂ କରନ୍ତି। ଏଥିସହ ଚିକିତ୍ସା ସଂପୂର୍ଣ୍ଣ ପରେ ମଧ୍ୟ ରୋଗୀ ଉପରେ ନଜର ରଖନ୍ତି। ଏହାଦ୍ୱାରା ୯୫ ପ୍ରତିଶତ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରନ୍ତି। ତେବେ କୌଣସି ବ୍ୟକ୍ତି ନିଜ ଅସାବଧାନତା ଯୋଗୁଁ ଯକ୍ଷ୍ମା ରୋଗ ବଢ଼ାଇଲେ ଏଥିପାଇଁ ଆଇନ୍‌ରେ ଦଣ୍ଡ ବ୍ୟବସ୍ଥା ରହିଛି। ନିଜର ଠିକ୍ ଚିକିତ୍ସା ନ କରିବା ଏବଂ ଏହାକୁ ଅନ୍ୟମାନଙ୍କ ମଧ୍ୟରେ ସଂକ୍ରମଣ କରାଇବା ଅଭିଯୋଗରେ ୬ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଏକ୍ସଡିଆର ଯକ୍ଷ୍ମା ସଂକ୍ରମଣ କରାଇବା ଦ୍ୱାରା ବର୍ଷେ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଆଜି ବି ଲୋକମାନଙ୍କର ଧାରଣା ରହିଛି ଯକ୍ଷ୍ମା ଗରିବ ଲୋକମାନଙ୍କୁ ହିଁ ହୁଏ ଏବଂ ଏହାର ଚିକିତ୍ସା ସମ୍ଭବ ନୁହେଁ। ଯେଉଁ ଲୋକମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନଙ୍କ ମନରେ ଏହି ଧାରଣା ରହିଯାଏ। କିନ୍ତୁ ପ୍ରକୃତ କଥା ହେଉଛି ଯେଉଁମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନେ ମଝିରୁ ଔଷଧ ବନ୍ଦ କରିଥାଆନ୍ତି। ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଯକ୍ଷ୍ମା ହେବା ସୂଚାଉଛି ଯେ କେବଳ ଗରିବ ନୁହେଁ ଯେ କୌଣସି ବ୍ୟକ୍ତିକୁ ଏହି ରୋଗ ଆକ୍ରମଣ କରିପାରେ। ତେବେ ଗରିବ ଲୋକଙ୍କର ଖାଇବା ପିଇବା ଠିକ୍ ନଥିବାରୁ ସେମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଏହି ଜୀବାଣୁ ଶୀଘ୍ର ଆକ୍ରମଣ କରିନିଏ। ଅନେକ ବିଶ୍ୱାସ କରନ୍ତି ଗର୍ଭବତୀ ମହିଳା ଯକ୍ଷ୍ମା ଔଷଧ ଖାଇବା ଉଚିତ ନୁହେଁ। କିନ୍ତୁ ପ୍ରକୃତ କଥା ହେଉଛି ଏହି ଔଷଧ ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ। ଆଉ କେତେକ ଲୋକ ମନେ କରନ୍ତି ସରକାରୀ କେନ୍ଦ୍ରର ଔଷଧ କାମ କରେନାହିଁ। ପ୍ରକୃତ କଥା ହେଉଛି ଯକ୍ଷ୍ମା ପ୍ରଥମ ସ୍ତରରେ ଥିଲେ ୯୫ ପ୍ରତିଶତ କ୍ଷେତ୍ରରେ ଶୀଘ୍ର ଆରୋଗ୍ୟ ସମ୍ଭବ ହୁଏ। କିନ୍ତୁ ଔଷଧ ଠିକ୍ ଭାବରେ ନଖାଇଲେ ଯକ୍ଷ୍ମା ଦ୍ୱିତୀୟ ସ୍ତରକୁ ଚାଲିଯାଏ ଏବଂ ଆରୋଗ୍ୟର ସମ୍ଭାବନା ୬୦ ପ୍ରତିଶତକୁ ଖସିଆସେ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,

# ଘେରାଏ ପୃଥିବୀର ଅସରନ୍ତି ମଣିଷ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ଆମେ ଯିଏ ଯେତେ, ଆମ ସଂସାରର ପୃଥିବୀବି ସେତିକି। ଦୂର ଯେତିକି, ନିକଟ ବି ସେତିକି। ଚିହ୍ନା ଯେତିକି, ଅଚିହ୍ନା ବି ସେତିକି। କୁଳାଣ ଯେତିକି ଅକୁଳଣ ବି ସେତିକି। ଆମେ ଆମ ପୃଥିବୀକୁ ଯେତିକି ଲାଗିଛୁ, ସେତିକି ବି ବିଲଗ ହୋଇଛୁ। ତେଣୁ ଅନେକ ଖନ୍ଦାରୁ ଦେଖିଲେ ଆମେ ପୃଥିବୀର ଅଗଣାକୁ ବୁଝିପାରି ନାହୁଁ, ନିବିଡ଼ ଏଇ ଓଡ଼ିଶା ଭୂଇଁରେ ଆମେ କେତେ କେତେ ମାପରେ ଆତଯାତ ହେଉଥିଲେ ହେଁ ଆମେ କେତେ ବାଗିର ସରି ସରି ଯାଉଛୁ ଆମ ଘେରାଏ ଏଇ ପୃଥିବୀର ସଂସାର ନିକଟରେ। ଆମ ଜଣା ଅଜଣା ଅନେକଙ୍କ ନିକଟରେ ପ୍ରିୟ ଚିତ୍ତଭାଇ (ପ୍ରଫେସର ଚିତ୍ତରଞ୍ଜନ ଦାସ) ଏହିପରି ବେଭାରରେ ଜଣେ ସଳଖ ମଣିଷ ହୋଇ ବଞ୍ଚିରହିଥିଲେ, ଯାହାଙ୍କ ନିକଟରେ ଏହି ଘେରାଏ ପୃଥିବୀ ସଂସାର ଜ୍ଞାନରେ ଏମୁଣ୍ଡରୁ ସେମୁଣ୍ଡ ଯାଏଁ ଆବୋରି ରହିଥିଲା। ମଣିଷ ସରି ସରି ଆସେ, କେତେ କେତେ ପଣର ଅନ୍ଦାଜ ଗୁଡ଼ିକରୁ। ମାତ୍ର ଚିତ୍ତଭାଇ ନିଜ ନିଦାପଣରେ ଅସରନ୍ତି ହୋଇ ଚାଲୁଥିଲେ। ଆଉ ସମସ୍ତଙ୍କ ଦିହରେ ଅସରନ୍ତି ମଣିଷର ବୈଚିତ୍ର୍ୟଯୁକ୍ତ ମହିମାକୁ କେତେ ଠାଣିରେ ଆଘ୍ରାଣ କରିନେଇଥିଲେ। କେମିତି କେଜାଣି ବିଧି ତାଙ୍କୁ କେଉଁ ଧାତୁରେ ଗଢ଼ିଥିଲା କେଜାଣି, ଏଇ ସଳଖ ମଣିଷ ଜଣକଯେ କେତେଦୂର ନଇଁ ଆସନ୍ତି ଓ ନଇଁ ପାରନ୍ତି ତାହା ବିସ୍ମୟାଭିଭୂତ କରିଦିଏ। ହଁ, କହିହେବ, ସ୍କୁଲ ଶିକ୍ଷାର ଅମିଳନ ଶିକ୍ଷକବୃନ୍ଦଙ୍କୁ, ସହପାଠୀଙ୍କୁ ଯିଏ ପ୍ରିୟ ଚିତ୍ତଭାଇଙ୍କ ଆଖିର ମହିମାକୁ, ହୃଦୟର ଗଭୀରତାକୁ ଆହୁରି ବାଂଙମୟ କରିବାରେ ଆଲକେମି ପରି କାର୍ଯ୍ୟ କରିଥିଲେ। ଦେଶ ସ୍ୱାଧୀନ ହୋଇ ଆସିବାର ସକ୍ରିୟ ସଙ୍କେତ ଗୁଡ଼ିକ ମିଳିଯାଉଥିବା ଜାଣି ଚିତ୍ତରଂଜନ ଶାନ୍ତିନିକେତନର ବିଦ୍ୟାର୍ଥୀ ହେବାକୁ ଅଭିଳାଷ ପୋଷଣ କରିଥିଲେ। ଶାନ୍ତିନିକେତନରୁ କୋପେନହେଗେନ୍ ଏବଂ ତହିଁ ଉତ୍ତାରୁ କେତେ କେତେ ସ୍ୱପ୍ନର ଅଭିଳାଷରେ ମୁଖର ଚିତ୍ତରଂଜନ ଶିକ୍ଷକ ହେବାର ପ୍ରତିଜ୍ଞାରେ ନିଜ ଚିନ୍ତନକୁ ଭିଜାଇ ଦେବାରେ ଉଚ୍ଛୁର କରିନଥିଲେ। ବିଦେଶମାଟିର କେତେ କେତେ ପରିବର୍ତ୍ତନକାମୀ ବିଚାର, ବ୍ୟବସ୍ଥା, ଜାଗରଣ, ଉଦ୍‌ବେଳନ, ବିଦ୍ୟା, ଅଭିପ୍ରାୟ, ନୈକଟ୍ୟକୁ କଦର କରିପାରିଥିବା ଚିତ୍ତରଂଜନ ଓଡ଼ିଶାକୁ ଛୁଉଁ ଛୁଉଁ ଜନ୍ମମାଟି ବାଗଲପୁରକୁ ନଯାଇ ଅନୁଗୁଳର ଚମ୍ପତିମୁଣ୍ଡାରେ ଜୀବନ ବିଦ୍ୟାଳୟ ତୀର୍ଥ-ଦର୍ଶନରେ ନିଜକୁ ମୁହାଁଇ ଆଣିଥିଲେ। ଅଗ୍ନିକନ୍ୟା ଶ୍ରୀମତୀ ମାଳତୀ ଚୌଧୁରୀ (ନୁମା) ଓ ଭୂଇଁଛୁଆଁ ମଣିଷ ବାପି (ଶ୍ରୀଯୁକ୍ତ ନବକୃଷ୍ଣ ଚୌଧୁରୀ)ଙ୍କ ହାତ ଗଢ଼ା ଅନୁଷ୍ଠାନ ବାଜିରାଉତ ଛାତ୍ରାବାସରୁ ରାସ୍ତା ପଡ଼ିଲା ଚମ୍ପତିମୁଣ୍ଡା-ଜୀବନ ବିଦ୍ୟାଳୟକୁ। ତମସାତୀରର ତୀର୍ଥଦର୍ଶନ-ଜୀବନ ବିଦ୍ୟାଳୟ। ୧୯୫୨ ମସିହାରେ ପ୍ରତିଷ୍ଠା ହେଲା ଜୀବନ ବିଦ୍ୟାଳୟ। ସତ୍ୟବାଦୀ ବନ ବିଦ୍ୟାଳୟ ଲୋକଲୋଚନରେ ଯେତେ ଚର୍ଚ୍ଚିତ, ଚମ୍ପତିମୁଣ୍ଡାର ଜୀବନ ବିଦ୍ୟାଳୟ-ଓଡ଼ିଶାର ଆଲୋଚନା ଅଙ୍ଗନରେ ତତୋଧିକ ଅବହେଳିତ। ମାତ୍ର ଜୀବନ-ବିଦ୍ୟାଳୟର ପୁଣ୍ୟ ସକାଳକୁ ଫୁଟାଇ ପାରୁଥିବା ଚିତ୍ତରଂଜନଙ୍କୁ କ୍ରମଶଃ ଅପସାରଣ କରିଦିଆଯାଇଥିଲା। ଏକମାତ୍ର ପୁସ୍ତକ /ଦଲିଲ୍- "ଚଳିଛି ନିକର" (ଲେଖକ-ଶ୍ରୀ ନନିଗୋପାଳ ପାଲିତ, ଜୀବନ-ବିଦ୍ୟାଳୟର ଛାତ୍ର, ପ୍ରକାଶକ - ଶିକ୍ଷା ସନ୍ଧାନ) ରେ ଜୀବନ-ବିଦ୍ୟାଳୟ କାହିଁକି ଓ କିପରି ନିଷ୍ପନ୍ଦ ପାଲଟିଗଲା ତାହାର କୋହ-ବିବରଣ ସନ୍ନିବେସିତ। କଟକ ଜେଲ୍‌ରେ ସ୍ୱାଧୀନତା ସଂଗ୍ରାମୀଙ୍କ ମେଳରେ ନିଜ ବ୍ରତକୁ ପଅଟାଇଥିବା ଚିତ୍ତରଂଜନ ଜୀବନ ବିଦ୍ୟାଳୟର ଉଭୟ ପରିଣତି ଓ ପଣତକୁ ଦେଖି ନିଶ୍ଚୟ ବିବ୍ରତ ହୋଇଥିବେ କି ନାହିଁ, ତାହା କିଏ ଅବା କହିବ ! ଏବେବି ଅଛନ୍ତି ଛାତ୍ର ଶ୍ରୀ ଶଶିଭୂଷଣ ପାଣିଗ୍ରାହୀ, ବୁର୍ଲା, ସମ୍ବଲପୁରରେ। କାଳ ଲମ୍ବି ଲମ୍ବି ଯାଉଥିବ। ଚିହ୍ନମାନ କେଜାଣି ହଜିଯିବେ! ଘେରାଏ ପୃଥିବୀର ପଣତରେ ଏଇ ଅମଳିନ ବିଦ୍ରୋହୀ ଆତ୍ମାଙ୍କୁ ହେଜିବାର ଅବସର ହାତଛଡ଼ା ନହେଉ। ହଁ, ଜୀବନ-ବିଦ୍ୟାଳୟରୁ ଆସିବାପରେ, ଚିତ୍ତରଂଜନ ସକାଳର ଘ୍ରାଣରେ ଆଗକୁ ପାଦ ବଢ଼ାଇଲେ, ବିଚ୍‌ପୁରୀ ଆଗ୍ରା ଗ୍ରାମୀଣ ବିଶ୍ୱବିଦ୍ୟାଳୟରେ ଅଧ୍ୟାପକ ଜୀବନର ଅୟମାରମ୍ଭ କଲେ। ସେତେବେଳର ଛାତ୍ର ଉତ୍ତରାଖଣ୍ଡର ଶ୍ରୀ ସଦନ ମିଶ୍ର, ଅଧ୍ୟାପକ ଶ୍ରୀ ରମେଶ ଘୋଡ଼େ (ନାଗପୁର) ଏବେବି ଏହି ପୁଣ୍ୟପ୍ଲୁତ ମଣିଷଙ୍କୁ କେତେ ଗଭୀର ଶ୍ରଦ୍ଧା-ନିବେଦନରେ ବିନୟାବନତ ହୋଇ ରହିଛନ୍ତି, ତାହା ଦେଖିଲେ ହିଁ ବିଶ୍ୱାସକରିହୁଏ। ଗଡ଼ୱାଲର ହାଟକଲ୍ୟାଣୀ ଗାଆଁରୁ ହିମାଳୟ ଦର୍ଶନର ଯାତ୍ରା ଶିଳାତୀର୍ଥରେ ପରିଣତ ହେଲା। ପାଦରେ ଚାଲି ଚାଲି ଶିଳାତୀର୍ଥର ନୟନାଭିରାମ ଅନୁଭୂତିର ପରାକାଷ୍ଠା। ଦୁଇଖଣ୍ଡ ପୁସ୍ତକରୁ ହିମାଳୟଦର୍ଶନ 'ଶିଳାତୀର୍ଥ'ର ସିନା ରୂପନେଲା ମାତ୍ର 'ଯମୁନେତ୍ରୀ'ର ଦର୍ଶନ ପୁସ୍ତକର ରୂପ ନେଇପାରିଲା ନାହିଁ। ଯମୁନେତ୍ରୀର ପାଣ୍ଡୁଲିପି ଓ ପ୍ରିୟ କ୍ୟାମେରା ଖଣ୍ଡକ କାହା ଲୋଭ ସମ୍ବରଣରେ କାଳ କାଳକୁ ଅତୀତ ହୋଇଗଲା। ଶିଳାତୀର୍ଥର ଉଲ୍ଲାସ ଓ ମହିମା ଯମୁନେତ୍ରୀ ଦର୍ଶନକୁ ଆଉ ଛୁଇଁ ପାରିଲା ନାହିଁ। ଘେରାଏ ପୃଥିବୀ ଓ ଅସରନ୍ତି ଅନୁଭୂତିର ଠୁଳ ସମ୍ମୋହନରୁ ବଞ୍ଚିତ ହେଲା କ୍ଷଣ କ୍ଷଣର ଜୀବନ। କ୍ଷଣ କ୍ଷଣର ଲୋଭନୀୟ ବିପଣିରୁ ଚିତ୍ତରଂଜନ ଆଖିଫେରାଇ ନେଇଥିଲେ। ମାତ୍ର ଯାହାକୁ ସେ ସାଉଁଟିନେଉଥିଲେ ତାହା କେବଳ ନିଜ ପାଇଁ ରଖୁନଥିଲେ, ଆଉଜି ଦେଉଥିଲେ ଆଉ ଏକ ପୃଥିବୀର ଆତ୍ମାପାଇଁ। ସଂଗୃହୀତ ବିଭିନ୍ନ ଦେଶର ହଜାର ହଜାର ଡାକଟିକେଟକୁ ସେ କାହାକୁ ଦେବେ କାହାକୁ ଦେବେ ଖୋଜି ଖୋଜି - ଉଷାନଗରୀକୁ (ଅରୋଭିଲ) ଶେଷରେ ସମର୍ପି ଦେଇଗଲେ। ବିଶ୍ୱନୀଡ଼ମ୍‌ର ସଂପତ୍ତି ବିଶ୍ୱଅଙ୍ଗନର ସଂପତ୍ତି ପାଲଟିଗଲା। ମାଆ ହାରାମଣି ଦେବୀ ଓ ବାପା ଶ୍ରୀଯୁକ୍ତ ଖୋସାଲି ଚରଣ ଦାସଙ୍କ ଏଇ ପୁଅଟି ଯେଉଁଠିକୁ ଯାଉଥିଲେ ତାହାକୁ ଅସରନ୍ତି ଡୋରରେ ବାନ୍ଧି ରଖିଥିଲେ। ସେଥିପାଇଁ ବିଦେଶକୁ ଗଲାବେଳେ, ବାପା ବାଟେଇ ଦେବାକୁ ଆସି କହିଥିଲେ, "ତୁ ଫେରିଲା ବେଳକୁ ମୁଁ ଥିବିକି ନାହିଁ କିଏ କହିବରେ ! ମାତ୍ର ପୃଥିବୀର ଯୁଆଡ଼କୁ ଯିବୁ ତୋତେ ପୁଅ କରିନେବାକୁ କେତେ କେତେ ବାପା ମାଆ ମିଳିଯିବେ"। ହଁ, ତାହାହିଁ ହେଲା-ଅଧୀର ଘେରାଏ ପୃଥିବୀର ଅସରନ୍ତି ମଣିଷ ପ୍ରିୟ ଚିତ୍ତଭାଇ। ଯେତେବେଳେ ହେଉ ଯେଉଁଠି ବି ହେଉ, ଠୋ'ଠୋ' ହୋଇ ନାଗି ଆସନ୍ତି ସଳଖ ଭାବରେ, ବଡ଼ ନିଦା ଭାବରେ। ଭିଡ଼ ଠେଲି ଆଗକୁ, ଆମେ ପଛରେ ଥିଲେ, ସେ ଆଡ଼ ହୋଇ ଅନାଇ ରହିଛନ୍ତି କି !

**ବିଷମ କଟକ, ରାୟଗଡ**

# ଗୁଡ଼ିର ମୃତ୍ୟୁ ଫାଶ ଓ ମାଞ୍ଜା ସୂତା

॥ ବାଦଲ ଭୂୟାଁ ॥

କଟକ ଜିଲ୍ଲାରେ ମାଞ୍ଜା ସୂତା ବ୍ୟବହାର ଓ ବିକ୍ରି ସମ୍ପୂର୍ଣ୍ଣ ନିଷେଦ୍ଧ କରାଯାଇଛି। ମାନ୍ୟବର ହାଇକୋର୍ଟଙ୍କ ଜାନୁଆରୀ ୯ ତାରିଖର କଡ଼ା ନିର୍ଦ୍ଦେଶ ପରେ କଟକର ଜିଲ୍ଲାପାଳ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ଉଲ୍ଲେଖ କରାଯାଇଛି ଯେ ମାଞ୍ଜା ଦିଆଯାଇଥିବା ନାଇଲନ ବା ଅନ୍ୟ ସୂତା ତିଆରି, ବିକ୍ରି, ରଖିବା ଓ ବ୍ୟବହାର ସମ୍ପୂର୍ଣ୍ଣ ନିଷେଧ। ପଶୁ, ପକ୍ଷୀ ଓ ମଣିଷଙ୍କ ଜୀବନର ସୁରକ୍ଷାକୁ ଦୃଷ୍ଟିରେ ରଖି ପରିବେଶ ସୁରକ୍ଷା ଆଇନର ଧାରା ୫ ରେ ଏପରି ନିର୍ଦ୍ଦେଶ ପ୍ରଦାନ କରାଯାଇଛି। ମାଞ୍ଜା ସୂତାରେ କଟି ନିକଟରେ କେତେକ ବ୍ୟକ୍ତି ଗୁରୁତର ଆହତ ହୋଇଥିବାବେଳେ ଅତୀତରେ କେତେକ ଘଟଣାରେ ଲୋକମାନଙ୍କ ଜୀବନ ଯାଇଛି। ମକର ସଂକ୍ରାନ୍ତି ଅବସରରେ ସବୁଆଡ଼େ ଗୁଡ଼ିର ମାହୋଲ ଦେଖାଯାଏ। ମକର ଯେତିକି ପାଖେଇ ପାଖେଇ ଆସେ ରାଜ୍ୟର ବିଭିନ୍ନ ସ୍ଥାନରେ ଗୁଡ଼ି ଉଡା ପର୍ବ ସେତିକି ଅଧିକରୁ ଅଧିକ ଦେଖିବାକୁ ମିଳେ। ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଏହା ବିଶେଷ ଭାବରେ ପରିଲକ୍ଷିତ ହୁଏ। କଟକ ମହାନଗର କାଠଯୋଡ଼ି ବାଲିରେ ପ୍ରତିବର୍ଷ ଗୁଡ଼ି ଉଡା ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଏହାବାଦ ଛୋଟ ପିଲାଙ୍କ ଠାରୁ ବଡ଼ ପର୍ଯ୍ୟନ୍ତ ନିଜ ଘରର ଛାତ ଉପରେ ବସି ଉଡେଇବା ପାଇଁ ଅନେକ ଲୋକ ପସନ୍ଦ କରନ୍ତି। ଶୀତଋତୁ ଥିବାରୁ ପବନର ତୀବ୍ରତା ନଥାଏ ଏବଂ ଏହି ଅବସରରେ ଗୁଡ଼ି ଉଡାଇବା ବେଶ ଆମୋଦଦାୟକ ହୋଇଥାଏ। ଖାଲି ସେତିକି ନୁହେଁ, ଆକାଶରେ ଉଡୁଥିବା ଆଉ ଏକ ଗୁଡ଼ିକୁ କାଟି ଖସାଇ ଦେବା ପାଇଁ ଏକ ପ୍ରତିଯୋଗିତା ମଧ୍ୟ ଲାଗେ। ଏହି ପ୍ରତିଯୋଗିତା ବର୍ତ୍ତମାନ ଆତ୍ମଘାତୀ ପ୍ରତିଯୋଗିତାରେ ପରିଣତ ହୋଇଛି। ଗୁଡ଼ି ଉଡ଼େଇବା ପାଇଁ କୌଣସି ନୀତିନିୟମ କି କଟକଣା ନାହିଁ। କିନ୍ତୁ ଗୁଡ଼ି ଉଡାରେ ବ୍ୟବହୃତ ହେଉଥିବା ସୂତା ହେଉଛି ଏକ ଭୟଙ୍କର ଅସ୍ତ୍ର। ଏହି ସୂତା ଲାଗି ପୂର୍ବ ବର୍ଷମାନଙ୍କରେ ରାଜ୍ୟର ବିଭିନ୍ନ ସ୍ଥାନରେ ବହୁ ଜୀବନ ଯାଇଛି। ଯେଉଁମାନଙ୍କ ବୟସ ୧୫ରୁ ୨୨ ବର୍ଷ ଭିତରେ।

ଭଙ୍ଗାକାଚକୁ ଗୁଣ୍ଡ କରି ସୂତାରେ ଅଠା ଗୋଳାଇ ଏହି କାଚ ଗୁଣ୍ଡକୁ ଲଗାଇ ଅନ୍ୟର ଗୁଡ଼ି ଗୁଡ଼ିକୁ କାଟିବା ପାଇଁ ମାଞ୍ଜା ସୂତା ବ୍ୟବହାର କରାଯାଏ। ଏହି ଗୁଡ଼ିର ସୂତା ରାସ୍ତାରେ ଯାଉଥିବା ଲୋକଙ୍କ ଶରୀରରେ ବାଜିଲେ ତାକୁ କାଟି ପକାଏ ଏବଂ ପୂର୍ବ ବର୍ଷମାନଙ୍କରେ ଯେତିକି ଜୀବନ ଯାଇଛି ସେମାନଙ୍କ ସମସ୍ତଙ୍କର ବେକରେ ମାଞ୍ଜା ସୂତା ଲାଗି ତଣ୍ଟି କଟିଛି। ଏହି ମାଞ୍ଜା ସୂତାର ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବନ୍ଦ କରିବା ପାଇଁ ୨୦୧୬ ମସିହାରେ ଓଡ଼ିଶା ହାଇକୋର୍ଟରେ ଏକ ମାମଲା ଦାଏର ହୋଇଥିଲା ଏବଂ ମାନବ୍ୟର ଉଚ୍ଚ ନ୍ୟାୟଳୟ କଟକଣା ଲଗାଇଥିଲେ। ଖାଲି ସେତିକି ନୁହେଁ ରାଜ୍ୟ ସରକାରଙ୍କୁ ମାଞ୍ଜା ସୂତା ଉପରେ କଟକଣା ଲଗାଇବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୧୭ ମସିହାରେ ମାଞ୍ଜା ସୂତାର ପ୍ରସ୍ତୁତି ଏବଂ ବିକାକିଣା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଥିଲା। ଏହାବାଦ ରାଜ୍ୟରେ ଗୁଡ଼ି ଉଡାଇବାରେ ଏହି ମାଞ୍ଜା ସୂତା ବ୍ୟବହାର ହେଉଛି। ବିଶେଷକରି ମକରପର୍ବ ପାଳନ ଅବସରରେ ଗୁଡ଼ି ଉଡା ଏକ ସଉକ ଭାବରେ ଲୋକେ ପାଳନ କରିଥାନ୍ତି। ତା ପୂର୍ବରୁ ରାଜ୍ୟ ସରକାର ବଜାରରେ ଚଢ଼ାଉ କରି ମାଞ୍ଜା ସୂତା ବିକ୍ରେତା, କ୍ରେତା ଏବଂ ପ୍ରସ୍ତୁତକର୍ତ୍ତା ମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାର ଆବଶ୍ୟକତା ରହିଛି। ରାସ୍ତାରେ ଯାତାୟତ କରୁଥିବା ସାଧାରଣ ନିରୀହ ଲୋକ ଏହି ମାଞ୍ଜା ସୂତାରେ ଆହତ କିମ୍ବା ମୃତ୍ୟୁବରଣ କରୁଛନ୍ତି। ତେଣୁ ଏ ପ୍ରକାରର ସୂତା ବ୍ୟବହାର କରି ଗୁଡ଼ି ଉଡାଉଥିବା ବ୍ୟକ୍ତିମାନଙ୍କୁ ମଧ୍ୟ ହତ୍ୟା ଷଡ଼ଯନ୍ତ୍ର ଅପରାଧରେ ଗିରଫ କରାଯିବା ଉଚିତ। ଏଭଳି ଏକ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କୁ ଗାଇଡ୍‌ଲାଇନ ଆଣିବା ନିମିତ୍ତ ହାଇକୋର୍ଟରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ପୂର୍ବରୁ ରୁଜ୍ଜୁ ହୋଇ ସାରିଥିବାରୁ, ଏଭଳି ଏକ ପ୍ରସଙ୍ଗକୁ ରାଜ୍ୟ ସରକାର ହାଲୁକା ଭାବେ ଗ୍ରହଣ କରିବା ଅନୁଚିତ। ଏହା ଏପରି ଏକ ଆତଙ୍କ ଯେ କେତେବେଳେ କାହାଠାରେ କାହାବେକରେ ଏହି ମାଞ୍ଜା ସୂତା ଲାଗିଯିବ ତାର କଳନା ମଧ୍ୟ କେହି କରିପାରିବେ ନାହିଁ। ଆକାଶରେ ବଜ୍ରପାତ ଭଳି ଆଖି ପିଛୁଳାକେ ମାଞ୍ଜା ସୂତା ଆସି ତଣ୍ଟି କାଟି ଚାଲିଯିବ। ତେଣୁ ଏ ପ୍ରକାରର ଏକ ଆମୋଦକୁ ଜନଗହଳି ଭିତରେ ସମ୍ପୂର୍ଣ୍ଣ ରୂପେ ନିଷିଦ୍ଧ କରିବା ପାଇଁ ସରକାର ପଦକ୍ଷେପ ନେବା ଉଚିତ। ଜନଗହଳି ଅଞ୍ଚଳରେ ଯେତେ ଉଚ୍ଚର ଛାତ ହେଲେ ବି ଗୁଡ଼ି କଟିଗଲେ ତାର ସୂତା ତଳେ ପଡ଼ିବା ନିଶ୍ଚିତ ଏବଂ ଏହି ସୂତା କାହା ପାଇଁ ମୃତ୍ୟୁ ଦୂତ ସାଜିବ କେହି ବି ଆକଳନ କରିପାରିବେ ନାହିଁ। ଏ ଦୃଷ୍ଟିରୁ ଗୁଡ଼ି ଉଡାକୁ ମଧ୍ୟ କଟକଣା ଭିତରେ ରଖାଯିବା ଉଚିତ।

ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର, ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫

## ଜିଲ୍ଲାସ୍ତରୀୟ ବିକାଶ ମେଳା ଚତୁର୍ଥ ସନ୍ଧ୍ୟାର କାର୍ଯ୍ୟକ୍ରମ

ଆଜି ଜିଲ୍ଲାସ୍ତରୀୟ ବିକାଶ ମେଳା, ପରମ୍ପାରିକ ଖାଦ୍ୟ ମେଳା ଓ ଆମ୍ବ ମେଳାର ତୃତୀୟ ସନ୍ଧ୍ୟା କାର୍ଯ୍ୟକ୍ରମରେ ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ମହମ୍ମଦ ମୁବାରକ ଅଲ୍ଲୀ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ମାୟାଧର ସାହୁ, ଜିଲ୍ଲା ଶ୍ରମ ଅଧିକାରୀ ଶ୍ରୀମତୀ ଭାରତୀ ବେହେରା ଓ ପାରଳା ପୌରପରିଷଦ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ହିତାଧିକାରୀଙ୍କୁ ପ୍ରାଞ୍ଜଳ ଭାବରେ ସଚେତନତା କରେଇଥିଲେ । ପରେ ପରେ ଚାଷୀ ଭାଇ ଭଉଣୀମାନଙ୍କୁ ବିଭାଗ ତରଫରୁ ସମ୍ବର୍ଦ୍ଧନା କରାଯାଇଥିଲା । ଆଜିର ଚତୁର୍ଥ ସନ୍ଧ୍ୟାର ଉଦ୍ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଶ୍ରୀ ଶଙ୍କର କେରକେଟା,ଉପ-ଜିଲ୍ଲାପାଳ ଶ୍ରୀଯୁକ୍ତ ଅନୁପ ପଣ୍ଡା, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପୃଥ୍ୱୀରାଜ ମଣ୍ଡଳ,ଆର.ଉଦୟଗିରି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଲାରୀମେନ୍ ଖର୍ସେଲ,ନୂଆଗଡ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ଲୋକନାଥ ଶବର ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଥିଲେ। ପରେ ପରେ ସ୍ଥାନୀୟ କଳାକାର ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଭିନିଷା କୁଚିପୁଡ଼ି ଏକାଡେମୀ, ଗୁମ୍ମା ଲାଞ୍ଜିଆ ସୌରା, ମୟୂରଭଞ୍ଜ ନୃତ୍ୟ ଦଳ ,ଆପନ୍ନା ପରିଚ୍ଛା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଉତ୍କଳ ବାଳଶ୍ରମ ଇତ୍ୟାଦି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଡେପୁଟି ସିଓ ଓରମାସ୍ ଶ୍ରୀ ସୁଭଳ ଜେନାମଣି, ଜିଲ୍ଲା ପ୍ରକଳ୍ପ ପରିଚାଳକ, ଓଡ଼ିଶା ଜୀବିକା ମିଶନ ଗଜପତି ଶ୍ରୀ ଟିମନ ବାରା, ଜିଲ୍ଲା ସଂସ୍କୃତି ଅଧିକାରୀ ସୁଶ୍ରୀ ଅର୍ଚ୍ଚନା କୁମାରୀ ମଙ୍ଗରାଜ, ସହକାରୀ ନିର୍ବାହୀ ଅଧିକାରୀ ଶ୍ରୀ ଭେଙ୍କଟ ରାଓ ଆଚାରୀ ସମେତ ଜିଲ୍ଲାର ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜିନ୍ଦଲ ପାଇଁ ବଡକେରାଜାଙ୍ଗ ଅଞ୍ଚଳରେ ଚାଲିଛି ସଂଘର୍ଷ ଭିଟାମାଟି କ୍ଷତିପୂରଣ ପାଇଁ ବଢୁଛି ଜନଅସନ୍ତୋଷ

ଅନୁଗୋଳ, ( ମହାଭାରତ ) ବଁଅରପାଳ ବ୍ଲକ ବଡକେରାଜାଙ୍ଗ ଗାଁରେ ଜିନ୍ଦଲ କମ୍ପାନୀକୁ ନେଇ ବିଭିନ୍ନ ସମୟରେ ଉତ୍ତେଜନା ଦେଖାଦେଉଛି । କେତେବେଳେ ଉଚିତ କ୍ଷତିପୂରଣ, ନିଯୁକ୍ତି ଏବଂ ଥଇଥାନକୁ ନେଇ ଗ୍ରାମବାସୀ ଓ ଜିନ୍ଦଲ କର୍ତ୍ତୃପକ୍ଷଙ୍କ ମଧ୍ୟରେ ତୁ ତୁ ମେ ମେ ଲାଗି ରହିଛି, ଏଭଳି ପରିସ୍ଥିତି ଦୀର୍ଘଦିନ ଦିନ ହେବ ବିବାଦ ଲାଗି ରହିଥିଲେ ମଧ୍ୟ ଏହାର ସମାଧାନ ହୋଇ ପାରୁନାହିଁ । ବଡକେରାଜାଙ୍ଗ ଅଞ୍ଚଳର ଜିନ୍ଦଲ କମ୍ପାନୀରେ ଶହ ଶହ ହେକ୍ଟର ଜମି ଅଧିଗ୍ରହଣ ହେଉଥିଲେ ମଧ୍ୟ କ୍ଷତିପୂରଣ ରାଶି ଓ ନିଯୁକ୍ତି ପାଇଁ ଗ୍ରା ।ଅବାସୀଙ୍କ ମନରେ ଅସନ୍ତୋଷର ନିଆଁ କୁହୁଳୁଛି ।

ଆଜକୁ ଦୀର୍ଘ ତିନିଦିନ ହେବ ଜିନ୍ଦଲ କମ୍ପାନୀ ମାଜିଷ୍ଟ୍ରେଟ ଓ ପୋଲିସ ଫୋର୍ସ ମୃତୟନ କରି ଜୋରଜବର କାର୍ଯ୍ୟ କରୁଅଛି ବୋଲି ଗ୍ରାମବାସୀ ଅଭିଯୋଗ କରୁଛନ୍ତି । କଂଗ୍ରେସ ନେତ୍ରୀ ଇଂ ସସ୍ମିତା ବେହେରା, କଂଗ୍ରେସ ନେତା ସୁନୀଲ ପ୍ରଧାନ, ସଂଗ୍ରାମ ମିଶ୍ର, ବରିଷ୍ଠ ଆଇନଜୀବୀ ସୁଦୀପ ମିଶ୍ର । ଲୋକଙ୍କ ଘୋର ବିରୋଧ ଯୋଗୁଁ ଘଟଣା ସ୍ଥଳରେ ଯୋଗଦେଇ କ୍ଷତିଗ୍ରସ୍ତ ପ୍ରଜାଙ୍କ ବୈଠକରେ ଆଲୋଚନା କରି ମାଜିଷ୍ଟ୍ରେଟ ବଁଅରପାଳ ତହସିଲଦାର, ଆଡ଼ିସିନାଲ ଏସ୍ପି, ଏସ୍ଡିପିଓ, ନିଶା ଥାନା ଅଧିକାରୀଙ୍କ ସହିତ ଆଲୋଚନା କରି ଜିଲ୍ଲା ପ୍ରଶାସନଙ୍କ ନିକଟରେ ତ୍ରିପାକ୍ଷିକ ଆଲୋଚନା ନେଇ କାର୍ଯ୍ୟ କରିବା ପାଇଁ ପ୍ରତିଶୃତି ଦେଇଥିଲେ । ପରବର୍ତ୍ତୀ ସମୟରେ ପରିସ୍ଥିତି ଶାନ୍ତ ପଡିଥିଲା। ଆଜି ପୁଣି ଫୋର୍ସ ମୃତୟନ କରି ଜୋରଜବର କାର୍ଯ୍ୟ କରିବା ଲୋକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଲୋକଙ୍କ ସମସ୍ୟାର ସମାଧାନ ପାଇଁ କୌଣସି ପଦକ୍ଷେପ ନେଉ ନଥିବା ଅଭିଯୋଗ ହେଉଛି । ଜିନ୍ଦଲ କମ୍ପାନୀ ଉତ୍ତୋଳନ କରି କୋଟି କୋଟି ଟଙ୍କା ଲାଭ ପାଉଛି । ଲୋକଙ୍କୁ ସେମାନଙ୍କ ପ୍ରାପ୍ୟ ଦେବାରେ ଅସୁବିଧା କୋଉଠି ରହିଲା ବୋଲି ଜମିହରା ପ୍ରଜା ପ୍ରଶ୍ନ କରିଛନ୍ତି । ଏନେଇ ସ୍ଥାନୀୟ ବିଧାୟକ ସହଯୋଗ କରୁନାହାନ୍ତି , ଓ ଚାରିଦିନ ପୂର୍ବରୁ ୧୪୪ଧାରା ଜାରି କରି ପୋଲିସ ରହୁଥିଲେ ଏବେ ସକାଳ ଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ପୋଲିସ ଗାଡି ଗାଁରେ ପଇଁତୁରା ମାରି ଲୋକଙ୍କୁ ଭୟଭୀତ କରୁଥିବା ଲୋକମାନେ ପ୍ରକାଶ କରିଛନ୍ତି । ଜିନ୍ଦଲ କମ୍ପାନୀ ,ଜିଲ୍ଲା ପ୍ରଶାସନ ଓ କ୍ଷତିଗ୍ରସ୍ତ ବଡକେରାଜାଙ୍ଗ ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା କରାଯାଇ ସମାଧାନ କରିବା ଆବଶ୍ୟକ ନଚେତ ଜିନ୍ଦଲ କମ୍ପାନୀ ଅଧିଗ୍ରହଣ କରୁଥିବା ବଡକେରାଜାଙ୍ଗ ଅଞ୍ଚଳରେ ଏଭଳି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି ବୋଲି ବଡକେରାଜାଙ୍ଗ ଗ୍ରାମବାସୀ ଦୁଃଖ ପ୍ରକାଶ କରି କହିଛନ୍ତି ।

## ସଦର ମହକୁମାରୁ ଅନ୍ୟତ୍ର କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣକୁ ଜୋରଦାର ବିରୋଧ, ଦାବୀ ପୂରଣ ନହେଲେ ଆନ୍ଦୋଳନ ଚେତାବନୀ



ହିନ୍ଦୋଳ, (ମହାଭାରତ): ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣକୁ ନେଇ ଦେଖାଦେଇଛି ବିବାଦ। ଗତ ସାଧାରଣ ନିର୍ବାଚନରେ ହିନ୍ଦୋଳ ସଦରମହକୁମାରେ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ପ୍ରତିଶୃତି ଦେଇ ବିଜେପି ଆସିଥିଲା କ୍ଷମତାକୁ ଯାହାକୁ ନେଇ ବିଜେପି ଓ ଜନସାଧାରଣ ଥିଲେ ଆଶାବାଦୀ। ମାତ୍ର ଏବେ କିଛି ମୁଷ୍ଟିମେୟ କୁଚକ୍ରୀଙ୍କ ପ୍ରରୋଚନାରେ ଭୋଟରଙ୍କୁ ଚକମା ଦେଖାଇ ସମସ୍ତ ଅନୁସଙ୍ଗିକ ସୁବିଧା ଥାଇମଧ୍ୟ ହିନ୍ଦୋଳ ସଦରମହକୁମାରେ ନକରି ଅନ୍ୟତ୍ର ବିଦ୍ୟାଳୟ କରାଯିବାକୁ ମସୁଧା ହେଉଥିବା ସୂଚନାପାଇ ଦେଖାଦେଇଛି ତୀବ୍ର ପ୍ରତିକ୍ରିୟା,ହିନ୍ଦୋଳ ସଦର ମହକୁମାକୁ ଅଣଦେଖାକୁ ନେଇ ହିନ୍ଦୋଳ ବିଜେପି ମହଲରେ ମଧ୍ୟ ଦେଖାଦେଇଛି ତୀବ୍ର ଅସନ୍ତୋଷ,କର୍ମୀ,କାର୍ଯ୍ୟକର୍ତା କରିଛନ୍ତି ଜୋରଦାର ବିରୋଧ ଓ ଦଳମତ ନିର୍ବିଶେଷରେ କରାଯାଇଛି ଜୋରଦାର ବିରୋଧ ଏବଂ ପ୍ରତିଶୃତି ପାଳନ କରି ସଦରମହକୁମାରେ କେନ୍ଦ୍ରୀୟ ବିଦ୍ୟାଳୟ ନିର୍ମାଣ ଦାବି କରିଛନ୍ତି ବିଜେପି, ବିଜେଡ଼ି, କଂଗ୍ରେସ ସମେତ ସବୁଦଳ ଏବଂ ଜନସାଧାରଣ ।ଆଜି ଏଥିପାଇଁ କେନ୍ଦ୍ରଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଢେଙ୍କାନାଳ ସାଂସଦ, ହିନ୍ଦୋଳ ବିଧାୟିକା ଓ ଜିଲ୍ଲାପାଳଙ୍କ ଉଦ୍ଧେଶ୍ୟରେ ଜନସାଧାରଣଙ୍କ ତରଫରୁ ଏକ ଦାବିପତ୍ର ହିନ୍ଦୋଳ ଉପଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଅଞ୍ଚଳର ଅଜୟ ଦାସ,କୁବେର ବେହେରା, ଗୋବିନ୍ଦ ବେହେରା, ସନ୍ତୋଷ ବେହେରା, କାଉନସିଲର ଦୀପକ ରଞ୍ଜନ ବିଶ୍ୱାଳ, ତୃପ୍ତିମୟୀ ବେହେରା ଓ ଶରତ ଭୂତିଆ ପ୍ରମୁଖଙ୍କ ସହିତ ସୁବାସ ପାଲ,ସୁଜିତ ବେହେରା, ତରୁଣ ସାମଲ, ଅରୁଣ ଦାସ,ବିଶେଶ୍ୱର ସେଠି, କ୍ଷିତୀଶ ସର, ସନ୍ତୋଷ ବେହେରା,ତପନ ଦାସ,ଗୌତମ ମୁଦୁଲି, ପ୍ରଦ୍ୟୁମ୍ନ ବେହେରା,ପ୍ରମୋଦ ଶଙ୍କର ବେହେରା, ସନ୍ତୋଷ ବେହେରା, ସୁମନ ଦାସ, ବାପି ଦାସ, ରମେଶ ମିଶ୍ର, ସୁଶାନ୍ତ ବେହେରା,ଗୋଲାପ ମହମ୍ମଦ, ଲୁଲୁ ପଟ୍ଟନାୟକ, ସନ୍ତୋଷ ରାଉତ,ଅବନୀ ବେହେରା,ମୂଳିଆ ବେହେରା, ପ୍ରଶାନ୍ତ ବେହେରା ପ୍ରମୁଖ ଶତାଧିକ ଜନସାଧାରଣ ଉପଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ଦେବାସହ ଦାବିପୂରଣ ନହେଲେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ଦ୍ରୁତ ମଦ୍ୟପ ଗାଡି ଚାଳକଙ୍କ ଉପରେ ଅଙ୍କୁଶ ଲଗାଇ ପାରୁନି ପୋଲିସ



ଅସ୍ତରଙ୍ଗ ୧୮/୬ମହାଭାରତ -ଅସ୍ତରଙ୍ଗ ଅଞ୍ଚଳ ବର୍ତ୍ତମାନ ମଦ୍ୟପ, ବେପରୁଆ, ଦ୍ରୁତ ବାଇକ ଚାଳକ ଙ୍କ ହବ୍ ପାଲଟିଲା, ଦିନକୁ ଦିନ ଏହି ୩ ପ୍ରମୁଖ ପ୍ରଜାତି ବାଇକ ଚାଳକ ଙ୍କ ପାଇଁ ଘଟୁଛି ଦୁର୍ଘଟଣା, ରାସ୍ତା ରେ ପଥଚାରି ଙ୍କୁ ଗାଡି ଧକ୍କା ହେଉଥିବା ବେଳେ ରାସ୍ତା କଡରେ ଛିଡା ହୋଇଥିବା ଗାଡି ଦେଉଛନ୍ତି ମାରାତ୍ମକ ଧକ୍କା, ଏହି ଘଟଣା ପାଇଁ ସାଧାରଣ ଲୋକ ଏବେ ସାଇକେଲ ଦୂରର କଥା ପାଦରେ ଚାଲି ଚାଲି ମଧ୍ୟ ରାସ୍ତା କୁ ଆସିବାକୁ ଭୟ କରୁଛନ୍ତି, ଆଜି ଅପରାହ୍ନ ୪ ଘଟିକା ସମୟ ରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଅସ୍ତରଙ୍ଗ ଉକୁଳେଇ ଛକ ରେ ଘଟିଛି, ଦ୍ରୁତ ବାଇକ ପଛରେ ବସିଥିବା ଯୁବକ ଗୁରୁତ୍ୱର ହୋଇଛନ୍ତି, ସୂଚନା ମୁତାବକ ଅସ୍ତରଙ୍ଗ ରୁ କାକଟପୁର ରାସ୍ତା ରେ ୨ ଗୋଟି ବୁଲେଟ ବାଇକ ଯଥା -ଓ ଡି ୦୨ସି ଏ ୭୯୬୪ ଏହି ନମ୍ବର ବାଇକ ରେ ୩ ଜଣ ଯୁବକ ବସିଥିଲେ ଆଉ ଉକ୍ତ ଯୁବକ ଙ୍କ ପଛରେ ଆଉ ଏକ ଦ୍ରୁତ ବାଇକ ନମ୍ବର - ଓ ଡି ୦୨ ଡିଏ ୩୫୯୩ ରେ ୨ ଜଣ ଯୁବକ ଥିଲେ, ଉଭୟ ବାଇକ କୁ ଏତେ ଦ୍ରୁତ ଗତି ରେ ଆଣୁଥିଲେ ରାସ୍ତା କଡ଼ରେ ଓଡି ୦୨ଭି ୬୯୦୮ ନମ୍ବର ର ଏକ ଧଳା ରଙ୍ଗ ମାରୁତି ସ୍ୱିଫ୍ଟ ସହ ସିଧା ଧକ୍କା କରିଥିଲେ ୩ ଜଣ ବସିଥିବା ବୁଲେଟ କୁ, ଦୁର୍ଘଟଣା ର ତୀବ୍ରତା ଏତେ ଥିଲା ଯେ ଛିଡା ହୋଇଥିବା କାର ର ଆଗ ଡାହାଣ ପଟ ଚକା ଫାଟି ଗୋଟେ ଭୟଙ୍କର ଶବ୍ଦ ସୃଷ୍ଟି ହୋଇଥିଲା, ଘଟଣା ସ୍ଥଳରେ ସ୍ଥାନୀୟ ଲୋକ ରୁଣ୍ଡ ହୋଇଥିଲେ, ଗୁରୁତ୍ୱର ଆହତ ହୋଇଥିବା ଯୁବକ ଙ୍କୁ ସ୍ଥାନୀୟ ବ୍ୟବସାୟୀ ଜୟନ୍ତ ବିଶ୍ୱାଳ ନିଜ ଗାଡି ରେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ଚିକିତ୍ସା ପାଇଁ ଭର୍ତ୍ତୀ କରିଥିଲେ, ଅନ୍ୟ ଚାରି ଜଣ ଯୁବକ ଘଟଣା ସ୍ଥଳରୁ ଚମ୍ପଟ ମାରି ଖସିଯାଇଥିଲେ, ଦୁର୍ଘଟଣା ଶିକାର ହୋଇଥିବା ବୁଲେଟ କୁ ସ୍ଥାନୀୟ ଲୋକ ରାସ୍ତା ରୁ ଉଠାଇ ରଖିଥିଲେ ଆଉ ସେହି ଗାଡି ରେ କିଛି ମଦ କଳାରଙ୍ଗ ଜରି ରେ ଟଙ୍ଗା ଯାଇଥିଲା ଯାହା ଭାଙ୍ଗି ଗୁଣ୍ଡ ହୋଇଯାଇଛି, ଘଟଣା ଘଟିବା ପରେ ଅସ୍ତରଙ୍ଗ ପୋଲିସ ଉକୁଳେଇ ଛକ ରେ ପହଞ୍ଚି ଦୁର୍ଘଟଣା ଗ୍ରସ୍ତ ବାଇକ କୁ ଉଦ୍ଧାର କରି ଥାନା କୁ ନେଇଛି ଆଉ ଅନ୍ୟ ଗାଡି ଗୁଡିକର ନମ୍ବର ବିଶେଷ ସୂତ୍ର ରୁ ପାଇ ତଦନ୍ତ କରୁଛି, ଗୁରୁତ୍ୱର ଆହତ ର ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ଗୁରୁତ୍ୱର ହେବାରୁ ଅସ୍ତରଙ୍ଗ ଚିକିତ୍ସାଳୟ ଡାକ୍ତର ବିଶ୍ୱଭାରତୀ ମହାଲିକ୍ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ସ୍ଥାନାନ୍ତର କରିଛନ୍ତି, ସମ୍ପୃକ୍ତ ଯୁବକ ମାନଙ୍କ ଠିକଣା ଓ ନା ବର୍ତ୍ତମାନ ସୁଧା ମିଳିପାରିନାହିଁ ବୋଲି ଅସ୍ତରଙ୍ଗ ପୋଲିସ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର କହିଛନ୍ତି କ୍ଷ

## ତିନି ବ୍ଲକ ଓ ପଞ୍ଚାୟତରେ ବିକାଶ ବାହନ ପରିକ୍ରମା



ଦେବଗଡ଼, (ମହାଭାରତ): ରାଜ୍ୟ ସରକାରଙ୍କ ଏକ ବର୍ଷ ପୂର୍ତ୍ତି ଅବସର କ୍ଷଷ ଦିବସରେ ଦେବଗଡ଼ ଜିଲ୍ଲାରେ ତିନି ବ୍ଲକ ରେ ୭୦ ଟି ଗ୍ରାମ ପଞ୍ଚାୟତ ରେ ବିକାଶ ରଥ ଜିଲ୍ଲାର ଜିଲ୍ଲା କଳାକାର ସଂଘ ଓ ବ୍ଲକ କଳାକାର ସଂଘ ପକ୍ଷରୁ ବିଭିନ୍ନ ପଂଚାୟତ ରେ ସରକାରଙ୍କ ର ବିଭିନ୍ନ ଯୋଜନା ସମ୍ପର୍କ ରେ ପାଲା, ଦଣ୍ଡ ନୃତ୍ୟ, ଦାସକାଠିଆ ଓ ଏଲିଡି ମାଧ୍ୟମରେ ଲୋକଙ୍କୁ ଅବଗତ କରିବା ସହ ଲୋକଙ୍କୁ ସଚେତନତା କରିବ। ଆଜି ରିଆମାଳ ବ୍ଲକ ର କୋଲ୍ହବସା ଗ୍ରାମ ପଞ୍ଚାୟତ, ଟିଙ୍କବୀର ଗ୍ରାମ ପଞ୍ଚାୟତ, ବୁଡିଦୋ ଗ୍ରାମ ପଞ୍ଚାୟତ, ବାରକୋଟ ବ୍ଲକ ର ବଲଣ୍ଡା ଗ୍ରାମ ପଂଚାୟତ, ସିଂହଶାଳ ଗ୍ରାମ ପଞ୍ଚାୟତ, ତିଲେଇବଣି ବ୍ଲକ ର ତାଳକୁଣ୍ଡି ଗ୍ରାମ ପଞ୍ଚାୟତ ସଚେତନତା ରଥ ପହଂଚିବା ପରେ ଅଞ୍ଚଳ ବାସୀ, ଜିଲ୍ଲା ପ୍ରଶାସନ, ଅଙ୍ଗନବାଡି, ସ୍ୱୟଂ ସହାୟକ ଗୋଷ୍ଠୀ ମାନେ ବିକାଶ ବାହାନ କୁ ସ୍ୱାଗତ କରିବା ସହ ସରକାରଙ୍କ ର ବିଭିନ୍ନ ଯୋଜନା ଗୁଡିକ ପାଲା, ଦଣ୍ଡ ନୃତ୍ୟ, ଦାସକାଠିଆ ଓ ଏଲିଡି ମାଧ୍ୟମରେ ଦେଖିଥିଲେ। ଉକ୍ତ ପଞ୍ଚାୟତ ରେ ବାର୍ଦ୍ଧକ୍ୟ ଭତ୍ତା, ଆଧାର କାର୍ଡ, ବ୍ୟୟ ବନ୍ଦନା, ଇ କେ ଯା ସି, ଶ୍ରମ କାର୍ଡ, ଅନ୍ତୋର୍ଦ୍ଧ୍ୟ କାର୍ଡ, ନୂତନ ରାସନ କାର୍ଡ, ସିଏମ କିସାନ, ପିଏମ କିସାନ କାର୍ଡ ବଣ୍ଟନ ଓ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟକ୍ରମ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ରାଜେନ୍ଦ୍ର କୁମାର ମିଞ୍ଜ, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ ବିଭିନ୍ନ ବ୍ଲକ ର ପଞ୍ଚାୟତ କୁ ଯାଇ ଲୋକ ମାନଙ୍କ ର ବିଭିନ୍ନ ସମସ୍ୟା ପଚାରି ବୁଝିଥିଲେ । କାର୍ଯ୍ୟକ୍ରମ ରେ ବିପୁଳ ସଂଖ୍ୟାରେ ଲୋକ ଯୋଗଦାନ କରିଥିଲେ ।

### ମହାଭାରତର ମହାପ୍ରଭାବ

## ଖବର ପ୍ରସାରଣ ର ୨୪ ଘଣ୍ଟା ଭିତରେ ପହଞ୍ଚିଲା ଫୁଡ ସେଫଟି ବିଭାଗ

ଅସ୍ତରଙ୍ଗ, (ମହାଭାରତ): ରାଜ୍ୟର ସାତଟି ଜିଲ୍ଲାରେ ଡ଼ାଇରୀୟା କାୟା ବିସ୍ତାର କରିଚାଲିଥିବା ବେଳେ ଗତ କିଛି ଦିନ ହେଲାଣି ଅସ୍ତରଙ୍ଗ ଚିକିତ୍ସାଳୟ କୁ ଝାଡାବାନ୍ତି ଆକ୍ରାନ୍ତ ରୋଗୀ ଚିକିତ୍ସା ପାଇଁ ଆସୁଛନ୍ତି । ବଜାରରେ ମିଳୁଥିବା ଅପମିଶ୍ରିତ ଦୂଷିତ ଖାଦ୍ୟ ଖାଇ ଆକ୍ରାନ୍ତଙ୍କ ସଂଖ୍ୟା ଯେପରି ଆଗକୁ ନ ବଢ଼େ ସେଇଥି ପାଇଁ ଆଜିର ତାରିଖ ରେ ଦୈନିକ ମହାଭାରତ ଖବର କାଗଜ ରେ ଖାଦ୍ୟ ର ମାନ ଯାଞ୍ଚ ହେଉନି ସମ୍ବନ୍ଧୀୟ ଏକ ଖବର ପ୍ରସାରଣ ହୋଇଥିଲା, ଏ ସଂକ୍ରାନ୍ତ ରେ ଅସ୍ତରଙ୍ଗ ସମାଜସେବୀ ଅମୀୟ ରଞ୍ଜନ ବାରିକ



ଟ୍ୱିଟ କରି ପ୍ରଶାସନ ର ଦୃଷ୍ଟି ଆକର୍ଷଣ କରିଥିଲେ,ଖବର ପ୍ରସାରଣ ର ୨୪ ଘଣ୍ଟା ଭିତରେ, ଆଜି ତାରିଖରେ ବୁଧବାର ଦିନ ଖାଦ୍ୟ ନିରାପତ୍ତା ବିଭାଗର ୬ଜଣିଆ ଟିମ୍ ଅସ୍ତରଙ୍ଗ ବଜାର ରେ ଚଢ଼ାଉକରି ବିଭିର୍ଣ୍ଣ ହୋଟେଲ ଜଳଖିଆ ଦୋକାନ, ରାସନ, ଢ଼ାବା ପାନ ଦୋକାନ ଫାଷ୍ଟ ଫୁଡ୍, ମାଂସ ଦୋକାନ ଉପରେ ଚଢ଼ାଉ କରି ଖାଦ୍ୟର ମାନ ଯାଞ୍ଚ କରିବା ପାଇଁ ବିଭିନ୍ନ ଦୋକାନ ରୁ ସାମ୍ପୁଲ ସଂଗ୍ରହ ସହ ବହୁ ଖାଦ୍ୟ ଏବଂ ପାଣି ପାଉଚ ନଷ୍ଟ କରିଥିଲେ। ସବୁଠୁ ପରିତାପର ବିଷୟ ଯେ ଖାଦ୍ୟ ନିରାପତ୍ତାବିଭାଗ ଖାଦ୍ୟ ଯାଞ୍ଚ କରିବାକୁ ଆସୁଥିବା ଖବର ପୂର୍ବରୁ ଅଧିକାଂଶ ଦୋକାନୀ ଙ୍କ ପାଖରେ ପହଁଞ୍ଚି ଯାଇଥିବାରୁ ବଜାର ର ପ୍ରାୟ ଦୋକାନ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା।ଏ ସମ୍ବନ୍ଧରେ ଖାଦ୍ୟ ନିରାପତ୍ତା ଅଧିକାରୀ ପ୍ରତ୍ୟୁଷ ତାରେଣିଆ କୁହନ୍ତି ଡ଼ାଇରୀୟା ସଂକ୍ରମଣ ଏବଂ ଆଗକୁ ରଥଯାତ୍ରା ଥିବା ସହିତ ଗଣମାଧ୍ୟମ ଖବର ପ୍ରସାରଣ ହୋଇଥିବାରୁ ଚଢ଼ାଉକରାଯାଇଥିଲା,ଦୋକାନ ମାନଙ୍କରୁ ସାମ୍ପୁଲ ସଂଗ୍ରହ କରାଯାଇଚି ଯାଞ୍ଚ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଗଛକୁ ଧକ୍କାଦେଇ ଓଲଟିଲା ଆମ୍ବୁଲାନ୍ସ, ୫ ଆହତ

ହାଟଡିହି, (ମହାଭାରତ): ରୋଗୀ ଧରି ଡାକ୍ତରଖାନା ଯାଉଥିବା ବେଳେ ଟୁକୁଣା ନିକଟରେ ଗଛକୁ ଧକ୍କା ଦେଇ ଓଲଟିଛି୧୦୮ ଆମ୍ବୁଲାନସ। ଏଥିରେ ଚାଳକ ଓ ଫାର୍ମାସିଷ୍ଟଙ୍କ ସମେତ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟ ମଧ୍ୟ ଆହତ ହୋଇଛନ୍ତି । ନସିରପୁର ଗ୍ରାମରୁ ଜଣେ ରୋଗୀ ସାଗର ଦାସ ଓ ତାଙ୍କର ଦୁଇ ସମ୍ପର୍କୀୟ ନିରାକାର ଦାସ, ସରୋଜିନୀ ଦାସଙ୍କୁ ନେଇ ଡାକ୍ତରଖାନା ଆସୁଥିବା ଆମ୍ବୁଲାନ୍ସ ଟୁକୁଣା ନିକଟରେ ଗଛକୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ଫଳରେ ଆମ୍ବୁଲାନ୍ସରେ ଥିବା ସମସ୍ତେ ଆହତ ହୋଇଥିଲେ। ସୂଚନା ଅନୁଯାୟୀ, ନସିରପୁର ଗ୍ରାମରୁ ଜଣେ ରୋଗୀ ସାଗର ଦାସ ଓ ତାଙ୍କର ଦୁଇ ସମ୍ପର୍କୀୟ ନିରାକାର ଦାସ, ସରୋଜିନୀ ଦାସଙ୍କୁ ନେଇ ଡାକ୍ତରଖାନା ଆସୁଥିବା ଆମ୍ବୁଲାନ୍ସ ଟୁକୁଣା ନିକଟରେ ଗଛକୁ ଧକ୍କା ଦେଇ ଓଲଟି ପଡ଼ିଥିଲା। ଫଳରେ ଆମ୍ବୁଲାନ୍ସରେ ଥିବା ସମସ୍ତେ ଆହତ ହୋଇଥିଲେ। ୧୧୨ଯୋଗେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ଡ୍ରାଇଭର ଓ ଫାର୍ମାସିଷ୍ଟ ଙ୍କୁ ଆନନ୍ଦପୁର ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି।

## ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ ଓ ଟେବୁଲ୍ ଟପ୍ ଅଭ୍ୟାସ ନିମନ୍ତେ ପୂର୍ବ ପ୍ରସ୍ତୁତି ବୈଠକ

ମାଲକାନଗିରି, (ମହାଭାରତ): ମାଲକାନଗିରି ଜିଲ୍ଲାରେ ଚଳିତ ଜୁନ ମାସ ୧୯ ତାରିଖ ଦିନ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ମକଡ୍ରିଲ ଅନୁଷ୍ଠିତ ହେବ । ଏହାର ପୂର୍ବ ପ୍ରସ୍ତୁତି ସମ୍ପର୍କରେ ଏକ ବୈଠକ ଆଜି ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମାଲକାନଗିରି ଜିଲ୍ଲା ସବୁ ସମୟରେ ବିପର୍ଯ୍ୟୟର ମୁକାବିଲା କରି ଜନଜୀବନ ସୁରକ୍ଷା ଦେଇ ଆସୁଛି । ବିପର୍ଯ୍ୟୟ କେତେବେଳେ ଆସିବ କେହି କହିପାରିବେ ନାହିଁ କିନ୍ତୁ ପୂର୍ବ ସୂଚନା ପାଇବା ପରେ ଯଦି ସେଗୁଡିକର ପରିଚାଳନା ସଠିକ୍ କରିବା ତେବେ ବିପର୍ଯ୍ୟୟର ମୁକାବିଲା କରିପାରିବା । ଏହି ବିପର୍ଯ୍ୟୟର ମୁକାବିଲା ଦିଗରେ ଆମ୍ଭ ମାନଙ୍କୁ ପୂର୍ବ ପ୍ରସ୍ତୁତି କରିବାର ଅଛି । ଯଦି, ସଠିକ୍ ପ୍ରସ୍ତୁତି ଥିବ ଏବଂ ମୁକାବିଲା ଦିଗରେ ଆମେ ପୂର୍ବରୁ ପ୍ରଶିକ୍ଷଣ ନେଇଥିବା ତେବେ ବିପର୍ଯ୍ୟୟର ମୁକାବିଲା ସହଜସାଧ ହେବ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଛନ୍ତି । ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଜିଲ୍ଲାରେ ହେବାକୁ ଥିବା କାର୍ଯ୍ୟ ଖସଡା



ସମ୍ପର୍କରେ ପ୍ରାଞ୍ଜଳ ଭାବେ ଅବଗତ କରାଇଥିଲେ । ଆଗକୁ ବର୍ଷା ଦିନ ଆସିବାର ଅଛି, ସମ୍ଭାବ୍ୟ ବିପର୍ଯ୍ୟୟ ଗୁଡିକର ମୁକାବିଲା କରିବା ଦିଗରେ ଆମ ମାନଙ୍କ ପାଖରେ ରହିଥିବା ସମ୍ବଳ ଗୁଡିକ କିପରି ଉପ ଯୋଗୀ କରିବା ସେ ସମ୍ପର୍କରେ ପ୍ରସ୍ତୁତି ଅଭ୍ୟାସ ବା ମକଡ୍ରିଲ କରିବା ଜରୁରୀ । ଆମ ପାଖରେ ରହିଥିବା ମାନବ ସମ୍ବଳର ଉପଯୋଗ, ଗଚ୍ଛିତ ଥିବା ଯନ୍ତ୍ରାଂଶର ବ୍ୟବହାର, ଜନସାଧାରଣଙ୍କ ବହୁମୂଲ୍ୟ ଜୀବନ ଓ ପଶୁ ସମ୍ପଦର ସୁରକ୍ଷା ନିମନ୍ତେ ରହିଥିବା କୋଠାବାଡିର ଉପଯୋଗ ଇତ୍ୟାଦି କିଭଳି କରିବା ସେଗୁଡିକର ପ୍ରଶିକ୍ଷଣ ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଛନ୍ତି । ବନ୍ୟା ,ବାତ୍ୟା, ବିଜୁଳି, ପାଣିରେ ବୁଡିଯିବା, ସାପ କାମୁଡିବା ଇତ୍ୟାଦି ବିପର୍ଯ୍ୟୟର ମୁକାବିଲା ସକାଶେ ପୂର୍ବ ପ୍ରସ୍ତୁତି ଅପରିହାର୍ଯ୍ୟ । ତେବେ ଯାଇ ଆମେ ସୁରକ୍ଷିତ ରହିବା ଏବଂ ଅନ୍ୟ ଜୀବନକୁ ମଧ୍ୟ ସୁରକ୍ଷା ଦେଇପାରିବା। ସେହିପରି ୧୯ ତାରିଖ ଦିନ ଜିଲ୍ଲାର ସମସ୍ତ ବନ୍ୟା ଓ ବାତ୍ୟା ଆଶ୍ରୟ ସ୍ଥଳୀ ଗୁଡିକରେ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ ଅନୁଷ୍ଠିତ ହେବ । ସେଥିରେ ଦୈବୀ ଦୁର୍ବିପାକରୁ କିଭଳି ରକ୍ଷା ପାଇପାରିବେ ତାହା ପ୍ରଦର୍ଶନ କରାଯିବ । ଭାରତୀୟ ପାଣିପାଗ ବିଭାଗରୁ ଜିଲ୍ଲାକୁ, ଜିଲ୍ଲାରୁ ବ୍ଲକ୍ କୁ ଏବଂ ବ୍ଲକ୍ ରୁ ବାତ୍ୟା ଆଶ୍ରୟ ସ୍ଥଳକୁ ବୁଲେଟିନ୍ ପ୍ରେରଣ କରାଯିବ । ସେହି ଅନୁସାରେ କିଭଳି ସତର୍କତା ଅବଲମ୍ବନ କରାଯିବ ତାହା ଜନ ସାଧାରଣଙ୍କୁ ପ୍ରଦର୍ଶିତ କରି ସଚେତନ କରାଯିବ । ଏଥିରେ ସମସ୍ତ ଲାଇନ୍ ବିଭାଗ ଯଥା – ଜିଲ୍ଲା ଜରୁରୀକାଳିନ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ,ଜଳସେଚନ, ପୂର୍ତ୍ତ, ଅଗ୍ନିଶମ ସେବା ବିଭାଗ ଇତ୍ୟାଦି ଯୋଗଦେବେ । ବିପର୍ଯ୍ୟୟ ସମୟରେ ସମସ୍ତ ସ୍ୱେଚ୍ଛାସେବୀ ସଂଗଠନ, ରେଡକ୍ରସ୍ ସଂସ୍ଥା, ଲୋକ ପ୍ରତିନିଧି, ଏନ.ଡି.ଆର୍.ଏଫ୍., ଓଡ୍ରାଫ୍ ଟିମ୍ ଏବଂ ଅଗ୍ନିଶମ ସେବା ବିଭାଗ ଏବଂ ରାଜ୍ୟ ସ୍ତରରୁ ଓସଡମା, ଏସ୍.ଆର୍.ସି. ଆଦି କର୍ମଚାରୀଗଣ କିଭଳି ସେବା ଯୋଗାଇବେ ତାହା ପ୍ରଦର୍ଶିତ କରାଯିବ । ବିଦ୍ୟାଳୟ ମହାବିଦ୍ୟାଳୟର ସ୍ୱେଚ୍ଛାସେବୀଗଣ, ନେହେରୁ ଯୁବକେନ୍ଦ୍ର, ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ (ଏନ୍.ସି.ସି,) ଜନ୍ ଆମ୍ବୁଲାନ୍ସ, ଆପଦା ମିତ୍ରର ସ୍ୱେଚ୍ଛାସେବୀଗଣ, ଗୃହରକ୍ଷୀ ବାହିନୀ ମଧ୍ୟ ଏଥିରେ ସହଯୋଗ କରିବେ। ସେହିପରି ଆଗକୁ ବର୍ଷା ଆସୁଥିବା ହେତୁ ମାଲକାନଗିରି ପୌର ପରିଷଦ ଓ ବାଲିମେଳା ବିଜ୍ଞାପିତ ଅଞ୍ଚଳ ପରିଷଦ ସମେତ ସମସ୍ତ ବ୍ଲକ ଓ ଗ୍ରାମ ପଞ୍ଚାୟତ ଗୁଡିକରେ ରହିଥିବା ନାଳ, ନର୍ଦ୍ଦମା ଗୁଡିକର ସଫେଇ କରିବା ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ଉପସ୍ଥିତ ଥିବା ସମସ୍ତ ସଂପୃକ୍ତ ଅଧିକାରୀ ମାନଙ୍କୁ ଅବଗତ କରାଇଥିଲେ ।

## କଳାବ୍ୟାଜ ପିନ୍ଧିଲେ କୁନ୍ଦୁରା ବନ ବିଭାଗ କର୍ମଚାରୀ

କୁନ୍ଦୁରା-(ମହାଭାରତ):କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଠାରେ ଥିବା ବନ ବିଭାଗ କର୍ମଚାରୀ ତିନୋଟି ପ୍ରମୁଖ ଦାବି ପୁରଣ କରିବା ନେଇ କଳାବ୍ୟାଜ ପରିଧାନ କରିଛନ୍ତି। ଓଡିଶା ଅଣ ଗେଜେଟେଡ ବନ ସେବା ସଂଘର ଦାବି ମୁତାବକ ଗତ ୨୪ ତାରିଖରେ ଙ୍କୋନାଳ ବନଖଣ୍ଡ ପ୍ରହଲ୍ଲାଦ ପ୍ରଧାନ ପେଟ୍ରାଲିଙ୍ଗ କରୁଥିବା ସମୟରେ ଶିକାରୀଙ୍କ ଗୁଳିରେ ମୃତ୍ୟୁବରଣ କରିଥିଲେ। ଏଣୁ ସ୍ୱର୍ଗତ ପ୍ରଧାନଙ୍କ ପରିବାରବର୍ଗଙ୍କୁ ୧ କୋଟି ପ୍ରଦାନ କରିବା, ବନ ବିଭାଗର ବିଭିନ୍ନ ସମସ୍ୟା ଦୂର କରିବା ନିମନ୍ତେ ବନ୍ୟ ଆୟୁକ୍ତ ଗଠନ କରିବା ସହ ପୁଲିସ ବିଭାଗ ଭଳି ବନକର୍ମଚାରୀଙ୍କ ନିମନ୍ତେ ଇନସୁରାନ୍ସ ପ୍ରଦାନ କରାଯାଉ ବୋଲି ଦାବି କରାଯାଇଛ। ଦାବିପତ୍ର ପ୍ରଦାନ ପରେ ବି ସମାଧାନ ଦିଗରେ ସରକାର ଗୁରୁତ୍ୱ ଦେଉ ନଥିବାରୁ ଏହାର ପ୍ରତିବାଦରେ ଗତ ଜୁନ ୯ରେ ବନ ବିଭାଗ କର୍ମଚାରୀ ମାନେ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜୁନ ୧୪ ପର୍ଯ୍ୟନ୍ତ ସରକାରଙ୍କ ତରଫର କେଣସି ଉତ୍ତର ନ ମିଳିବାରୁ ରାଜ୍ୟରେ କାର୍ଯ୍ୟରତ ବନ ବିଭାଗ କର୍ମଚାରୀ ମାନେ କଳା ବ୍ୟାଜ ପିନ୍ଧି କାର୍ଯ୍ୟରତ ଅଛନ୍ତି। ଦାବି ଗୁଡିକ ପୁରଣ କରା ନଗଲେ ଆସନ୍ତା ୨୨ ରୁ କୁନ୍ଦୁରା ରେଞ୍ଜର ଉପ ବନାଞ୍ଚଳ ଅଧିକାରୀ ଛବି ରନ୍ଧାରି,ବନପାଳ ଅରୁଣ କୁମାର ଜେନା,ଦେବେନ୍ଦ୍ର ନାୟକ,ବନରକ୍ଷୀ ବନ୍ଧନା ଦାସ,ଦୀପକ ଚୈତ୍ତର ପ୍ରମୁଖ ସାମୁହିକ ଛୁଟିରେ ରହି ଡିଭିଜନ କାର୍ଯ୍ୟାଳୟ ଆଗରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେବେ ବୋଲି ସୂଚନା ମିଳିଛି।

## ମାଁ ସୁରା ଦେଇ ଫ୍ରେଣ୍ଡ୍ କ୍ଲବ ପକ୍ଷରୁ ଅଜିତ ନାୟକଙ୍କ ବାର୍ଷିକ ଶ୍ରଦ୍ଧାଞ୍ଜଳି

କନ୍ଧମାଳ:(ମହାଭାରତ): କନ୍ଧମାଳ ଜିଲ୍ଲାର ଖଜୁରୀପଡ଼ା ବ୍ଲକ ସଦରମହକୁମା ସ୍ଥିତ ସେଚ୍ଛା ସେବୀ ସଂଗଠନ ମାଁ ସୁରା ଦେଇ ଫ୍ରେଣ୍ଡ୍ କ୍ଲବ ପକ୍ଷରୁ କ୍ଲବର ସଦସ୍ୟ ସ୍ୱର୍ଗତ ଅଜିତ ନାୟକଙ୍କ ବାର୍ଷିକ ଶ୍ରଦ୍ଧାଞ୍ଜଳି ସଭା କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ କାର୍ଯ୍ୟକ୍ରମରେ ତାଙ୍କର ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ସହିତ ଗୁଣ ଗାନ କରାଯାଇଥିଲା । କ୍ଲବର ଉପସଭାପତି ସୁଧାଂଶୁ ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ଆଲୋକ ପ୍ରଧାନ, ଜଗନ୍ନାଥ ଜାନୀ, ଶୁଶିଲ ବେହେରା, ରବିନ୍ଦ୍ର ବେହେରା,ହରିଶ୍ଚନ୍ଦ୍ର ବେହେରା ଓ ସ୍ୱର୍ଗତ ନାୟକଙ୍କ ସ୍ତ୍ରୀ ସବିତା ନାୟକ ଉପସ୍ଥିତ ଥିଲେ ।

## ବ୍ୟାଙ୍କ୍ ଡକାୟତଙ୍କୁ ଧରିବା ପାଇଁ ଯୋଡା ଥାନା ତରଫରୁ ୫୦ ହଜାର ଟଙ୍କା ର ପୁରସ୍କାର ଘୋଷଣା

ଯୋଡା,(ମହାଭାରତ) କେନ୍ଦୁଝର ଜିଲ୍ଲା ଯୋଡା ଠାରେ ଥିବା ମୁଖ୍ୟ ରାସ୍ତା କଡ଼ରେ ଓ ସେଟ୍ରେଶା ସାମ୍ନା ରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଡକାୟତି ଘଟଣାରେ ପୋଲିସ ତନାଘନା କରି କୌଣସି ସୁରାକ ନ ପାଇବା ପରେ ପୋଲିସ ବୁଧବାର ଡକାୟତ ଙ୍କୁ ଧରିବାରେ ସହଯୋଗ କରିବା ବ୍ୟକ୍ତି ଙ୍କୁ ୫୦ ହଜାର ଟଙ୍କା ପୁରସ୍କାର ରାଶି ଘୋଷଣା କରିଛ। ସନ୍ଦିଗ୍ଧ ଅପରାଧି ମାନଙ୍କୁ ଚିହ୍ନଟ କରିବା ପାଇଁ ସିସିଟିଭି କ୍ୟାମେରା ରେ କଏଦ ହୋଇଥିବା ୫ ଜଣ ସନ୍ଦିଗ୍ଧ ଙ୍କ ଫଟୋ ଚିତ୍ର କୁସର୍ବ ସାଧାରଣ ରେ ପୋଲିସ ପ୍ରକାଶ କରିଛି ।ପୋଲିସ ଜନସାଧାରଣ ଙ୍କୁ ଦେଇଥିବା ସୂଚନାରେ ଦର୍ଶାଇଛି ଯେ,ଗତ କିଛି ଦିନ ଭିତରେ ଯୋଡା ସହର କୁ ବିହାର,ଝାଡ଼ଖଣ୍ଡ ଓ ଗଞ୍ଜାମ ଜିଲ୍ଲାରୁ ଲୋକ କାହା ଘରେ କିମ୍ବା ହୋଟେଲ,ଗ୍ୟାରେଜ ଓ ରାଜମିସ୍ତ୍ରୀ ଭାବେ କାମ କରି ପଳାଇ ଯାଇଥିବା ସୂଚନା ରହିଛି କି ଏବଂ ଏହି ସନ୍ଦିଗ୍ଧ ବ୍ୟକ୍ତି ମାନଙ୍କୁ ଘଟଣା ଘଟିବାର ୫/୬ ଦିନ ମଧ୍ୟରେ ଦେଖିଛନ୍ତି କି ,ଯଦି ଏ ନେଇ କୌଣସି ସୂଚନା ରହିଥିଲେ ନିଜ ନାମକୁ ଗୋପନରେ ରଖି ସଠିକ୍ ଖବର ପ୍ରଦାନ କରି ଅପରାଧୀ ଙ୍କୁ ଚିହ୍ନଟ କରିବାରେ ସହଯୋଗ କରିବା ବ୍ୟକ୍ତି ଙ୍କୁ ୫୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଏଠାରେ ପ୍ରକାଶଯୋଗ୍ୟ କି,ଗତ ତା ୧୨/୦୬/୨୦୨୫ ରିଖ ରେ ଅତ୍ୟନ୍ତ ଜନଗହଳି ସ୍ଥାନ ନିକଟରେ ଥିବା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ରୁ ଦିନ୧୦ ଟା ବେଳେ ୫ ଜଣ ଦୃର୍ବୃତ୍ତ ବନ୍ଧୁକ ମୁନରେ ପ୍ରାୟ ୧୧ ଲକ୍ଷ ଟଙ୍କା ଓ ୨କେଜି ୦୭ ଗ୍ରାମ ସୁନା ଲୁଟ କରି ନେଇଥିଲେ। ପୋଲିସ ଘଟଣାର ତଦନ୍ତ ଜାରି ରଖିଥିଲେ ହେଁ ଏ ପର୍ଯ୍ୟନ୍ତ ଲୁଟେରା ମାନଙ୍କ ର କୌଣସି ସୁରାକ ପାଇ ପାରି ନାହିଁ ।ଯାହା ଫଳରେ ପୋଲିସ ର ମୁଣ୍ଡ ବ୍ୟଥା ର କାରଣ ପାଲଟିଛି ।ପୋଲିସ ର ଦୁର୍ବଳତା ର ସୁଯୋଗ ନେଇ ଯୋଡା ସହର ରେ ଦିନ କୁ ଦିନ ଚୋରୀ ,ଡକାୟତି,ଲୁଟ,ରାହାଜାନୀ,ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଛି ।ଓଡ଼ିଶା –ଝାଡ଼ଖଣ୍ଡ ସୀମାନ୍ତ ଅଂଚଳରେ ପୋଲିସ ପେଟ୍ରୋଲିଂ କଡାକଡି ହେଉ ନ ଥିବାରୁ ଅନ୍ତଃ ରାଜ୍ୟ ଗ୍ୟାଙ୍ଗ ଗୁଡ଼ିକ ସହର ତଥା ଖଣି ଅଞ୍ଚଳ ରେ ସକ୍ରିୟ ହୋଇ ପଡ଼ି ଛନ୍ତି ଯଯୋଡ଼ାରେ ବ୍ୟାଙ୍କ୍ ଡକାୟତି ପରେ ଚମ୍ପୁଆ ଠାରେ ଜଣେ ବ୍ୟବସାୟୀ ଙ୍କୁ ବନ୍ଧୁକ ଦେଖାଇ ଦୁଇ ଲକ୍ଷ ଟଙ୍କା ଲୁଟ କରି ନେଇଥିଲେ ।

## ଗରିବ ପୁଅ ଓଜେଇଇ ପରୀକ୍ଷାରେ ପାସ: ରାଜ୍ୟରେ ୪ର୍ଥ ସ୍ଥାନ ଅଧିକାର



ନୂଆଗାଁ (ମହାଭାରତ ) : ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ଅନ୍ତର୍ଗତ ବେରୁଆଁବାରୀ ଗ୍ରାମପଞ୍ଚାୟତ ବନ୍ଧାଭୂଇଁ ଗ୍ରାମର ପ୍ରମୋଦ କୁମାର ସାହୁ ଙ୍କ ପୁଅ ଦିବ୍ୟାଲୋକ ସାହୁ ଚଳିତ ବର୍ଷ ୨୦୨୫ ଜୁନ ୧୦ ରେ ପ୍ରକାଶିତ ଓଜେଇଇ ପରୀକ୍ଷାରେ ପାସ କରି ରାଜ୍ୟରେ ୪ର୍ଥ ସ୍ଥାନ ଅଧିକାର କରିଥିବା ବେଳେ ନୟାଗଡ଼ ଜିଲ୍ଲା ତଥା ନୂଆଗାଁ ବ୍ଲକରେ ଟପ୍ପର ପାଇ ଏକ ଉଦାହରଣ ସୃଷ୍ଟି କରିଛନ୍ତି । ସୂଚନା ମୁତାବକ ଦିବ୍ୟାଲୋକ ଜଣେ ଗରିବ ପରିବାରରେ ଜନ୍ମ ହୋଇଥିବା ବେଳେ ତାଙ୍କ ପରିବାରର ଦୁଃଖ କହିଲେ ନସରେ। ଦିବ୍ୟାଲୋକ ଙ୍କ ପରିବାର କହିଲେ ବାପା ପ୍ରମୋଦ ସାହୁ, ମାତା ମଞ୍ଜୁବାଳା ସାହୁ ଓ ଜେଜେ ମା କୁମାରୀ ସାହୁ ଙ୍କୁ ବୁଝାଏ। ତାଙ୍କ ପରିବାରର ଆର୍ଥିକ ସ୍ୱଚ୍ଛତା ନକହିଲେ ଭଲ ବହୁତ ଦୁଃଖ କଷ୍ଟରେ ଚଳୁଥିଲେ। ଦିବ୍ୟାଲୋକ ଙ୍କ ବାପା ମା କହିବା ଅନୁଯାୟୀ ଅନ୍ୟର ମୁଲଲାଗି ପରିବାର କୁ ଚଳାଉଥିଲେୟ ଓଳିଏ ଖାଇଲେ ଦୁଇଓଳି ଉପାସ ରହୁଥିଲେ। ବର୍ତ୍ତମାନ ମା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବାହାଡଝୋଲାରେ ସେବିକା ଭାବେ କାର୍ଯ୍ୟରତ ଥିବାରୁ ସେଥିରୁ ଯାହା ଦରମା ମିଳେ ସମୁଦ୍ର କୁ ସଂକ୍ଷେ ନିଜର ପରିବାର ପ୍ରତିପୋଷଣ କରିବା ସହ ପୁଣି ପୁଅକୁ ପାଠ ପାଏ ଅନ୍ୟପଟେ ସ୍ୱାମୀଙ୍କ ଦେହ ଅସୁସ୍ଥ ନେଇ ତାଙ୍କର ସମସ୍ତ ଔଷଧ ପାଇଁ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ। ଏହାରି ଭିତରେ ଦିବ୍ୟାଲୋକ ଦୁଃଖ କଷ୍ଟରେ ପାଠପଢି ଦଶମ ପାସ କରିଥାଏ। ବାପା ଓ ମା ଙ୍କ ଦୁଃଖ କଷ୍ଟ ଦେଖି ପୁଅ ଦିବ୍ୟାଲୋକ ଦିନତମାମ ବିଦ୍ୟୁତ ୱ୍ୟେରିଙ୍ଗ ସହିତ ୱାଟର ପ୍ୟୁରିଫିୟର କାର୍ଯ୍ୟ କରି ନିଜ ପରିବାରର ଗୁଜୁରାଣ ମେଣ୍ଟାଇବା ସହ ତାହାରି ଭିତରେ +୨,+୩ ଏବଂ ବିଇଡ଼ି ପାଠ୍ୟକ୍ରମ ସାରି ନିଜର ଉଚ୍ଚଶିକ୍ଷା ପାଇଁ ରାତିତମା ପାଠପା ଜାରି ରଖିଥିଲେ। ବର୍ତ୍ତମାନ ସେ ଚଳିତ ବର୍ଷ ଓଜେଇଇ ପରୀକ୍ଷାରେ ପାସ କରି ରାଜ୍ୟରେ ୪ର୍ଥ ସ୍ଥାନ ଅଧିକାର କରି ନୟାଗଡ଼ ଜିଲ୍ଲା ତଥା ନୂଆଗାଁ ବ୍ଲକ ପାଇଁ ପ୍ରଥମ ସ୍ଥାନ କୃତିତ୍ୱ ଅର୍ଜନ କରି ଗୋଟିଏ ଗରିବ ପରିବାରର ନାଁ ରଖିଛନ୍ତି। ଏହି ସଫଳତାକୁ ନେଇ ସମଗ୍ର ନୟାଗଡ଼ ଜିଲ୍ଲା ତଥା ବିଭିନ୍ନ ଅନୁଷ୍ଠାନ ତରଫରୁ ଶୁଭେଚ୍ଛାର ଶୁଅ ଛୁଟୁଥିବା ଦେଖିବାକୁ ମିଳିଛି। ଏହା ସହିତ ଦଶପଲ୍ଲା ବିଧାୟକ ରମେଶ ଚନ୍ଦ୍ର ବେହେରା ତାଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିବା ସହ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ ଆଗକୁ ଟେକ୍ନିକାଲ ବି-ଟେକ ପାଠପଢ଼ି ଜଣେ ଭଲ ସିଭିଲ ଇଞ୍ଜିନିଅର ହେବାକୁ ଚାହୁଁଛନ୍ତି।

# ଡ଼ାଇରିଆ ସ୍ଥିତି ଅନୁଧ୍ୟାନ ପାଇଁ ପହଞ୍ଚିଲା ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍

ଅସ୍ତରଙ୍ଗ(ମହାଭାରତ) - ରାଜ୍ୟ ରେ ଡାଇରିଆ କୁ ନେଇ ଯେତେବେଳେ ଚାଞ୍ଚଲ୍ୟ ସୃଷ୍ଟି ହେଉଛି ସେତେବେଳେ ପ୍ରତ୍ୟେକ ଅଞ୍ଚଳ ରେ ଭୟଙ୍କର ପରିସ୍ଥିତି ଲୋକ ମାନଙ୍କ ଭିତରେ ସୃଷ୍ଟି ହୋଇଛି,ଯାହାକୁ ନେଇ ଆଜି ଅପରାହ୍ନ ରେ ବିଜେପି ର ଏକ ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପହଞ୍ଚି ସେଠି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ଃ ସଞ୍ଜୟ ପ୍ରଧାନ ଙ୍କ ସହ ଆଲୋଚନା କରିଥିଲେ। ଡ଼ାଇରିଆ ସ୍ଥିତି ଅସ୍ତରଙ୍ଗ ଅଞ୍ଚଳ ରେ ସେପରି ପରିଲିକ୍ଷିତ ହୋଇନାହିଁ, ଯାହା ଅଞ୍ଚଳ ର ଅଧିକାରୀ ଓ ବିଭିନ୍ନ ସର୍ଭେର ଅଧିକାରୀ ମାନେ ମତବ୍ୟକ୍ତ କରିଥିଲେ, ବିବାହ ଓ ସୁଧଘର ଭୋଜି, ରଜ ମହୋତ୍ସବ ରେ ଅତ୍ୟଧିକ ନିରାମିଷ ଖାଦ୍ୟ ଖାଇବା ଦ୍ୱାରା ଲୋକ ମାନଙ୍କ ନିକଟରେ ବଦହଜମି ଅତ୍ୟଧିକ ପରିମାଣ ରେ ଦେଖାଯାଇଛି, ନଚେତ ଭୟଭୀତ ହେଲାଭଳି କୌଣସି ଡ଼ାଇରିଆ ପରିସ୍ଥିତି ସୃଷ୍ଟି ହୋଇନାହିଁ, କି କୌଣସି ସଂକ୍ରମିତ ଗୁରୁତ୍ୱର ହୋଇନାହାନ୍ତି, ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଅଧିକାରୀ ଙ୍କ ସୂଚନା ଅନୁଯାୟୀ ଗତ ୧୨ ତାରିଖ ରୁ ଆଜି ପର୍ଯ୍ୟନ୍ତ ଅସ୍ତରଙ୍ଗ ସିଏଚସି ଅଧୀନରେ ମୋଟ ରୋଗୀ ଙ୍କ ଭିତରେ ୩୧ ରୁ ୩୪ ଜଣ ବଦହଜମି, ଝାଡା ବାନ୍ତି ସମସ୍ୟା ରେ ଆଡମିଟ ହୋଇଛନ୍ତି ଓ ପ୍ରାଥମିକ ଚିକିତ୍ସା ରେ ସୁସ୍ଥ ହୋଇ ଘରକୁ ଯାଇଛନ୍ତି,ମୋଟାମୋଟି ଭାବେ କହିବାକୁ ଗଲେ ଅସ୍ତରଙ୍ଗ ବ୍ଲକ ରେ ବର୍ତ୍ତମାନ ସୁଦ୍ଧା ଡ଼ାଇରିଆ କି ହଇଜା ଭଳି ଜଟିଳ ପରିସ୍ଥିତି ସୃଷ୍ଟି ହୋଇନାହିଁ, ଯାହା ସବୁ ଦୋକାନ ବଜାର ର ପଚା, ପୋଡା ତେଲ ଯୁକ୍ତ ଖାଦ୍ୟ, ପୋକ ମାଛି ବସା ଖାଦ୍ୟ ସହ ଭୋଜି ଖାଦ୍ୟ ପାଇଁ ଏହିଭଳି ପରିସ୍ଥିତି ସୃଷ୍ଟି ହେଉଛି, ଅନ୍ୟ ପଟେ ପରିମଳ ବିଭାଗ ତରଫରୁ କୌଣସି ସ୍ୱଚ୍ଛତା ପଞ୍ଚାୟତ ସ୍ତରରେ ନହେବାରୁ ଏହି ସମସ୍ୟା ଛୋଟ ପିଲା ଙ୍କ ନିକଟରେ ଦେଖିବାକୁ ମିଳିଛି, ଅନ୍ୟ ପଟେ ଆଶା କର୍ମୀ ମାନଙ୍କୁ ସ୍ୱାସ୍ଥ୍ୟ ବିଭାଗ ତରଫରୁ ଆଲର୍ଟ ରହି ଘର ଘର ବୁଲିବା ସହ ଲୋକ ଙ୍କ ସ୍ୱାସ୍ଥ୍ୟବସ୍ଥା ଯାଞ୍ଚ କରିବା ସହ ଓଆରଏସ ସହ ଜିଙ୍କ ପ୍ରଦାନ କରିବାକୁ ପରାମର୍ଶ କରାଯାଇଛ। ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ସମସ୍ତ ପ୍ରତିଷେଧକ ମହଜୁଦ ରହିଛି ବୋଲି ଅଧିକାରୀ ଡ଼ଃ ପ୍ରଧାନ ସୂଚନା ମଧ ଦେଇଛନ୍ତି, ଏହି ଫ୍ୟାକ୍ଟ ଫାଇଣ୍ଡିଙ୍ଗ ଟିମ୍ ର ବୈଠକ ରେ ଜିଲ୍ଲା ମହିଳା ବିଜେପି ସଭାନେତ୍ରୀ ଜ୍ୟୋତି ମହାପାତ୍ର, ସମ୍ପାଦିକା ରଶ୍ମୀ ବିଶ୍ୱାଳ,ମହିଳା ମୋର୍ଚ୍ଚା ଜିଲ୍ଲା ସମ୍ପାଦିକା ଚନ୍ଦ୍ରିକା ରାଉତରାୟ,ରାଜ୍ୟ ବିଜେପି ଜଗତସିଂହପୁର ସାଂସଦ ଙ୍କ ଅସ୍ତରଙ୍ଗ ବ୍ଲକ ପ୍ରତିନିଧି ଶ୍ରୀଯୁକ୍ତ ଦିବାକର ଛାଟୋଇ, ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଡ଼ଃ ସଞ୍ଜୟ ପ୍ରଧାନ,ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ରଞ୍ଜିତା ପାତ୍ର, ଅସ୍ତରଙ୍ଗ ସରପଞ୍ଚ ରାମଚନ୍ଦ୍ର କାଣ୍ଡି, ବିଜେପି ଯୁବ ନେତା ଅଧିକାରୀ ବେହେରା ପ୍ରମୁଖ ଉପସ୍ଥିତ ରହି ଆଲୋଚନା ରେ ଭାଗ ନେଇଥିଲେ।

## ତିନି ତିନୋଟି ପଞ୍ଚାୟତ ବାସୀଙ୍କ ଅଭିଯୋଗକୁ ନାହିଁ ଗୁରୁତ୍ୱ ଖୋଲୁନି ଛାତ୍ର ହଷ୍ଟେଲ, ଆଦିବାସୀ ପିଲାଙ୍କ ପଠା ପଢା ରେ ଡୋରି

କୁନ୍ଦୁରା-(ମହାଭାରତ)-କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଆସନା ପଞ୍ଚାୟତ ସଦର ଉଦଳଗୁଡ଼ା ଠାରେ ଖୋଲୁନି ଛାତ୍ର ହଷ୍ଟେଲ । ଦୁଇ ବର୍ଷରେ ୧୦ ଥରରୁ ଅଧିକ ଅଭିଯୋଗ ହେଲାଣି ତଥାପି ପ୍ରଶାସନ ର ନିଦ ଭାଙ୍ଗୁନି । ତିନି ତିନୋଟି ପଞ୍ଚାୟତ ବାସୀ, ଅଭିଭାବକ ଓ ସ୍ଥାନୀୟ ୱାର୍ଡ଼ ମେମ୍ବର, ସରପଞ୍ଚ ସମିତି ସଭ୍ୟା ସମସ୍ତ ଜନ ପ୍ରତିନିଧିଙ୍କ ଦାବୀକୁ ଗୁରୁ ଦେଉ ନାହାନ୍ତି ସରକାର । ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୪୦ ଶଯ୍ୟା ବିଶିଷ୍ଟ ଛାତ୍ର ହଷ୍ଟେଲ ରହିଅଛି । ଏଥିରେ ଆସନା, ଫୁଲଭଟ୍ଟା ଓ କେରମେଟି ସମେତ ପଡ଼ିଶା ବୈପାରୀଗୁଡ଼ା ବ୍ଲକର ପିଲା ରହି ପାଠ ପଢୁଛନ୍ତି । ଷଷ୍ଠ ଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ହଷ୍ଟେଲର ସୁବିଧା ନାହିଁ । ଷଷ୍ଠରୁ ଦଶମ ପର୍ଯ୍ୟନ୍ତ ହଷ୍ଟେଲ ନ ଥିବାରୁ ଅନ୍ୟ ହଷ୍ଟେଲରେ ନାମ ଲେଖାଇ ଉଚ୍ଚ ଶ୍ରେଣୀରେ ପଢ଼ିବାକୁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି ଆଦିବାସୀ,ହରିଜନ ଛାତ୍ର । ବ୍ଲକର ଅନ୍ୟ ହଷ୍ଟେଲ ଗୁଡ଼ିକରେ ଶେଷ ପର୍ଯ୍ୟନ୍ତ ଅପେକ୍ଷା କରି ନାମ ଲେଖାଉଛନ୍ତି । ଯେଉଁ ପିଲାଙ୍କୁ ନାମ ଲେଖାଇବା ପାଇଁ ସୁବିଧା ମିଳେ ନାହିଁ ସେମାନଙ୍କର ପାଠ ପଢ଼ାରେ ପୂର୍ଣ୍ଣ ଛେଦ ପଡିଯାଏ । ସୂଚନା ଥାଉ କି- ଅଭିଭକ୍ତ ଆସନା ପଞ୍ଚାୟତ ଅର୍ଥାତ ଆସନା, କେରମେଟି ଓ ଫୁଲଭଟ୍ଟା ପଞ୍ଚାୟତରେ ଏହି ଗୋଟିଏ ମାତ୍ର ୪୦ ଶଯ୍ୟା ବିଶିଷ୍ଟ ଛାତ୍ର ହଷ୍ଟେଲ ରହିଅଛି । ଏଥିରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପିଲା ରହି ପାରିବେ । ଏହି ତିନି ପଞ୍ଚାୟତ ହେଉଛି କୁନ୍ଦୁରା ବ୍ଲକର ଅନୁନ୍ନତ, ଅଶିକ୍ଷିତ ଓ ଉପାନ୍ତ ଅଞ୍ଚଳ ।ଏହି ହଷ୍ଟେଲକୁ ୬୦ ଶଯ୍ୟା ବୃଦ୍ଧି କରାଗଲେ ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଏହି ତିନି ପଞ୍ଚାୟତର ଅଧିକ ୬୦ ଛାତ୍ର ଉପକୃତ ହୋଇ ପାରିବେ । ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ କେରମେଟି ଉଚ୍ଚ ବିଦ୍ୟାଳୟରେ ଆଦିବାସୀ ୬୩, ହରିଜନ ୭ ଏବଂ ଉଦଳଗୁଡ଼ା ଠାରେ ଆଦିବାସୀ ୮୩ ଓ ହରିଜନ ୨୪ ଛାତ୍ର ଦୁଇ ସ୍କୁଲର ସମୁଦାୟ ଆଦିବାସୀ ୧୪୬ ଓ ହରିଜନ ୩୧ ଜଣ ଛାତ୍ର ଚଳିତ ବର୍ଷ ନାମ ଲେଖାଇଛନ୍ତି । ଉଭୟ ବିଦ୍ୟାଳୟରେ ହଷ୍ଟେଲ ସୁବିଧା ନ ଥିବାରୁ ୫,୭ କି ମି ଦୂର ରାସ୍ତାରେ ପ୍ରତିଦିନ ଯା ଆସ କରି ପଢୁଛନ୍ତି । ଶୀତ ଓ ଖରା ଦିନେ ଚଳି ଯାଏ ହେଲେ ବର୍ଷା ଦିନ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି ଛାତ୍ର ଓ ଏ ନେଇ ଗତ ୧୬ ମେ ୨୦୨୩ ତାରିଖରେ ଏହି ତିନି ପଞ୍ଚାୟତର ସରପ□, ସମିତି ସଭ୍ୟ/ ସଭ୍ୟା , ଅଭିଭାବକ ଏବଂ ସର୍ବସାଧାରଣଙ୍କ ପକ୍ଷରୁ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଭେଟି ଲିଖିତ ଭାବେ ଅଭିଯୋଗ କରିଥିଲେ । ତତ୍କାଳୀନ ଜିଲ୍ଲା ଶିକ୍ଷା ଅଧିକାରୀ ଅଭିଯୋଗ ପତ୍ର ଗ୍ରହଣ କରି ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଲିଖିତ ଅବଗତ କରିବାକୁ କହିଥିଲେ, ଜିଲ୍ଲା ମଙ୍ଗଳ




ଅଧିକାରୀଙ୍କୁ ମଧ ଲିଖିତ ଅଭିଯୋଗ କରାଯାଇଥିଲା । ଏ ଭିତରେ ଦୁଇ ବର୍ଷ ବିତିଗଲାଣି କିନ୍ତୁ ହଷ୍ଟେଲ ଶଯ୍ୟା ବୃଦ୍ଧିର ନାଁ ଧରୁନାହିଁ ଜିଲ୍ଲା ପ୍ରଶାସନ। ପରବର୍ତ୍ତୀ ସମୟରେ ଗତ ୧୨ ନଭେମ୍ବର ୨୦୨୪ ରେ ଓ ଗତ ମେ ୨୫ ତାରିଖରେ କୁନ୍ଦୁରା ବ୍ଲକରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣୀରେ ଅଭିଭାବକ ଓ ପଞ୍ଚାୟତ ବାସୀ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିଛନ୍ତି । ପଞ୍ଚାୟତର ପ୍ରତି ଗ୍ରାମସଭା, ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣିରେ ଚାରି ଥର ଲିଖିତ ଅଭିଯୋଗ କରାଯାଇଅଛି । ତଥାପି ତିନି ପଞ୍ଚାୟତର ଆଦିବାସୀ, ହରିଜନ ଛାତ୍ରଙ୍କ ବୃହ□ ସ୍ୱାର୍ଥ ପ୍ରତି ଏ ପର୍ଯ୍ୟନ୍ତ ପ୍ରଶାସନର ନଜର ପଡ଼ିନାହିଁ । ଏ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଏବଂ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲୁ ଫୋନ୍ ନ ଉଠାଇବାରୁ ପ୍ରତିକ୍ରିୟା ମିଳି ପାରିନାହିଁ । ବ୍ଲକ ମଙ୍ଗଳ ଅଧିକାରୀ ସୁଜ୍ଞାନ ରଞ୍ଜନ ଜାଲିଙ୍କୁ ପଚାରିବାରୁ ଯେ ହେତୁ ସେହି ବିଦ୍ୟାଳୟଟି ଶିକ୍ଷା ବିଭାଗ ଅଧୀନରେ ରହିଛି ତେଣୁ ହଷ୍ଟେଲ ଶଯ୍ୟା ବୃଦ୍ଧି ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅନୁମତି ହେଲେ ଖୋଲାଯାଇ ପାରିବ । ଅଭିଭାବକ କିମ୍ବା ଅଞ୍ଚଳବାସୀଙ୍କ ପକ୍ଷରୁ ଅନୁମୋତି ଆଣିଲେ ଶଯ୍ୟା ବୃଦ୍ଧି ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ତେବେ ପଞ୍ଚାୟତ ଠାରୁ ବ୍ଲକ ଓ ଜିଲ୍ଲା ସ୍ତରୀୟ ଅଭିଯୋଗ ଶୁଣାଣିରେ ଲୋକଙ୍କ ଅଭିଯୋଗ ଏକ ପ୍ରହସନ ନୁହେଁ କି ? ଜିଲ୍ଲାପାଳ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଉଛନ୍ତି କିନ୍ତୁ ଅଧିକାରୀ ମାନୁ ନାହାନ୍ତି,କାର୍ଯ୍ୟକାରୀ ଶୂନ୍ । ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହି ଦୁଇ ବର୍ଷ ମଧ୍ୟରେ ୧୦ ଥରରୁ ଅଧିକ ଅଭିଯୋଗ ହେଲାଣି କାହିଁକି ଗୁରୁ ଦିଆଯାଉ ନାହିଁ ବୋଲି ପ୍ରଶ୍ନ କରିଛନ୍ତି ପ୍ରତିନିଧି, ଅଭିଭାବକ ଓ ଅଞ୍ଚଳବାସୀ ଓ ଜିଲ୍ଲା ପ୍ରଶାସନ ଏଥପ୍ରତି ପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ନିବେଦନ କରିଛନ୍ତି ।

## ହୁ ହୁ ହୋଇ ବଢୁଛନ୍ତି ଡ଼ାଇରିଆ ଆକ୍ରାନ୍ତ

କପ୍ତିପଦା-(ମହାଭାରତ): କପ୍ତିପଦା – ସାରା ରାଜ୍ୟରେ ଏବେ ଡ଼ାଇରିଆ କୁ ନେଇ ଚିନ୍ତା। ଜିଲ୍ଲାକୁ ଜିଲ୍ଲା ଡେଉଁଥିବା ଡ଼ାଇରିଆ ଏବେ ଉଦଳାରେ ଦେଖିବାକୁ ମିଳିଛି। ଉଦଳା ମେଡିକାଲରେ ଡ଼ାଇରିଆ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ପ୍ରତିଦିନ ଉଦଳା ମେଡିକାଲ କୁ ୨୦ ରୁ ୩୦ ଆକ୍ରାନ୍ତ ଆସୁଥିବା ବେଳେ ଡାକ୍ତରଖାନାରେ ଡ଼ାଇରିଆ ୱାର୍ଡରେ ସିଟ ତୁଳନାରେ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ କିଛି ରୋଗୀଙ୍କୁ ଔଷଧ ଦିଆଯାଇ ଘରକୁ ପଠାଇ ଦିଆଯାଉଥିବା କହିଛନ୍ତି ଡାକ୍ତର। ତେବେ ଉଦଳା ମେଡିକାଲରେ ରୋଗୀଙ୍କ ସଂଖ୍ୟା ବଢୁଥିବା ବେଳେ ଏହା ଯେତିକି ଚିନ୍ତାଜନକ ସେତିକି ସଚେତନତା ଆବଶ୍ୟକତା ମଧ ରହିଛି। ଡ଼ାଇରିଆ ରେ ଉଦଳା ମେଡିକାଲରେ ସ୍ଥିତି ଗମ୍ଭୀର ରହିଥିବା ବେଳେ ଏବେ ୨୫ ରୁ ଅଧିକ ଆକ୍ରାନ୍ତ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ରହିଛନ୍ତି। ଦିନକୁ ଦିନ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ତେବେ ରୋଗୀ ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଠିକ୍ ଥିବା କହିଛନ୍ତି ଡାକ୍ତର।

## ଇଣ୍ଡିଆ ବୁକ ଅଫ ରେକର୍ଡରେ ତିନି ବର୍ଷର ଶିଶୁ



ଗୋଲାମୁଣ୍ଡା(ମହାଭାରତ): ସ୍କୁଲ ବାରଣ୍ଡା ମାଡି ନ ଥିବା କୁନି ପୁଅ ଇଣ୍ଡିଆ ବୁକ ଅଫ ରେକର୍ଡରେ ନିଜ ନାମ ସ୍ଥାନୀତ କରିଛନ୍ତି । ଯେଉଁ ବୟସରେ କଥା କହୁ କହୁ ପାଟି ଲାଗିଯାଏ ସେହି ବୟସରେ ଦେଶ ବିଦେଶର ସାଧାରଣ ଜ୍ଞାନ, ଇଂରାଜୀରେ ପଶୁ,ପକ୍ଷୀ,ଫୁଲ, ଫଳ, ମନ୍ତ୍ର ଶ୍ଳୋକ,ମନେ ରଖି ନିର୍ଭୁଲ ଭାବରେ କହି ନିଜର ଚମତ୍କାର ପ୍ରତିଭାକୁ ପ୍ରକାଶ କରିଛନ୍ତି ଏହି କୁନି ପୁଅର ନାଁ ହେଉଛି ତନୁଶ ଶେଖର ନାଏକ ବୟସ ମାତ୍ର ୩ ବର୍ଷ ।ବାପା ଟିକେ ନାଏକ ଓ ମାଆ ମଞ୍ଜୁଲତା ନାଏକ। ନୂଆପଡା ଜିଲ୍ଲା ବୋଡ଼େନ ବ୍ଲକ ଅନ୍ତର୍ଗତ ଫରସରା ଗ୍ରାମର ଅଟନ୍ତି ବର୍ତମାନ ବାପା ଗୋଲାମୁଣ୍ଡା ଅଗ୍ନିଶମ ବିଭାଗରେ ଚାକିରୀ କରୁଛନ୍ତି । ପୁଅର ଏହି ଚମତ୍କାର ପ୍ରତିଭା ପାଇଁ ନିଜ ସମ୍ପର୍କୀୟ ବନ୍ଧୁ ବାନ୍ଧବ ଓ ସ୍ଥାନୀୟ ଅଗ୍ନିଶମ ବିଭାଗର କର୍ମଚାରୀ ମାନେ ଶୁଭେଚ୍ଛା ଜଣାଇବା ସହିତ ପୁଅର ଉଜ୍ଜଳ ଭବିଷ୍ୟତ କାମନା କରିଛନ୍ତି । ମାଆ ମଞ୍ଜୁଲତା ନାଏକ ପ୍ରତିଦିନ ପୁଅକୁ ଗୀତ ଗପ ପାଠ କହୁଥିବା ବେଳେ ପୁଅ ତାକୁ ସଙ୍ଗେ ସଙ୍ଗେ ମନେ ରଖି ଦେଉଥିବାରୁ ପରିବାର ଲୋକେ ଏହି ବିଚକ୍ଷଣ ସ୍ମରଣ ଶକ୍ତିକୁ ଜାଣି ପାରି ଆହୁରି ଅଧିକ ଧ୍ୟାନ ଦେବା ଫଳରେ ବର୍ତ୍ତମାନ ଯେ କୌଣସି ପାଠକୁ ମଧ ମନେ ରଖି ଦେଉଛି ବୋଲି ପରିବାର ଲୋକେ ଖୁସି ବ୍ୟକ୍ତ କରିଥିଲେ।

## ଦେବଗଡ଼ ଜିଲ୍ଲାରେ ଟେବୁଲ୍ ଉପରେ ଅଭ୍ୟାସ ପ୍ରସ୍ତୁତି ବୈଠକ

ଦେବଗଡ଼(ମହା ଭାରତ): ଆଗାମୀ ମୌସୁମୀ ପ୍ରବାହକୁ ଦୃଷ୍ଟି ରେ ରଖି ସମ୍ଭାବ୍ୟ ବନ୍ୟା ଓ ବାତ୍ୟା ପରିସ୍ଥିତି ର ମୁକାବିଲା ନିମନ୍ତେ ଜିଲ୍ଲାସ୍ତରୀୟ ପ୍ରାକୃତିକ ବିପର୍ଯ୍ୟୟ କମିଟି ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁ ଙ୍କ ଅଧକ୍ଷତାରେ ସ୍ଥାନୀୟ ଜିଲ୍ଲାପାଳ ଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ସାହୁ ପ୍ରବଳ ବର୍ଷା ଜନିତ ସମ୍ଭାବ୍ୟ ବାତ୍ୟା ପରିସ୍ଥିତି ର ମୁକାବିଲା ନିମନ୍ତେ ସମସ୍ତ ବିଭାଗ ସଜାଗ ରହିବା ସଙ୍ଗେ ସଙ୍ଗେ ଏଭଳି ପରିସ୍ଥିତି କୁ ସମ୍ମୁଖୀନ ହେବା ନିମନ୍ତେ ଯଥେଷ୍ଟ ପୂର୍ବରୁ ନିଜ ନିଜ ବିଭାଗର କାର୍ଯ୍ୟ ଖସଡ଼ା ପ୍ରସ୍ତୁତି କରି ରଖିବାକୁ ପରାମର୍ଶ ଦେଇଥିଲେୟ ବୈଠକ ରେ କୃଷି ବିଭାଗ, ଶକ୍ତି ବିଭାଗ, ପଶୁ ସମ୍ପଦ ବିଭାଗ, ମତ୍ସ ବିଭାଗ, ଯୋଗାଣ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, ଜନ ସ୍ୱାସ୍ଥ୍ୟ ବିଭାଗ, ପୌର ପରିଷଦ, ଜଙ୍ଗଲ ବିଭାଗ, ପଞ୍ଚାୟତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗ, ଅଗ୍ନି ଶ୍ରମ ବିଭାଗ ଓଡ୍ରାପ ଟିମ୍ ର ଉପସ୍ଥିତି ଜିଲ୍ଲାସ୍ତରୀୟ ଅଧିକାରୀ ମାନେ ସମ୍ଭାବ୍ୟ ପରିସ୍ଥିତି ର ମୁକାବିଲା ନିମନ୍ତେ ନିଜ ନିଜ ବିଭାଗ ର ପ୍ରସ୍ତୁତି ଉପରେ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲାପାଳ ଶ୍ରୀ ସାହୁ ଦୁର୍ଗମ ଅଞ୍ଚଳରେ ଆତ୍ୟୟବସୟିକ ଖାଦ୍ୟ ସାମଗ୍ରୀ, କିରୋସିନି ଆଦି ଗଚ୍ଛିତ କରିବାକୁ ପରାମର୍ଶ ଦେବା ସଙ୍ଗେ ସଙ୍ଗେ କୃଷି କାର୍ଯ୍ୟ ନିମନ୍ତେ ଆବଶ୍ୟକୀୟ ବିହନ, କୀଟ ନାଶକ ଔଷଧ ଏବଂ ସାର ମହଜୁଦ କରି ରଖିବା ପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ମାଟି ଭାର ବୋହି ସଚେତନ କରୁଛନ୍ତି ଜିଲ୍ଲାପାଳ :ଦାଦନ ମୁକ୍ତ ନୂଆପଡ଼ାର ସ୍ୱପ୍ନ

ଖଡ଼ିଆଳ:(ମହାଭାରତ) ଦାଦନ ପ୍ରବଣ ଓ ରାଜ୍ୟ ର ଏକ ଉପାନ୍ତ ଜିଲ୍ଲା ଭାବରେ ବେଶ ପରିଚିତ ନୂଆପଡ଼ା ଜିଲ୍ଲା କୁ ନୂଆ ପରିଚୟ ଦେଇ ସଂଭ୍ରାନ୍ତ ଜିଲ୍ଲା ରେ ପରିଣତ କରିବା ଦିଗ ରେ ଜିଲ୍ଲା ପ୍ରଶାସନ ବିଶେଷ କରି ଜିଲ୍ଲାପାଳ ଙ୍କ ନେତୃ ରେ ସମସ୍ତ ବିଭାଗ ଏକ ହୋଇ ଆରମ୍ଭ କରିଛନ୍ତି ପ୍ରବାସୀ ଶ୍ରମିକ ସଚେତନ କାର୍ଯ୍ୟକ୍ରମ । ଗତ ୧୦ ମାସ ମଧ ରେ ଜିଲ୍ଲା ର ୪୧ ଗୋଟି ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରି ତାର ପ୍ରଚାର ପ୍ରସାର କରି ପ୍ରବାସୀ ଶ୍ରମିକ ଙ୍କୁ ଫେରାଇ ଆଣିବା ସହ ଦାଦନ ରୋକିବା ରେ ସଫଳ ହୋଇଛି ଜିଲ୍ଲା ପ୍ରଶାସନ । ବର୍ତ୍ତମାନ ଦୈନନ୍ଦିନ ଷାଠିଏ ହଜାର ରୁ ଉର୍ଦ୍ଧ ଶ୍ରମିକ ମନରେଗା ଯୋଜନା ରେ କାର୍ଯ୍ୟ କରି ସାରା ରାଜ୍ୟ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି । ତା ସହ ବନବିଭାଗ ତରଫ ରୁ ପକ୍ଷୀ ପାଇଁ ଦିନ ଟିଏ ଓ ଝିଅ ପାଇଁ ଗଛ ଟିଏ କାର୍ଯ୍ୟକ୍ରମ ଜିଲ୍ଲାକୁ ସବୁଜ ସୁନ୍ଦର କରିବା ରେ ସହାୟକ ହେଉଛି ବୋଲି ବୁଦ୍ଧି ଯିବି ଙ୍କ ମହଲ ରେ ଚର୍ଚ୍ଚା ଜୋର୍ ଧରିଛି । ଦାଦନ ର ଗଡ ଭାବରେ ଓଡ଼ିଶାରେ



ପରିଚିତ ନୂଆପଡ଼ା ଜିଲ୍ଲା ରେ ନୂଆ ସମ୍ଭାବନା ସୃଷ୍ଟିକରି ଗତ ଏକ ବର୍ଷ ମଧ ରେ ଜିଲ୍ଲାପାଳ ମଧୁସୂଦନ ଦାସ କେବେ ନିଜେ କୋଦାଳ ଧରି ମାଟି ଖୋଳିଛନ୍ତି ତ କେବେ ଭାର ରେ ମାଟି ବୋହି ଶ୍ରମିକ ମାନଙ୍କୁ ଉତ୍ସାହିତ କରୁଥିବା ନଜର କୁ ଆସିଛି । ଜିଲ୍ଲା ରେ ମନରେଗା କାମରେ ଅଧିକ ରୁ ଅଧିକ ଶ୍ରମିକ କିଭଳି ନିୟୋଜିତ ହୋଇ ସରକାରୀ ଯୋଜନା ର ଲାଭ ଉଠାଇ ପାରିବେ ସେ ଉପରେ ସଚେତନତା ସୃଷ୍ଟି ପାଇଁ ପ୍ରବାସୀ ଶ୍ରମିକ ସଚେତନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଏଥିରେ ପ୍ରତ୍ୟେକ ସୋମବାର ରେ ଆୟୋଜିତ ଜିଲ୍ଲାପାଳ ଙ୍କ ଅଭିଯୋଗ ଶୁଣାଣି ସିବିରି ଅବସରରେ ବିଭିନ୍ନ ପଞ୍ଚାୟତ ରେ ବର୍ଦ୍ଧିତ ଜନ ଶୁଣାଣି କରି ପ୍ରବାସୀ ଶ୍ରମିକ ସଚେତନ କାର୍ଯ୍ୟକ୍ରମ ର ଆୟୋଜନ କରୁଛନ୍ତି । ଏଥିରେ ଜିଲ୍ଲା ର ସମସ୍ତ ବିଭାଗ ର ଅଧିକାରୀ ମାନଙ୍କୁ ନେଇ ସରକାର ଙ୍କ ସବୁ ପ୍ରକାର ଯୋଜନା କିପରି ଭାବରେ ସମସ୍ତ ଙ୍କ ପାଖରେ କିଭଳି ଭାବରେ ପହଞ୍ଚି ପାରିବ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଲୋକ ଙ୍କୁ ଅବଗତ କରାଉଛନ୍ତି । ସାଧାରଣ ରୁ ସାଧାରଣ ଲୋକେ ଯେମିତି ଏଥିରେ ବାଦ୍ ନ ପଡନ୍ତି ସେ ଉପରେ ସମସ୍ତ ଅଧିକାରୀ ଲୋକଙ୍କ ସହ ମିଶି ସହଯୋଗ କରୁଛନ୍ତି । ଜାଫଳ ରେ ଲୋକେ ଜିଲ୍ଲା ପ୍ରଶାସନ କୁ ବିଶ୍ୱାସ କରି ଦାଦନ ରୁ ଘର କୁ ଫେରି ନିଜ ଭିଟା ମାଟି ରେ କାମ କରି ସରକାରୀ ଯୋଜନା ର ଲାଭ ନେଇ ଉପକୃତ ହେଉଛନ୍ତି । ଆଜି ବରଗାଁ ପଞ୍ଚାୟତ କାସିପଲା ଠାରେ ଆୟୋଜିତ କାର୍ଯ୍ୟକ୍ରମ ରେ କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ଓ ଲକ୍ଷ କୁ ଭୂରିଭୂରି ପ୍ରସଂଶା କରିବା ସହ ଏହା ସର୍ବ ସାଧାରଣଙ୍କ ପାଇଁ ବହୁ ଲାଭବାନ ହେବ ବୋଲି ବୁଦ୍ଧିଜୀବୀ ତଥା ସ୍ଥାନୀୟ ସରପଞ୍ଚ ଗୋବିନ୍ଦ ବିହାରୀ ବାରିକ ଜିଲ୍ଲା ପ୍ରଶାସନ କୁ ଧନ୍ୟବାଦ୍ ଦେଇଛନ୍ତି । ଗୋଟିଏ ପଟେ ଜିଲ୍ଲା ପ୍ରଶାସନ ଜିଲ୍ଲାର ଶ୍ରମିକ ଶ୍ରେଣୀର ଲୋକଙ୍କୁ ସଚେତନ କରି ଜିଲ୍ଲା ଭିତରେ ବିଭିନ୍ନ ବିଭାଗ ତରଫରୁ ଯେମିତି କି କୃଷି, ଉଦ୍ୟାନ, ଜଳବିଭାଜିକା, ଫରେଷ୍ଟ , ଜୀବିକା ମିଶନ ଏମିତି କି ବିଭିନ୍ନ ବ୍ୟାଙ୍କ ମାନଙ୍କ ଠାରୁ ଲୋନ ନେଇ ସ୍ୱାବଲମ୍ବୀ ହେବାର ଉପାୟ ବାହାର କରି ଜିଲ୍ଲା ଭିତରେ କାମ କରି ସମସ୍ତ ଙ୍କୁ ପ୍ରବାସୀ ନହେବା ପାଇଁ ବାନ୍ଧି ରଖୁଥିବା ବେଳେ ଜିଲ୍ଲା ର ପରିବେଶ ସନ୍ତୁଳନ ସହ ସବୁଜ ସୁନ୍ଦର କରିବା ପାଇଁ ଜିଲ୍ଲା ପ୍ରଶାସନ ର ଉଦ୍ୟମ ରେ ବନବିଭାଗ ଝିଅ ପାଇଁ ଗଛ ଟିଏ, ପକ୍ଷୀ ପାଇଁ ଦିନ ଟିଏ ଭଳି ଅନେକ କାର୍ଯ୍ୟକ୍ରମ କରୁଛନ୍ତି । ଏଥିରେ ଗର୍ଭସ୍ଥ ଶିଶୁ ପାଇଁ ମଧ ଗଛ ଟିଏ ନାରା ରେ ଜିଲ୍ଲା ରେ ଅନେକ ଚାରା ରୋପଣ ହୋଇ ପାରିବ ଓ ନିଶ୍ଚିନ୍ତ ଭାବରେ ଘରେ ଘରେ, ରାସ୍ତା କଡରେ ଓ ଅନେକ ସ୍ଥାନରେ ଗଛ ହୋଇ ଜିଲ୍ଲା ସବୁଜ ହୋଇ ପାରିବ ବୋଲି ଜନ ସାଧାରଣ ମତ ବ୍ୟକ୍ତ କରିଛନ୍ତି । ଅପରପକ୍ଷରେ ଆଧୁନିକତା ର ଚାକଚକ୍ୟ ରେ ଚଢ଼େଇ ମାନଙ୍କ ଇଚିରି ମିଚିରି ଶବ୍ଦ ଆଉ ଶୁଣିବାକୁ ମିଳୁ ନାହିଁ କିମ୍ବା ବିଭିନ୍ନ ପ୍ରକାର ପକ୍ଷୀ ଯାହା ଏହି ଅଞ୍ଚଳ ର ଶୋଭା ବର୍ଦ୍ଧନ କରୁଥିଲା ତାହା ବର୍ତ୍ତମାନ ସମୟରେ ଦେଖିବାକୁ ମିଳୁନାହିଁ । ତାର ମୁଖ୍ୟ କାରଣ ହେଲା ସେମାନ ଙ୍କ ପାଇଁ ଖାଦ୍ୟ, ପାନୀୟ ଜଳ ସାଙ୍ଗ କୁ ବସା ର ଅଭାବ । ଏଣୁ ଏହି କାର୍ଯ୍ୟକ୍ରମ ମାଧ୍ୟମ ରେ ବିଭିନ୍ନ ଗଛ, ଘର ର ଚତୁଃପାର୍ଶ୍ୱରେ ଚଢ଼େଇ ପାଇଁ ଖାଦ୍ୟ ଦେବା, ପାଣି ଦେବା ସହ ବସା ନିର୍ମାଣ କରିବା ପାଇଁ ଜନ ସାଧାରଣ ଙ୍କୁ ସଚେତନ କରାଯାଉଥିବା ଖଡ଼ିଆଳ ବନାନଅ□ଳ ଅଧିକାରୀ ଅଜିଜ ଖାନ ଙ୍କ ସହ ନୂଆପଡା ଜିଲ୍ଲାପାଳ ମଧୁସୁଦନ ଦାସ କହିଛନ୍ତି। ଜିଲ୍ଲା ପ୍ରଶାସନ ର ମୁଖିଆ ଙ୍କ ବଳିଷ୍ଠ ଉଦ୍ୟମ ରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଜିଲ୍ଲା କୁ ଉପାନ୍ତ ରୁ ସଂଭ୍ରାନ୍ତ କରିବା ର ଉଦ୍ୟମ ଜାରି ରଖିଛନ୍ତି, ଏହା ଆଗକୁ ସୁଚାରୁ ରୂପେ କାର୍ଯ୍ୟକାରୀ ହୋଇ ଜାରି ରହେ ତେବେ ଜିଲ୍ଲା ନିଶ୍ଚିନ୍ତ ଭାବରେ ବିକାଶ ପଥେ ଆଗକୁ ଯିବ ଏଥିରେ ତିଳେହେଁ ସନ୍ଦେହ ନାହିଁ ।

## ପାକିସ୍ତାନ ଜାଫର ଏକ୍ସପ୍ରେସରେ ବିସ୍ଫୋରଣ ପରେ ଲାଇନଚ୍ୟୁତ, ୪ଟି ବଗି ଓଲଟିଲା

ନୂଆଦିଲ୍ଲୀ : ପାକିସ୍ତାନରେ ବଡ଼ ଧରଣର ରେଳ ଦୁର୍ଘଟଣା । ପେଶାଓ୍ୱରରୁ କ୍ୱେଟା ଯାଉଥିବା ଜାଫର ଏକ୍ସପ୍ରେସ ବିସ୍ଫୋରଣ ପରେ ଲାଇନଚ୍ୟୁତ ହୋଇଛି । ଟ୍ରେନର ୪ଟି ବଗି ଲାଇନଚ୍ୟୁତ ହୋଇଛି । ଦୁର୍ଘଟଣା ପାକିସ୍ତାନର ଜାକୋବାବାଦ ନିକଟରେ ଘଟିଛି । ତେବେ ଘଟଣାରେ ଏପର୍ଯ୍ୟନ୍ତ କୌଣସି ମୃତାହତଙ୍କ ସୂଚନା ନାହିଁ । କ୍ୱେଟାରୁ ପେଶାଓ୍ୱର ଯାଉଥିବା ଜାଫର ଏକ୍ସପ୍ରେସ ରାସ୍ତାରେ ବିସ୍ଫୋରଣ ହୋଇଥିଲା । ଟ୍ରେନର ଗତି କମ୍ ଥିବା ବେଳେ ଏକାଧିକ ଥର ବିସ୍ଫୋରଣ କରିବାରୁ ଟ୍ରେନଟି ଲାଇନଚ୍ୟୁତ ହୋଇଥିଲା । ଟ୍ରେନରେ ଅନେକ ସାଧାରଣ ନାଗରିକ ଥିଲେ । ସ୍ଥାନୀୟ ପ୍ରଶାସନ ଏବଂ ଅଧିକାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛନ୍ତି । ଘଟଣାରେ ସମସ୍ତ ଯାତ୍ରୀ ସୁରକ୍ଷିତ ରହିଛନ୍ତି । କେହି ମଧ୍ୟ ଗୁରୁତର ଆହତ ହୋଇନାହାନ୍ତି । ବିକଳ୍ପ ବ୍ୟବସ୍ଥା କରାଯାଇ ଯାତ୍ରୀଙ୍କୁ ନିଜ ନିଜ ଗନ୍ତବ୍ୟ ସ୍ଥଳକୁ ପଠାଯାଉଛି । ତେବେ କ'ଣ ପାଇଁ ବିସ୍ଫୋରଣ ହୋଇଛି, ତା'ର କାରଣ ଖୋଜାଚାଲିଛି । ତେବେ କିଛିଦିନ ପୂର୍ବରୁ ଜାଫର ଏକ୍ସପ୍ରେସକୁ ବଲୁଚିସ୍ତାନ ଆର୍ମି ଅପହରଣ କରି ନେଇଥିଲା । ବଲୁଚ୍ ଲିବରେସନ୍ ଆର୍ମି ଦ୍ୱାରା ପେଶାଓ୍ୱର ଯାଉଥିବା ଜାଫର ଏକ୍ସପ୍ରେସକୁ ଅପହରଣ କରାଯାଇଥିଲା । ଟ୍ରେନ ଅପହରଣରେ ୨୧୪ ଜଣ ଯାତ୍ରୀଙ୍କୁ ବନ୍ଧକ ରଖାଯାଇଥିଲା । ଟ୍ରେନରେ ବହୁ ସଂଖ୍ୟକ ପାକିସ୍ତାନୀ ସେନା ସୈନିକ ଥିଲେ ।

## ହାଇଦ୍ରାବାଦ ବେଗମପେଟ ଏୟାରପୋର୍ଟକୁ ବୋମା ଧମକ, ସର୍ଚ୍ଚ ଅପରେସନ ଜାରି

ମୁମ୍ବାଇ : ହାଇଦ୍ରାବାଦ ବିମାନ ବନ୍ଦରରେ ବୋମା ଧମକ । ହାଇଦ୍ରାବାଦ ବେଗମପେଟ ଏୟାରପୋର୍ଟରେ ବୋମା ଥିବା ନେଇ ଇମେଲରେ ଧମକ ପରେ ହାଇଆଲର୍ଟ ଜାରି ହୋଇଛି । ବୋମା ଧମକ ମିଳିବା ପରେ ବାତାବରଣ ଭୟଭୀତ ହୋଇଯାଇଥିଲା । ତେବେ ସୂଚନା ଆଜି ସକାଳେ ମିଳିଥିଲା । ଖବର ମୁତାବକ, ବେଗମପେଟ ବିମାନବନ୍ଦରରେ ବୋମା ରଖାଯାଇଥିବା ନେଇ ଇମେଲରେ ଦାବି କରାଯାଇଥିଲା । ଘଟଣା ପରେ ବିମାନବନ୍ଦରରେ ସୁରକ୍ଷାକୁ ଆହୁରି କଡ଼ାକଡ଼ି କରାଯାଇଛି । ସିସିଟିଭି କ୍ୟାମେରା ଓ ଅନ୍ୟାନ୍ୟ ସୁରକ୍ଷା ପ୍ରୋଟୋକଲ ମାଧ୍ୟମରେ ନିରୀକ୍ଷଣ ଜାରି ରହିଛି ।

ଧମକ ପାଇବା ପରେ ବିମାନବନ୍ଦର କର୍ତ୍ତୃପକ୍ଷ ହାଇଦ୍ରାବାଦ ପୋଲିସ ଓ ଉଓଝରକୁ ସୂଚନା ଦେଇଥିଲେ । ବୋମା ନିଷ୍କ୍ରିୟକାରୀ ଟିମ, ସନ୍ଧାନୀ କୁକୁର ଓ ଅଗ୍ନିଶମ ବିଭାଗ ସମେତ ସୁରକ୍ଷା ବାହିନୀ ବିମାନବନ୍ଦର ଓ ଏହାର ଆଖପାଖ ଅଞ୍ଚଳରେ ତଲାସୀ କରିଥିଲେ । ତେବେ କୌଣସି ସନ୍ଦେହଜନକ ବସ୍ତୁ ମିଳିନଥିଲା । ବୋମା ଧମକ ମିଛ ବୋଲି କୁହାଯାଇଛି । ଇମେଲ ପଠାଇଥିବା ବ୍ୟକ୍ତିଙ୍କୁ ଖୋଜିବାକୁ ପ୍ରୟାସ ଚାଲିଛି । ପୂର୍ବରୁ ଅନ୍ୟ ବିମାନବନ୍ଦରରେ ବି ସମାନ ଧମକ ଇମେଲ ମିଳିଥିଲା । ଯାହା ମିଛ ବୋଲି ପ୍ରମାଣିତ ହୋଇଛି । ସୂଚନାଯୋଗ୍ୟ, କୋଚିରୁ ଦିଲ୍ଲୀ ଯାଉଥିବା ଇଣ୍ଡିଗୋ ବିମାନ ନମ୍ବର ୬ର ୨୭୦୬ରେ ବୋମା ଧମକ ମିଳିବା ପରେ ନାଗପୁର ବିମାନବନ୍ଦରରେ ଅବତରଣ କରାଯାଇଥିଲା । ଘଟଣା ସ୍ଥଳରେ ବୋମା ସ୍କ୍ୱାର୍ଡ ପହଞ୍ଚି ବିମାନକୁ ସନ୍ଧାନ କରିଥିଲା । ଫ୍ରାଙ୍କଫର୍ଟରୁ ହାଇଦ୍ରାବାଦ ଆସୁଥିବା ବିମାନରେ ବୋମା ଥିବା ଗୁଜବ ଖବର ମିଳିଥିଲା । ଉଡ଼ାଣ ଭରିବାର ଦୁଇ ଘଣ୍ଟା ପରେ ଫେରି ଆସିଲା ବିମାନ ।

## ଆମେରିକାକୁ ଇରାନର ସିଧା ଟାର୍ଗେଟ୍, ୱାଶିଂଟନର ହସ୍ତକ୍ଷେପକୁ ରୁଷର ବିରୋଧ



ନୂଆଦିଲ୍ଲୀ : ଇସ୍ରାଏଲ ସହ ଲଢ଼େଇ ମଧ୍ୟରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ କଡ଼ା ବାର୍ତ୍ତା ଦେଇଛି ଇରାନ । ଦେଶର ସୁପ୍ରିମ ଲିଡର ଅୟତୋଲ୍ଲା ଅଲୀ ଖାମେନି ଆଜି ସିଧା କହିଛନ୍ତି ଯେ ଇରାନ କେବେ ହେଲେ ବି କାହା ପାଖରେ ଆତ୍ମସମର୍ପଣ କରିବ ନାହିଁ । ସେହିପରି ଇସ୍ରାଏଲ ସହ ଲଢ଼େଇରେ ଆମେରିକା ସେନାର ଯେକୌଣସି ପ୍ରକାରର ହସ୍ତକ୍ଷେପ କେବଳ ଅକଳ୍ପନୀୟ କ୍ଷତି ଆଣିବ ବୋଲି ଖାମେନି ସତର୍କ କରାଇଛନ୍ତି । ମଙ୍ଗଳବାର ଟ୍ରମ୍ପ ଇରାନକୁ କଡ଼ା ବାର୍ତ୍ତା ଦେଇ ନିଃସର୍ତ୍ତ ଆତ୍ମସମର୍ପଣ ପାଇଁ ଆହ୍ୱାନ ଦେଇଥିଲେ । କିନ୍ତୁ ଏହା ସମ୍ଭବଃ ନୁହେଁ ବୋଲି ଖାମେନି ଆଜି ଘୋଷଣା କରିଛନ୍ତି । ବୁଧବାର ଦେଶବାସୀଙ୍କୁ ସମ୍ବୋଧନ କରି ଖାମେନି ସ୍ପଷ୍ଟ କରିଛନ୍ତି ଯେ ଇରାନ ଉପରେ ଲଦା ଯାଇଥିବା ଯୁଦ୍ଧ ବିରୋଧରେ ତେହରାନ କଠୋର ଭାବେ ଛିଡ଼ା ହେବ ।

ସେ କହିଛନ୍ତି, "ଇରାନକୁ, ଇରାନୀୟ ଦେଶକୁ ଓ ଏହାର ଇତିହାସକୁ ଭଲ ଭାବେ ବୁଝିଥିବା ବୁଦ୍ଧିମାନ ଲୋକମାନେ କେବେ ହେଲେ ବି ଏହି ଦେଶ ସହ ଧମକପୂର୍ଣ୍ଣ ଭାଷାର ବ୍ୟବହାର କରି କଥାବାର୍ତ୍ତା କରିପାରିବେ ନାହିଁ । କାରଣ ଇରାନୀୟ ଦେଶ କେବେ ହେଲେ ଆତ୍ମସମର୍ପଣ କରିବ ନାହିଁ । ଆମେରିକୀୟମାନେ ଜାଣିବା ଦରକାର ଯେ ଆମେରିକାର ଯେକୌଣସି ସାମରିକ ଶକ୍ତିର ହସ୍ତକ୍ଷେପ ନିଃସନ୍ଦେହ ଭାବେ ଅକଳ୍ପନୀୟ କ୍ଷତି ଆଣିବ ।" ଦେଶବାସୀଙ୍କୁ ସମ୍ବୋଧନ କରିବା ବେଳେ ଅଲୀ ଖାମେନି ଇସ୍ରାଏଲକୁ ଆକ୍ରମଣ ପାଇଁ ନିଶ୍ଚିତ ଦଣ୍ଡ ମିଳିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ସେ କହିଛନ୍ତି, "ଇସ୍ରାଏଲ ବହୁତ ବଡ଼ ଭୁଲ କରିଛି । ଏଥିପାଇଁ ତା'କୁ ନିଶ୍ଚିତ ଭାବେ ଦଣ୍ଡ ମିଳିବ । ଲୋକମାନେ କେବେ ହେଲେ ସହିଦଙ୍କ ରକ୍ତକୁ ଓ ଦେଶରେ ଉପରେ ହୋଇଥିବା ଆକ୍ରମଣକୁ ଭୁଲିବେ ନାହିଁ । ଆମ ଉପରେ ଲଦା ଯାଇଥିବା ଯୁଦ୍ଧ ବିରୋଧରେ ଇରାନୀୟମାନେ ବେଶ ଦୃଢ଼ ଭାବେ ଛିଡ଼ା ହେବେ । ଏହି ଦେଶ କଟକଣା ଭୟରେ କାହା ଆଗରେ କେବେ ହେଲେ ବି ଆତ୍ମସମର୍ପଣ କରିବ ନାହିଁ ।" ଅନ୍ୟପକ୍ଷରେ ଇରାନ-ଇସ୍ରାଏଲ ଲଢ଼େଇରେ ଆମେରିକା ହସ୍ତକ୍ଷେପ କରିବାକୁ ଯାଉଥିବା ରିପୋର୍ଟ ପ୍ରକାଶ ପାଇବା ପରେ ଏହାକୁ ରୁଷ କଡ଼ା ଭାଷାରେ ବିରୋଧ କରିଛି । ରୁଷର ଡେପୁଟି ବୈଦେଶିକ ମନ୍ତ୍ରୀ ସେରଗେଇ ରୟାବକୋଭ କହିଛନ୍ତି ଯେ ଯଦି ଆମେରିକା ସିଧାସଳଖ ଇସ୍ରାଏଲକୁ ସାମରିକ ସହାୟତା ଯୋଗାଇ ଦେବ, ତା'ହେଲେ ମଧ୍ୟପ୍ରାଚ୍ୟର ସ୍ଥିତି ଭୟଙ୍କର ଢଙ୍ଗରେ ଅସ୍ଥିର ହୋଇଯିବ । ଏଥିପାଇଁ ରୟାବକୋଭ ଆମେରିକାକୁ ଏଥିପ୍ରତି ସତର୍କ କରାଇଛନ୍ତି । ଇସ୍ରାଏଲ ଓ ଇରାନ ଲଢ଼େଇରୁ ଆମେରିକା ଦୂରେଇ ରହୁ ବୋଲି ସେ ପରାମର୍ଶ ଦେଇଛନ୍ତି । ସେହିପରି ଇରାନ ଓ ଇସ୍ରାଏଲକୁ ଶାନ୍ତି ପ୍ରତିଷ୍ଠା ପାଇଁ ଉଭୟ ରୁଷ ଏବଂ ୟୁଏଇ ପ୍ରସ୍ତାବ ଦେଇଛନ୍ତି । ଏପରି କି ବିବାଦର ସାମାଧନ ପାଇଁ ରୁଷ ମଧ୍ୟସ୍ଥି ସାଜିବାକୁ ପ୍ରସ୍ତୁତ ଥିବା ଖୋଦ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଆଗ୍ରହ ଦେଖାଇଛନ୍ତି । ମଧ୍ୟପ୍ରାଚ୍ୟର ସ୍ଥିତି ଦିନକୁ ଦିନ ବିଗୁଡୁ ଥିବାରୁ ଆଜି ରୁଷ ରାଷ୍ଟ୍ରପତି ପୁଟିନ ଓ ତାଙ୍କ ୟୁଏଇ ପ୍ରତିପକ୍ଷ ଶେଖ ମହମ୍ମଦ ବିନ ଜାୟଦ ଅଲ ନହୟାନ ଫୋନରେ କଥା ହୋଇଛନ୍ତି । ଉଭୟ ଦେଶ ତୁରନ୍ତ ଇରାନ-ଇସ୍ରାଏଲ ବିବାଦର ସମାଧାନର ଆବଶ୍ୟକତା ରହିଥିବା କଥାରେ ଏକମତ ହୋଇଛନ୍ତି । ଇରାନର ଆଣବିକ କାର୍ଯ୍ୟକ୍ରମକୁ ନେଇ ଇସ୍ରାଏଲ ଓ ପଶ୍ଚିମ ଦେଶଗୁଡ଼ିକରେ ପ୍ରକାଶ ପାଇଥିବା ଚିନ୍ତାର କୂଟନୀତିକ ସମାଧାନ ପାଇଁ ରୁଷ ମଧ୍ୟସ୍ଥତା ସାଜିବାକୁ ରାଜିଥିବା ପୁଟିନ କହିଛନ୍ତିମାନ ।

# ତେହେରାନରୁ ଭାରତୀୟ ନାଗରିକଙ୍କୁ ଫେରାଇ ଆଣିବାକୁ ଅପରେସନ ସିନ୍ଧୁ



ନୂଆଦିଲ୍ଲୀ : ଅପରେସନ ସିନ୍ଧୁର ପ୍ରଥମ ବିମାନରେ ନୂଆଦିଲ୍ଲୀ ଫେରିଲେ ୧୧୦ ଭାରତୀୟ ଛାତ୍ରଛାତ୍ରୀ । ଇସ୍ରାଏଲ-ଇରାନ ଯୁଦ୍ଧ ସ୍ଥିତି ଜଟିଳ ହେଉଥିବାରୁ ସୁରକ୍ଷା ଦୃଷ୍ଟିରୁ ତେହେରାନରୁ ଭାରତୀୟ ନାଗରିକଙ୍କୁ ଫେରାଇ ଆଣିବାକୁ ଆରମ୍ଭ ହୋଇଛି ଅପରେସନ ସିନ୍ଧୁ । ଯୁଦ୍ଧ ପାଇଁ ଇରାନରୁ ଶହେରୁ ଅଧିକ ଭାରତୀୟ ଛାତ୍ରଛାତ୍ରୀଙ୍କୁ ଆର୍ମେନିଆକୁ ସ୍ଥାନାନ୍ତର କରାଯାଇଥିଲା । ଭାରତୀୟ ଛାତ୍ରୀ ବିମାନରେ ଆସି ଗତକାଲି ସନ୍ଧ୍ୟାରେ ନୂଆଦିଲ୍ଲୀରେ ପହଞ୍ଚିଛନ୍ତି । ସେମାନଙ୍କ ମଧ୍ୟରେ ୯୦ ଜଣ ଜାମ୍ମୁକାଶ୍ମୀର ଛାତ୍ରଛାତ୍ରୀ ଅଛନ୍ତି । ସୂଚନାନୁଯାୟୀ, ବର୍ତ୍ତମାନ ଇରାନ-ଇସ୍ରାଏଲ ଯୁଦ୍ଧରେ ଆମେରିକା ସାମିଲ ହୋଇଥିବାରୁ ଯୁଦ୍ଧ ସ୍ଥିତି ଆହୁରି ଜଟିଳ ହେବା ଆଶଙ୍କା କରାଯାଉଛି । ତେଣୁ ଭାରତୀୟ ନାଗରିକଙ୍କୁ ତୁରନ୍ତ ଫେରାଇ ଆଣିବାକୁ ଏହି ଅପରେସନ ସିନ୍ଧୁ ଆରମ୍ଭ ହୋଇଛି । ତେହେରାନରେ ଥିବା ଭାରତୀୟଙ୍କ ପାଇଁ ଜାରି ହୋଇଛି ହେଲପ୍ ଲାଇନ ନମ୍ବର । ଦୂତାବାସ ସହ ଯୋଗାଯୋଗ କରି ସୁରକ୍ଷିତ ସ୍ଥାନରେ ରହିବାକୁ ପରାମର୍ଶ ଦିଆଯାଇଛି । ଇରାନରେ ପ୍ରାୟ ୧୦ ହଜାର ଭାରତୀୟ ଛାତ୍ରଛାତ୍ରୀ ଓ ନାଗରିକ ଫସି ରହିଛନ୍ତି । ପ୍ରଥମ ପର୍ଯ୍ୟାୟରେ ୧୦୦ ଜଣ ଛାତ୍ରଛାତ୍ରୀ ଭାରତ ଫେରିଥିବା ବେଳେ ଆଜି ଆଉ କିଛି ଛାତ୍ରଛାତ୍ରୀ ଓ ନାଗରିକ ଭାରତ ଫେରିଛନ୍ତି । ଏପଟେ ଜୁନ୍ ୧୫ ତାରିଖରେ, ଭାରତୀୟ ଦୂତାବାସ ଏକ ପରାମର୍ଶ ଜାରି କରି ଭାରତୀୟ ନାଗରିକ ଏବଂ ପ୍ରବାସୀ ଭାରତୀୟମାନଙ୍କୁ ଅନାବଶ୍ୟକ ଗତିବିଧି ଏଡାଇବାକୁ ଏବଂ ସରକାରୀ ଚ୍ୟାନେଲ ସହିତ ରହିବାକୁ ଦାବି କରିଛନ୍ତି । ଏଥି ସହିତ ଜଣେ ଛାତ୍ରୀ ଦିଲ୍ଲୀରେ ପହଞ୍ଚି ତାଙ୍କ ପ୍ରତିକ୍ରିୟା ରଖି କହିଛନ୍ତି ଯେ, ''ସେ ବହୁତ ଖୁସି । ପରିବାର ସହିତ ମିଶି ଏବେ କେମିତି ଅନୁଭବ ହେଉଛି ତାହା ଶବ୍ଦରେ କହି ହେବନାହିଁ । ଅନ୍ୟପଟେ ଇରାନରେ ୪ହଜାରରୁ ଅଧିକ ଭାରତୀୟ ନାଗରିକ ରହିଛନ୍ତି । ସେମାନଙ୍କ ମଧ୍ୟରୁ ଅଧିକାଂଶ ଛାତ୍ରଛାତ୍ରୀ । ଭାରତ ସରକାର ଇରାନ କର୍ତ୍ତୃପକ୍ଷଙ୍କ ସହ ମିଶି ସେଠାରେ ଫସି ରହିଥିବା ଅନ୍ୟ ନାଗରିକମାନଙ୍କୁ ସୁରକ୍ଷିତ ପ୍ରତ୍ୟାବର୍ତ୍ତନ ସୁନିଶ୍ଚିତ କରୁଛନ୍ତି ।

## ଅହମଦାବାଦ ବିମାନ ଦୁର୍ଘଟଣା, ହସପିଟାଲରୁ ଡିସଚାର୍ଜ ହେବା ପରେ ଭାଇର ଅନ୍ତିମ ସଂସ୍କାରରେ ପହଞ୍ଚିଲେ ବିଶ୍ୱାସ କୁମାର



ନୂଆଦିଲ୍ଲୀ : ଅହମଦାବାଦ ବିମାନ ଦୁର୍ଘଟଣାରେ ମୃତ୍ୟୁ ମୁଖରୁ ବଞ୍ଚିଯାଇଥିବା ଏକମାତ୍ର ଜୀବିତ ଯାତ୍ରୀ ବିଶ୍ୱାସ କୁମାର ହସପିଟାଲରୁ ଡିସଚାର୍ଜ ହୋଇଛନ୍ତି । ବିଶ୍ୱାସ ହସପିଟାଲରୁ ଡିସଚାର୍ଜ ହେବା ପରେ ଭାଇଙ୍କ ଅନ୍ତିମ ସଂସ୍କାରରେ ପହଞ୍ଚିଛନ୍ତି । ଭାଇଙ୍କ ନିଜ କାନ୍ଧରେ ବୋହି ଶେଷ ବିଦାୟ ଦେଇଛନ୍ତି । ଜୁନ୍ ୧୨ ତାରିଖରେ ଅହମଦାବାଦ ବିମାନବନ୍ଦରରୁ ଲଣ୍ଡନ ଉଡ଼ାଣ ଭରିଥିବା ଏୟାର ଇଣ୍ଡିଆ ବିମାନ କିଛି ସମୟରେ ଦୁର୍ଘଟଣାର ଶିକାର ହୋଇଥିଲା । ବିମାନଟି ବିଜେ ମେଡିକାଲ କଲେଜ ଏବଂ ହସପିଟାଲ ବିଲିଡିଂ ଉପରେ ପଡିଥିଲା । ଏହି ଦୁର୍ଘଟଣାରେ ୧୨ ଜଣ କ୍ରୁ ମେମ୍ବରଙ୍କ ସହିତ ୨୪୧ ଯାତ୍ରୀଙ୍କର ଜୀବନ ଚାଲିଯାଇଥିଲା । ହଷ୍ଟେଲ ବିଲିଡିଂ ଲୋକ ମିଶାଇ ୨୭୫ ଲୋକଙ୍କ ମୃତ୍ୟୁ ହୋଇଥିଲା । ହେଲେ ଏଥିରୁ ଆଶ୍ଚର୍ଯ୍ୟଜନକ ଭାବେ ବର୍ତ୍ତି ଯାଇଥିଲେ ବିଶ୍ୱାସ କୁମାର । ବିଶ୍ୱାସ କୁମାର ଏବଂ ତାଙ୍କ ଭାଇ ଉଭୟେ ଲଣ୍ଡନ ଯାଉଥିଲେ । ତେବେ ବିମାନ ଦୁର୍ଘଟଣା ପରେ ଡିଏନଏ ମ୍ୟାଚ ହେବା ପରେ ବିଶ୍ୱାସ କୁମାରଙ୍କୁ ଭାଇଙ୍କ ମୃତଦେହ ହସ୍ତାନ୍ତର କରାଯାଇଥିଲା । ହସପିଟାଲରୁ ଡିସଚାର୍ଜ ହେବା ପରେ ଭାଇର ଅନ୍ତିମ ସଂସ୍କାର କରିଛନ୍ତି ବିଶ୍ୱାସ କୁମାର । ବିମାନ ଦୁର୍ଘଟଣାରେ ଯେଉଁମାନେ ଜୀବନ ହାରିଛନ୍ତି, ସେମାନଙ୍କ ମଧ୍ୟରୁ ୧୭୭ ଜଣଙ୍କ ଡିଏନଏ ମ୍ୟାଚ ହୋଇଛି । ଏଥିରେ ୧୨୪ ଜଣଙ୍କୁ ପରିବାରକୁ ହସ୍ତାନ୍ତର କରାଯାଇଛି । ଏହି ଦୁର୍ଘଟଣାରେ ଗୁଜରାଟର ପୂର୍ବ ମୁଖ୍ୟମନ୍ତ୍ରୀ ବିଜୟ ରୂପାନୀଙ୍କର ମୃତ୍ୟୁ ହୋଇଥିଲା ।

## କେଦାରନାଥକୁ ଯାଉଥିବା ବେଳେ ପାହାଡ ଉପରୁ ଖସିଲା ପଥର, ଦୁଇ ମୃତ

ନୂଆଦିଲ୍ଲୀ : କେଦାରନାଥ ଧାମକୁ ଯାଉଥିବା ବେଳେ ଅଘଟଣ । ପାହାଡ଼ ଉପରୁ ଖସିଲା ପଥର । ଦୁଇ ମୃତ, ୩ ଗୁରୁତର ହୋଇଥିବା ସୂଚନା ମିଳିଛି । ଉତ୍ତରାଖଣ୍ଡ କେଦାରନାଥ ଧାମକୁ ଯାତ୍ରା କରୁଥିବା ସମୟରେ ପଥର ଖସି ଦୁଇ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଛି । ଘଟଣାସ୍ଥଳରେ ପୋଲିସ ଏବଂ ଝଉଜର ପହଞ୍ଚି ଉଦ୍ଧାର କାର୍ଯ୍ୟ କରିଥିଲା ।

ଖବର ମୁତାବକ, କିଛି ଶ୍ରଦ୍ଧାଳୁ ଆଜି ଜଙ୍ଗଲୀଚଟ୍ଟି ଘାଟ ଟ୍ରେକିଂ ରୁଟରେ ଯାତ୍ରା କରୁଥିବା ସମୟରେ ଏହି ଦୁର୍ଘଟଣା ଘଟିଛି । ଆହତ ୩ଜଣଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ମେଡିକାଲରେ ଭର୍ତ୍ତି କରାଯାଇଥିବା ରୁଦ୍ରପ୍ରୟାଗ ପୋଲିସ ପକ୍ଷରୁ ସୂଚନା ମିଳିଛ । ଏହାସହିତ ଜଣେ ନିଖୋଜ ରହିଛନ୍ତି, ଯାହାଙ୍କୁ ଖୋଜାଚାଲିଛି । ମୃତକ ଦୁଇ ଜଣଙ୍କୁ କଣ୍ଡି ସହାୟତାରେ ଗୌରୀକୁଣ୍ଡକୁ ଅଣାଯାଇଛି । ଏହାପୂର୍ବରୁ ଜୁନ୍ ୧୫ ରବିବାରରେ ଜଣେ ଯାତ୍ରୀଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଆହତ ହାଇଚନ୍ତି । ପ୍ରବଳ ବର୍ଷା କାରଣରୁ ହଠାତ୍ ମାଟି ଧସିଥିଲା । ଏହାଦ୍ୱାରା କିଛି ଲୋକ ଆହତ ହୋଇଥିଲେ । ଯାହା କାରଣରୁ ସୋନପ୍ରୟାଗରୁ କେଦାରନାଥ ପଦଯାତ୍ରାରେ ରୋକ୍ ଲଗାଇ ଦିଆଯାଇଥିଲା । ଏହାପରେ ଜୁନ୍ ୧୭ ତାରିଖରେ ରାସ୍ତାକୁ ସଫା କରାଯାଇଥିଲା ।

କେଦାରନାଥରେ ପାଣିପାଗ ବିଭାଗ ବର୍ଷା କାରଣରୁ ଆଲର୍ଟ ଜାରି କରିଛି । ବର୍ଷା ଯୋଗୁଁ ଯାତାୟତ ପାଇଁ ସମସ୍ୟା ଉପୁଜିଛି । ତେଣୁ ଯାତ୍ରା ପାଣିପାଗ ପୂର୍ବାନୁମାନ ମୁତାବକ ଯାତ୍ରା କରନ୍ତୁ ।



# ଫାଁସ୍ ଟ୍ୟାଗକୁ ନେଇ ନୀତିନ ଗଡ଼କରୀଙ୍କ ବଡ଼ ଘୋଷଣା




ନୂଆଦିଲ୍ଲୀ: ନ୍ୟାସନାଲ ହାଇୱେରେ ଅତିକ୍ରମ କରିବା ସମୟରେ ଗାଡ଼ି ଚାଳକମାନଙ୍କୁ ଟୋଲ୍ ଟାକ୍ସ ଦେବାକୁ ପଡ଼ିଥାଏ । ଟୋଲ ଟାକ୍ସକୁ ନେଇ ଚିନ୍ତାରେ ଅଛନ୍ତି କି ? ତେବେ ଆଉ ବେଶି କିଛି ଭାବନ୍ତୁ ନାହିଁ । ବହୁ ଦିନ ଧରି ଆଲୋଚନା ହେଉଛି ଯେ ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ସାରା ଦେଶରେ ଏକ ନୂତନ ଟୋଲ୍ ନୀତି ଆଣିବାକୁ ଯୋଜନା କରାଯାଉଛି ଓ ଦେଶବ୍ୟାପୀ ଟୋଲ୍ ପ୍ଲାଜାରେ ଯାତ୍ରାକୁ ସହଜ କରିବା ପାଇଁ ଅନେକ ନୂତନ ସୁବିଧା ଯୋଗାଇ ଦିଆଯିବ । ଏହି ସମୟରେ, ସମସ୍ତ କଳ୍ପନାଜଳ୍ପନାର ଅନ୍ତ ଘଟାଇ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡକରୀ ଆଜି ସୋସିଆଲ ନେଟୱାର୍କିଂ ସାଇଟ୍ 'ଢ' ମାଧ୍ୟମରେ ରଇଝଞବଶ ବାର୍ଷିକ ପାସ୍ ଜାରି କରିବାର ଘୋଷଣା କରିଛନ୍ତି । ତେବେ ଆସନ୍ତୁ ଜାଣିବା ଏହି ପାସ୍ କେବେ ? କିପରି ପ୍ରଦାନ କରାଯିବ ଏବଂ ଏହାକୁ ପାଇବା ପାଇଁ ବ୍ୟବହାରକାରୀମାନଙ୍କୁ କ'ଣ କରିବାକୁ ପଡିବ ।

ନୀତିନ ଗଡକରୀ ଆଜି ସୋସିଆଲ ମିଡିଆ ମାଧ୍ୟମରେ ସାରା ଦେଶରେ ବାର୍ଷିକ ରଇଝଞବଶ ପାସ୍ ଜାରି କରିବାର ଘୋଷଣା କରିଛନ୍ତି । ଏହି ବାର୍ଷିକ ପାସ୍ ପାଇଁ ବ୍ୟବହାରକାରୀଙ୍କୁ ବର୍ଷକୁ କେବଳ ଥରେ ୩,୦୦୦ ଟଙ୍କା ଖର୍ଚ୍ଚ କରିବାକୁ ପଡିବ । ପରେ ଏହି ପାସ୍ ବ୍ୟବହାରକାରୀଙ୍କୁ ପ୍ରଦାନ କରାଯିବ । ସରକାର କହିଛନ୍ତି ଯେ, ଏହି ପାସ୍ ଆକ୍ଟିଭ୍ ହେବା ପରେ, ୧ ବର୍ଷ କିମ୍ବା ୨୦୦ ଥର ଯାତ୍ରା ପାଇଁ ବୈଧ ହେବ । ଅର୍ଥାତ୍, ଯଦି ସମୟ ପୂର୍ବରୁ ୨୦୦ ଥର ଯାତ୍ରା ସମାପ୍ତ ହୁଏ, ତେବେ ବ୍ୟବହାରକାରୀଙ୍କୁ ପୁଣି ଥରେ ପାସ୍ ନୂଆ କରିବାକୁ ପଡିବ । ତେବେ ଏହି ବାର୍ଷିକ ପାସ୍ ଆସନ୍ତା ୧୫ ଅଗଷ୍ଟରୁ ଉପଲବ୍ଧ ହେବ । ୩,୦୦୦ ଟଙ୍କା ମୂଲ୍ୟର ଏକ ରଇଝଞବଶ ଆଧାରିତ ବାର୍ଷିକ ପାସ୍ ପ୍ରଚଳନ କରାଯାଉଛି । ଏହି ପାସ୍ ସକ୍ରିୟ ହେବାର ତାରିଖରୁ ଗୋଟିଏ ବର୍ଷ ପାଇଁ କିମ୍ବା୨୦୦ ଥର ଯାତ୍ରା ପାଇଁ ଉପଲବ୍ଧ ହେବ । ଯଦି ଆପଣ ଗୋଟିଏ ବର୍ଷ ମଧ୍ୟରେ ୨୦୦ ଥର ଯାତ୍ରା କରିଦେଉଛନ୍ତି ତେବେ ଆପଣଙ୍କୁ ଆଉ ଥରେ ନୂଆ ପାସ୍ ବନାଇବାକୁ ପଡ଼ିବ । ତେବେ ଆପଣଙ୍କୁ ଜଣାଇ ଦେଉଛୁ ଯେ, ଏହି ପାସ୍ ବିଶେଷ ଭାବରେ କେବଳ ଅଣ-ବାଣିଜ୍ୟିକ ବ୍ୟକ୍ତିଗତ ଯାନ (କାର, ଜିପ୍, ଭ୍ୟାନ ଇତ୍ୟାଦି) ପାଇଁ କରାଯାଇଛି । ଏହା ସାରା ଦେଶରେ ଜାତୀୟ ରାଜପଥରେ ଯାନବାହନ ପାଇଁ ପ୍ରଯୁଜ୍ୟ ହେବ । ଏଥିରେ ବାଣିଜ୍ୟିକ ଯାନ ଅନ୍ତର୍ଭୁକ୍ତ ନୁହେଁ ଓ ଏହି ବାର୍ଷିକ ପାସ୍ ସମସ୍ତ ଉପଭୋକ୍ତାଙ୍କ ପାଇଁ ସହଜରେ ଉପଲବ୍ଧ କରିବା ପାଇଁ ସରକାର ଦ୍ରୁତ ଗତିରେ କାମ କରୁଛନ୍ତି । ଏହି ପାସ୍ ଆକ୍ଟିଭ୍ କିମ୍ବା ନବୀକରଣ କରିବା ପାଇଁ, ହାଇୱେ ଟ୍ରାଭେଲ୍ ଆପ୍ ଏବଂ ଘଐଇଓ / ଗକ୍ସଜଞଐ ୱେବସାଇଟ୍ରେ ଏକ ପୃଥକ ଲିଙ୍କ୍ ଖୁବ୍ ଶୀଘ୍ର ଉପଲବ୍ଧ କରାଯିବ । ଯାହା ମାଧ୍ୟମରେ ଉପଭୋକ୍ତାମାନେ ଏହି ଲିଙ୍କ୍ ପରିଦର୍ଶନ କରିପାରିବେ ଏବଂ ବାର୍ଷିକ ପାସ୍ ଦାଖଲ କରିପାରିବେ । ଏହି ବାର୍ଷିକ ଫାଷ୍ଟାଗ୍ ପାସର ଅନେକ ଲାଭ ହେବ ବୋଲି ଆଶା କରାଯାଉଛି । ଏହା ବ୍ୟବହାରକାରୀମାନଙ୍କୁ ବାରମ୍ବାର ଫାଷ୍ଟାଗ୍ ରିଚାର୍ଜ କରିବାର ଅସୁବିଧାରୁ ମଧ୍ୟ ମୁକ୍ତି ଦେବ । ରଇଝଞବଶ ବାର୍ଷିକ ପାସ୍ ଜାରି ହେବା ପରେ, ଜାତୀୟ ରାଜପଥରେ ଟୋଲ୍ ପ୍ଲାଜାରେ ଅପେକ୍ଷା ସମୟ ମଧ୍ୟ ହ୍ରାସ ପାଇବ । ଏହା ଟୋଲ୍ ପ୍ଲାଜାରେ ଭିଡ଼ ହ୍ରାସ କରିବା ଏବଂ ବିବାଦ ଦୂର କରିବାରେ ମଧ୍ୟ ସାହାଯ୍ୟ କରିବ ବୋଲି ଆଶା କରାଯାଉଛି ।

# ପ୍ରଥମ ପରୀକ୍ଷା ପୂର୍ବରୁ ରଣନୀତି



ପ୍ରଥମ ଟେଷ୍ଟ ପୂର୍ବରୁ ଇଂଲଣ୍ଡର ଲିଡ୍ସରେ ଭାରତୀୟ କ୍ରିକେଟ ଦଳର କଡ଼ା ଅଭ୍ୟାସ।

# କୋଚି ଟସ୍କର୍ସ କେରଳକୁ ଝଟ୍କା : ୫୩୮ କୋଟିର ପରିଶୋଧ ପାଇଁ କୋର୍ଟଙ୍କ ନିର୍ଦ୍ଦେଶ

ନୂଆଦିଲ୍ଲୀ,୧୮।୬: ଭାରତୀୟ କ୍ରିକେଟ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ପାଇଁ ଏକ ବଡ଼ ଝଟକା ଭାବେ ବମ୍ବେ ହାଇକୋର୍ଟ ନିଷ୍କ୍ରିୟ ଆଇପିଏଲ ଦଳ କୋଚି ଟସ୍କର୍ସ କେରଳକୁ ୫୩୮ କୋଟି ଟଙ୍କାର ବିପୁଳ ଅର୍ଥ ପରିଶୋଧ କରିବାକୁ ନିର୍ଦ୍ଦେଶ ଦେଇଛି। ବୁଧବାର ବମ୍ବେ ହାଇକୋର୍ଟ ପୂର୍ବତନ ଆଇପିଏଲ ଦଳଙ୍କ ପକ୍ଷରେ ରାୟ ଦେଇ ଭାରତୀୟ କ୍ରିକେଟ ବୋର୍ଡକୁ ୨୦୧୫ ମସିହାରେ ଆର୍ବିଟ୍ରେସନ ଟ୍ରିବ୍ୟୁନାଲ ଦ୍ୱାରା ପ୍ରଦତ୍ତ ଅର୍ଥ ପରିଶୋଧ କରିବାକୁ କହିଛି।

ଏହି ନିଷ୍ପତ୍ତି ବିସିସିଆଇ ଦ୍ୱାରା ଚୁକ୍ତି ଉଲ୍ଲଂଘନର ଅଭିଯୋଗ ଆଣି କୋଚି ଟସ୍କର୍ସ ଦଳର ଚୁକ୍ତି ରଦ୍ଦ କରିବାର ଏକ ଦଶନ୍ଧିରୁ ଅଧିକ ସମୟ ପରେ ଆସିଛି। ମଙ୍ଗଳବାର ଜଷ୍ଟିସ ଆରଆଇ ଚଗଲା ବିସିସିଆଇର ଆର୍ବିଟ୍ରାଲ ଆୱାର୍ଡକୁ ଚ୍ୟାଲେଞ୍ଜ କରୁଥିବା ଆବେଦନକୁ ଖାରଜ କରିଦେଇଥିଲେ, ଏବଂ ଆର୍ବିଟ୍ରେସନ ଓ ସମାଧାନ ଆଇନର ଧାରା ୩୪ ଅନୁଯାୟୀ ବିଚାରବିଭାଗୀୟ ହସ୍ତକ୍ଷେପର ସୀମିତ ପରିସରକୁ ପୁନଃ ନିଶ୍ଚିତ କରିଥିଲେ। ଏକକ ବିଚାରପତି ବେଞ୍ଚ ରାୟ ଦେଇଛନ୍ତି ଯେ କୋର୍ଟ ଆର୍ବିଟ୍ରେଟରଙ୍କ ନିଷ୍କର୍ଷ ଉପରେ ଆପିଲେଟ ବଡ଼ି ଭାବେ କାର୍ଯ୍ୟ କରିପାରିବ ନାହିଁ।



କୋଚି ଟସ୍କର୍ସ କେରଳ ଆଇପିଏଲ ଫ୍ରାଞ୍ଚାଇଜି, ଯାହା ପ୍ରାରମ୍ଭରେ ରେଣ୍ଡେଭୁସ ସ୍ପୋର୍ଟସ ୱାର୍ଲ୍ଡ (ଆରଏସଡବ୍ଲୁ) ନେତୃତ୍ୱାଧୀନ ଏକ କନସୋର୍ଟିୟମକୁ ପ୍ରଦାନ କରାଯାଇଥିଲା, ପରେ କୋଚି କ୍ରିକେଟ ପ୍ରାଇଭେଟ ଲିମିଟେଡ (କେସିପିଏଲ) ଦ୍ୱାରା ପରିଚାଳିତ ହୋଇଥିଲା। ଏହି ଦଳ ୨୦୧୧ ମସିହାରେ ଆଇପିଏଲ ଲିଗରେ ଅଂଶଗ୍ରହଣ କରିଥିଲା, କିନ୍ତୁ ପରେ, ୨୦୧୧ ସେପ୍ଟେମ୍ବରରେ ଭାରତୀୟ କ୍ରିକେଟ ବୋର୍ଡ ଦଳର ମାଲିକମାନଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ସଂଘର୍ଷ ଯୋଗୁଁ ୧୦ ପ୍ରତିଶତ ବ୍ୟାଙ୍କ ଗ୍ୟାରେଣ୍ଟି ପ୍ରଦାନ କରିବାରେ ବିଫଳତା ଅଭିଯୋଗରେ ଚୁକ୍ତି ରଦ୍ଦ କରିଦେଇଥିଲା।କେସିପିଏଲ କିନ୍ତୁ ଏହି ଅଭିଯୋଗକୁ ଖଣ୍ଡନ କରି କହିଥିଲେ ଯେ ଗ୍ୟାରେଣ୍ଟି ପ୍ରଦାନ ନକରିବା ପଛରେ ଆଭ୍ୟନ୍ତରୀଣ ସଂଘର୍ଷ ନୁହେଁ, ବରଂ ଷ୍ଟାଡିୟମ ସମସ୍ୟା ଏବଂ ଆଇପିଏଲ ମ୍ୟାଚ୍ ସଂଖ୍ୟା ହ୍ରାସ ଭଳି ଅମୀମାଂସିତ ବିଷୟଗୁଡ଼ିକ ଥିଲା। ବିସିସିଆଇ, ଏହି ସମସ୍ୟା ସତ୍ତ୍ୱେ, ଦଳ ସହିତ ବହୁବାର ପେମେଣ୍ଟ ଗ୍ରହଣ କରି ଜଡ଼ିତ ରହିଥିଲା, କିନ୍ତୁ ପରେ ଚୁକ୍ତି ରଦ୍ଦ କରିଦେଇଥିଲା।

ଏକ ବର୍ଷ ପରେ ୨୦୧୨ରେ, କେସିପିଏଲ ଓ ଆରଏସଡବ୍ଲୁ ଆର୍ବିଟ୍ରେସନ ପ୍ରକ୍ରିୟା ଆରମ୍ଭ କରିଥିଲେ ଏବଂ ୨୦୧୫ରେ ଟ୍ରିବ୍ୟୁନାଲ ତାଙ୍କ ପକ୍ଷରେ ରାୟ ଦେଇଥିଲା, ଯାହା ଏକ ବଡ଼ ଆଶ୍ୱାସନା ଭାବେ ଆସିଥିଲା। ଟ୍ରିବ୍ୟୁନାଲ କେସିପିଏଲକୁ ଲାଭର କ୍ଷତି ପାଇଁ ୩୮୪ କୋଟି ଟଙ୍କା ଏବଂ ଆରଏସଡବ୍ଲୁକୁ ବ୍ୟାଙ୍କ ଗ୍ୟାରେଣ୍ଟିର ଅନୁଚିତ ଏନକ୍ୟାଶମେଣ୍ଟ ପାଇଁ ୧୫୩ କୋଟି ଟଙ୍କା ପ୍ରଦାନ କରିଥିଲା। ମୋଟ ରାଶି ୫୩୮ କୋଟି ଟଙ୍କାରୁ ଅଧିକ ହୋଇଥିଲା, ସମସ୍ତ ସମ୍ପର୍କିତ ଖର୍ଚ୍ଚ ସହିତ। ବିସିସିଆଇ ପରେ ଏହାକୁ ଚ୍ୟାଲେଞ୍ଜ କରିଥିଲା, ଯୁକ୍ତି ଦେଇଥିଲା ଯେ ଆର୍ବିଟ୍ରେଟର ଅଧିକାର କ୍ଷେତ୍ର ଅତିକ୍ରମ କରିଛନ୍ତି ଏବଂ ଆଇନଗତ ନୀତିର ଅପବ୍ୟବହାର କରିଛନ୍ତି।

# ଗୋଟିଏ ମ୍ୟାଚ୍‌ରେ ୩ ସୁପରଓଭର

## କ୍ରିକେଟ ଇତିହାସରେ ପ୍ରଥମ, ଜିତିଲା ନେଦରଲାଣ୍ଡସ

ନୂଆଦିଲ୍ଲୀ,୧୮।୦୬:ସ୍କଟଲାଣ୍ଡ, ନେଦରଲାଣ୍ଡସ ଏବଂ ନେପାଳକୁ ନେଇ ଚାଲିଛି ତ୍ରି-ରାଷ୍ଟ୍ରୀୟ ଟି-ଟ୍ୱେଣ୍ଟି ସିରିଜ । ଗତକାଲି ନେଦରଲାଣ୍ଡସ ଓ ନେପାଳ ମ୍ୟାଚ୍ ବେଶ ରୋମାଞ୍ଚକର ହୋଇଥିଲା । ୩ଟି ସୁପର ଓଭରରେ ଫଳାଫଳ ନିର୍ଣ୍ଣୟ ହୋଇଥିଲା । ଶେଷରେ ନେଦରଲାଣ୍ଡସ ଦଳ ବିଜୟୀ ହେଲା । ନେପାଳ ଟସ୍ ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା । ନେଦରଲାଣ୍ଡସ ପ୍ରଥମେ ବ୍ୟାଟିଂ କରି ୭ ୱିକେଟ୍‌ରେ ୧୫୨ ରନ୍ କରିଥିଲା । ବିକ୍ରମଜିତ ସିଂ ୩୦ ଓ ତେଜା ନିଦାମାନୁରା ୩୫ ରନ୍ କରିଥିଲେ । ସନ୍ଦୀପ ଲାମିଛାନେ ୩ଟି ୱିକେଟ୍ ନେଇଥିଲେ । ଜବାବରେ ନେପାଳ ନିର୍ଦ୍ଧାରିତ ଓଭରରେ ୮ ୱିକେଟ୍ ହରାଇ ୧୫୨ ରନ୍ କରିବା ପରେ ମ୍ୟାଚ୍ ଟାଏ ହୋଇଥିଲା ।

କୁଶଲ ଭୁର୍ତେଲ ୩୪ ଓ ଅଧିନାୟକ ରୋହିତ ପୌଦେଲ ୪୮ ରନ୍ କରିଥିଲେ । ଡାନିଏଲ ଡୋରାମ ୩ଟି ୱିକେଟ୍ ? ନେଇଥିଲେ । ଅନ୍ତିମ ଓଭରରେ ନେପାଳ ୧୬ ରନ୍ ? ଆବଶ୍ୟକ କରୁଥିଲା । ନନ୍ଦନ ଯାଦବ ଓ ସନ୍ଦୀପ ବ୍ୟାଟିଂ ଏହି ଓଭରରେ ୨ଟି ଚୌକା ସହ ୧୫ ରନ୍ ? ସଂଗ୍ରହ କରିଥିଲେ । ପ୍ରଥମ ସୁପର ଓଭରରେ ନେପାଳ ୧ ୱିକେଟ୍ ?ରେ ୧୯ ରନ୍ ? କରିଥିଲା । ନେଦରଲାଣ୍ଡସ କୌଣସି ୱିକେଟ୍ ନହରାଇ ୧୯ ରନ୍ କରିବା ଯୋଗୁ ଦ୍ୱିତୀୟ ସୁପର ଓଭର ଖେଳାଯାଇଥିଲା । ଏଥର ନେଦରଲାଣ୍ଡସ



ପ୍ରଥମେ ବ୍ୟାଟିଂ କରି ୧ ୱିକେଟ୍‌ରେ ୧୭ ରନ୍ କରିଥିଲା । ନେପାଳ କୌଣସି ୱିକେଟ୍ ନ ହରାଇ ସମାନ ୧୭ ରନ୍ କରିବା ଯୋଗୁ ଖେଳ ତୃତୀୟ ସୁପର ଓଭରକୁ ଯାଇଥିଲା । ତୃତୀୟ ସୁପର ଓଭରରେ ନେପାଳ ୪ ବଲରେ ୨ୱିକେଟ୍ ହରାଇ କୌଣସି ରନ୍ କରି ନଥିଲା । ନେଦରଲାଣ୍ଡସ ପ୍ରଥମ ବଲରେ ହିଁ ବିଜୟୀ ହୋଇଥିଲାଫ ଗୋଟିଏ ମ୍ୟାଚ୍‌ରେ ୩ଟି ସୁପର ଓଭର ଖେଳାଯିବା ବିଶ୍ୱ (ପୁରୁଷ) କ୍ରିକେଟ୍‌ରେ ପ୍ରଥମ ଘଟଣା ରହିଥିଲା।

# ଶ୍ରାବଣୀ ନନ୍ଦଙ୍କୁ ସମ୍ବର୍ଦ୍ଧନା

କଟକ,୧୮।୬: ଆଥଲେଟ୍ ଶ୍ରାବଣୀ ନନ୍ଦଙ୍କୁ ଓଡ଼ିଶା ଆଥଲେଟିକ୍ସ ଆସୋସିଏସନ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଏସିଆନ୍ ଆଥଲେଟିକ୍ସ ଚାମ୍ପିୟନସିପ୍-୨୦୨୫ରେ ୪ଗୁଣା ୧୦୦ ରିଲେ ଦୌଡ଼ରେ ରୌପ୍ୟ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଥିଲେ ଶ୍ରାବଣୀ ନନ୍ଦ । କ୍ରୀଡାବିତ୍ ଶ୍ରାବଣୀଙ୍କୁ ରାଜ୍ୟ ଆଥଲେଟିକ୍ସ ଆସୋସିଏସନ୍ ପକ୍ଷରୁ ସମ୍ବର୍ଦ୍ଧିତ କରାଯିବା ସହିତ ୫୦ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି।।



୩୪ ବର୍ଷୀୟ ଶ୍ରାବଣୀଙ୍କ ସଫଳତା ପାଇଁ ଆସୋସିଏସନ୍ ସମ୍ପାଦକ ଆଶୀର୍ବାଦ ବେହେରା, ଓଡିଶା ଅଲିମ୍ପିକ୍ସ ଆସୋସିଏସନ୍ ସମ୍ପାଦକ ଅଭିଜିତ ପାଲ୍ ଅଭିନନ୍ଦନ ଜଣାଇଛନ୍ତି । ଶ୍ରାବଣୀଙ୍କ ସଫଳତା ଓଡ଼ିଶାର ସମସ୍ତ କ୍ରୀଡ଼ାବିତ୍ ଏବଂ ବିଶେଷ ଭାବରେ ମହିଳା କ୍ରୀଡ଼ାବିତମାନଙ୍କୁ କ୍ରୀଡ଼ା ଜଗତରେ ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିବା ନିମନ୍ତେ ପ୍ରେରଣା ଦେବ ବୋଲି ସଭାରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ବାରବାଟୀ ଷ୍ଟାଡିୟମ ଠାରେ ଏହି ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଛି । ପ୍ରକାଶଯୋଗ୍ୟ ଯେ, ଏସିଆନ୍ ଆଥଲେଟିକ୍ସ ଚାମ୍ପିୟନସିପ-୨୦୨୫ରେ ଭାରତୀୟ ମହିଳା ଦଳ ୪ଗୁଣା୧୦୦ ରିଲେ ଦୌଡ଼ରେ ରୌପ୍ୟ ପଦକ ହାସଲ କରିଥିଲେ । ଶ୍ରାବଣୀ ନନ୍ଦ । କନ୍ଧମାଳ ଜିଲ୍ଲା ଟିକାବାଲିର ଧାବିକା ଶ୍ରାବଣୀ ୨୦୧୬ରେ ରିଓ ଅଲମ୍ପିକ୍ସରେ ଭାରତକୁ ପ୍ରତିନିଧିତ୍ୱ କରିଥିଲେ । ସେ ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ମହିଳା ୪୦୦ମିଟର ରିଲେ ସହ ୧୦୦ ମିଟର ଓ ୨୦୦ ମିଟର ଦୌଡ଼ରେ ପ୍ରତିଯୋଗିତାରେ ଦେଶ ଓ ରାଜ୍ୟରୁ ପ୍ରତିନିଧିତ୍ୱ କରିଛନ୍ତି । ୨୦୦୮ରେ ଜାତୀୟ ଜୁନିଅର ଆଥଲେଟିକ ଚାମ୍ପିଅନସିପ୍‌ରେ ଉଭୟ ୧୦୦ ଓ ୨୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ।

# ସଚିନଙ୍କ ଅନୁରୋଧ

ନୂଆଦିଲ୍ଲୀ,୧୮।୬: ଘରୋଇ ଇଂଲଣ୍ଡ-ଭାରତ ଦ୍ୱିପାକ୍ଷିକ ଟେଷ୍ଟ ସିରିଜରେ ବିଜେତା ଦଳକୁ ପଟୌଦି ଟ୍ରଫି ପ୍ରଦାନ କରାଯାଇଥାଏ । ଇଂଲଣ୍ଡ କ୍ରିକେଟ୍ ବୋର୍ଡ (ଇସିବି) କିନ୍ତୁ ଏହାକୁ ଅବସର ଦେଇ ଆଣ୍ଡରସନ-ତେନ୍ଦୁଲକର ଟ୍ରଫି ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ନେଇଛି । ଅହମ୍ମଦାବାଦରେ ଏୟାର ଇଣ୍ଡିଆ ବିମାନର ଦୁର୍ଘଟଣା ଯୋଗୁ ନୂଆ ଟ୍ରଫି ଉନ୍ମୋଚନ କାର୍ଯ୍ୟକ୍ରମ ବିଳମ୍ବ ହେଉଛି । ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ଇସିବିର ଟ୍ରଫି ନାମ ପରିବର୍ତ୍ତନ ନିଷ୍ପତ୍ତିରେ କିମ୍ବଦନ୍ତୀ ସଚିନ ତେନ୍ଦୁଲକର ଖୁସି ନୁହଁନ୍ତି । ସେ ଉଭୟ ବିସିସିଆଇ ଓ ଇସିବିକୁ ପଟୌଦି ଟ୍ରଫି ନାମ ପରିବର୍ତ୍ତନ ନକରିବାକୁ ଅନୁରୋଧ କରିଛନ୍ତି । ଏ ବିଷୟରେ ଉଭୟ ବୋର୍ଡ କ'ଣ ନିଷ୍ପତ୍ତି ନେଉଛନ୍ତି ତାହା ଖୁବ ଶୀଘ୍ର ଜଣା ପଡିବ। ଇସିବିର ଜଣେ ଅଧିକାରୀ କହିଛନ୍ତି ଯେ, 'ଇଂଲଣ୍ଡ-ଭାରତ ସିରିଜରେ ପଟୌଦି ଟ୍ରଫି ବଜାୟ ରହିବାର ଯୋଜନା ହେଉଛି ।' ମାତ୍ର ଏ ବିଷୟରେ କିଛି ଅଫିସିଆଲ ସୂଚନା ଇସିବି ପକ୍ଷରୁ ରଖାଯାଇ ନାହିଁ ।

# ଡିଭିଲିୟର୍ସଙ୍କ ଉପରେ ରାଗିଯାଇଥିଲେ କୋହଲି

ନୂଆଦିଲ୍ଲୀ.୧୮।୬: ବିରାଟ କୋହଲି ଏବଂ ଏବି ଡିଭିଲିୟର୍ସ ଉଭୟ ବହୁତ ଭଲ ବନ୍ଧୁ। ସମ୍ପ୍ରତି, ଯେତେବେଳେ ଆରସିବି ଆଇପିଏଲ ୨୦୨୫ ଟାଇଟଲ୍ ଜିତିଥିଲା, ଡିଭିଲିୟର୍ସ ତାଙ୍କ ପୁରୁଣା ଦଳକୁ ସମର୍ଥନ କରିବା ପାଇଁ ଅହମ୍ମଦାବାଦ ପହଞ୍ଚିଥିଲେ। ବିରାଟ ଏବଂ ଡିଭିଲିୟର୍ସଙ୍କୁ ବହୁ ବର୍ଷ ଧରି ଆରସିବି ପାଇଁ ଖେଳୁଥିବାର ଦେଖାଯାଇଥିଲା। କିନ୍ତୁ ଏପରି ଏକ ସମୟ ଆସିଥିଲା ଯେତେବେଳେ ବିରାଟ ତାଙ୍କ ବନ୍ଧୁ ଡିଭିଲିୟର୍ସଙ୍କ ସହ କଥାବାର୍ତ୍ତା ସମ୍ପୂର୍ଣ୍ଣ ବନ୍ଦ କରିଦେଇଥିଲେ। ଏହା ପୂର୍ବତନ ଦକ୍ଷିଣ ଆଫ୍ରିକାର ମହାନ ଖେଳାଳି ନିଜେ ପ୍ରକାଶ କରିଛନ୍ତି। ସେ ଏହା ମଧ୍ୟ କହିଥିଲେ ଯେ ବିରାଟ ଏପରି କାହିଁକି କରିଥିଲେ।ପ୍ରକୃତରେ, ବ୍ୟକ୍ତିଗତ କାରଣରୁ ଗତ ବର୍ଷ ଇଂଲଣ୍ଡ ବିପକ୍ଷ ଘରୋଇ ଟେଷ୍ଟ ସିରିଜରୁ ବିରାଟ କୋହଲି ତାଙ୍କ ନାମ ପ୍ରତ୍ୟାହାର କରି ନେଇଥିଲେ। ସେହି ସମୟରେ, ପ୍ରଶଂସକମାନେ ବିରାଟ କୋହଲିଙ୍କ ଏହି ନିଷ୍ପତ୍ତିକୁ ପସନ୍ଦ କରିନଥିଲେ ଏବଂ ତାଙ୍କୁ ବହୁତ ଟ୍ରୋଲ୍ ମଧ୍ୟ କରାଯାଇଥିଲା। ସେହି ସମୟରେ, ଡିଭିଲିୟର୍ସ ବିରାଟ କୋହଲିଙ୍କ ସମର୍ଥନରେ ବାହାରି ଆସିଥିଲେ। ସେ ତାଙ୍କ ୟୁଟ୍ୟୁବ ଚ୍ୟାନେଲରେ କହିଥିଲେ ଯେ କୋହଲି ଇଂଲଣ୍ଡ ସିରିଜରେ ଖେଳୁନାହାନ୍ତି କାରଣ ସେ ଏବଂ ତାଙ୍କ ପତ୍ନୀ ଅନୁଷ୍କା ଶର୍ମା ସେମାନଙ୍କର ଦ୍ୱିତୀୟ ସନ୍ତାନ ପାଇଁ ଯୋଜନା କରୁଛନ୍ତି। ଡିଭିଲିୟର୍ସଙ୍କ ଏହି ବୟାନ ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା।



ସମ୍ପ୍ରତି ଏକ ସାକ୍ଷାତକାରରେ, ଡିଭିଲିୟର୍ସ କହିଥିଲେ ଯେ ବିରାଟ ଗତ ଛଅ ମାସ ଧରି ତାଙ୍କ ସହିତ ଯୋଗାଯୋଗରେ ଅଛନ୍ତି। ଭଗବାନଙ୍କୁ ଧନ୍ୟବାଦ ! କାରଣ ଯେତେବେଳେ ସେ ଭୁଲବଶତଃ ତାଙ୍କ ଦ୍ୱିତୀୟ ସନ୍ତାନ ଆଶା କରିବାର ଖବର ସେୟାର କରିଥିଲେ। ସେତେବେଳେ ମୁଁ ଏକ ବଡ଼ ଭୁଲ କରିଥିଲି। ତେଣୁ ଯେତେବେଳେ ବିରାଟ ତାଙ୍କ ସହ ପୁଣି କଥାବାର୍ତ୍ତା ଆରମ୍ଭ କଲେ, ଏହା ଡିଭିଲିୟର୍ସଙ୍କୁ ବହୁତ ଆଶ୍ୱସ୍ତି ଦେଇଥିଲା।

# ଗମ୍ଭୀରଙ୍କୁ ପରାମର୍ଶ

ନୂଆଦିଲ୍ଲୀ: ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଗେ ?ତମ ଗମ୍ଭୀରଙ୍କ କ୍ରିକେଟ୍ ?କୁ ବୁଝିବା ଜ୍ଞାନ ଏବଂ ଏଥିନେଇ ଅସରଦାର ରଣନୀତି ପ୍ରସ୍ତୁତ କରିବା ଦକ୍ଷତାକୁ ପୂର୍ବତନ ଭାରତୀୟ ୱିକେଟ୍ ରକ୍ଷକ ଦୀନେଶ କାର୍ତ୍ତିକ ପ୍ରଶଂସା କରିଛନ୍ତି। ହେଲେ ଗମ୍ଭୀରଙ୍କ ଆକ୍ରମଣାତ୍ମକ ଆଭିମୁଖ୍ୟ ଏବଂ ଖେଳାଳି ପରିଚାଳନା ଶେ ?ଳୀକୁ ନେଇ ସଂଶୟ ଥିବା ଖୋଲାଖୋଲି ଭାବେ କହିଛନ୍ତି। ସେହିଭଳି ନିଜ ସ୍ୱଭାବରେ କିଛିଟା ପରିବର୍ତ୍ତନ କରିବାକୁ ଗମ୍ଭୀରଙ୍କୁ ପରୋକ୍ଷରେ ଆହ୍ୱାନ କରିଛନ୍ତି। ଏକ ସାକ୍ଷାତକାର ଅବସରରେ କାର୍ତ୍ତିକ କହିଛନ୍ତି, ରଣନୈତିକ ଦୃଷ୍ଟିରୁ ଗୌତି ଜଣେ ବହୁତ ଭଲ ପ୍ରଶିକ୍ଷକ। ଖେଳାଳି ପରିଚାଳନା ଏମିତି ଏକ ଦିଗ ଯେଉଁଥିରେ ସେ ନିଶ୍ଚିତ ଭାବେ ଆହୁରି ଉନ୍ନତି ଆଣିବାକୁ ଚାହୁଥିବେ ବୋଲି ମୁଁ ଭାବୁଛି। ଗୋଟିଏ କଥା କିନ୍ତୁ ମାନିବାକୁ ପଡିବ ଯେ ଗୌତି ସବୁବେଳେ ଖେଳାଳିଙ୍କ ହିତକୁ ଅଗ୍ରାଧିକାର ଦେଇଥା'ନ୍ତି। ତେବେ ଖେଳାଳି ଭାବେ ସେ ଯେଉଁ ଅଭିମୁଖ୍ୟ ପ୍ରଦର୍ଶନ କରୁଥିଲେ ପ୍ରଶିକ୍ଷକ ଭାବେ ଏଥିରେ ସାମାନ୍ୟ ପରିବର୍ତ୍ତନ ଆଣିବାର ଆବଶ୍ୟକତା ରହିଛି।

## ମହିଳା ଟି-୨୦ ବିଶ୍ୱକପ୍ ଲାଗି କାର୍ଯ୍ୟସୂଚୀ ଜାରି

# ଜୁନ୍ ୧୪ରେ ଭାରତ-ପାକିସ୍ତାନ ମୁକାବିଲା

ନୂଆଦିଲ୍ଲୀ,୧୮।୬: ଅନ୍ତର୍ଜାତୀୟ କ୍ରିକେଟ ପରିଷଦ ମହିଳା ଟି-୨୦ ବିଶ୍ୱକପର କାର୍ଯ୍ୟସୂଚୀ ଘୋଷଣା କରିଛି। ଏହି ବିଶ୍ୱକପ୍ ଆସନ୍ତା ବର୍ଷ ଅନୁଷ୍ଠିତ ହେବ। କାର୍ଯ୍ୟସୂଚୀ ପ୍ରକାଶ ପାଇବା ସହିତ, କେଉଁ ଦଳକୁ କେଉଁ ଗ୍ରୁପରେ ରଖାଯାଇଛି ତାହା ମଧ୍ୟ ସ୍ଥିର ହୋଇଛି। ବିଶେଷ କଥା ହେଉଛି ଯେ, ଭାରତ ଏବଂ ପାକିସ୍ତାନକୁ ପୁଣି ଥରେ ସମାନ ଗ୍ରୁପରେ ରଖାଯାଇଛି। ଏହି ଦୁଇ ଦଳ ମଧ୍ୟରେ ମ୍ୟାଚ୍‌ର ତାରିଖ ମଧ୍ୟ ପ୍ରକାଶ ପାଇଛି। ମହିଳା ଟି-୨୦ ବିଶ୍ୱକପ୍ ୨୦୨୬ରେ ଇଂଲଣ୍ଡରେ ଅନୁଷ୍ଠିତ ହେବାକୁ ଯାଉଛି। ଏହା ବିଶ୍ୱକପର ୧୦ମ ସଂସ୍କରଣ ।

ଜୁନ ୧୨ରେ ବିଶ୍ୱକପର ପ୍ରଥମ ମ୍ୟାଚ୍ ଖେଳାଯିବ । ଆୟୋଜକ ଇଂଲଣ୍ଡ ଏବଂ ଶ୍ରୀଲଙ୍କା ଉଦଘାଟନୀ ମ୍ୟାଚ୍ ?ରେ ସାମ୍ନାସାମ୍ନି ହେବେ । ଏହି ବିଶ୍ୱକପରେ ମୋଟ ୧୨ଟି ଦଳ ଅଂଶଗ୍ରହଣ କରିବେ, ତେଣୁ ଏହା ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ବିଶ୍ୱକପ୍ ହେବ ବୋଲି କୁହାଯାଇପାରିବ। ଯଦି ଆମେ ଗ୍ରୁପ୍ ବିଷୟରେ କଥା ହେବା, ତେବେ ଆଇସିସି ଏଥିପାଇଁ ଦୁଇଟି ଗ୍ରୁପ୍ ଗଠନ କରିଛି। ଅଷ୍ଟ୍ରେଲିଆ ବ୍ୟତୀତ ଦକ୍ଷିଣ ଆଫ୍ରିକା, ଭାରତ ଏବଂ ପାକିସ୍ତାନକୁ ଗ୍ରୁପ୍- ୧ ରେ ସାମିଲ କରାଯାଇଛି । ଏହା ବ୍ୟତୀତ



ଆଉ ଦୁଇଟି ଦଳ ଆସିବେ, ଏହା ପରେ ନିଷ୍ପତ୍ତି ନିଆଯିବ । ଟି-୨୦ ବିଶ୍ୱକପର ଦ୍ୱିତୀୟ ଗ୍ରୁପ୍ ବିଷୟରେ କହିବାକୁ ଗଲେ, ଆୟୋଜକ ଇଂଲଣ୍ଡ ବ୍ୟତୀତ ନ୍ୟୁଜିଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ୱେଷ୍ଟଇଣ୍ଡିଜକୁ ଏଥିରେ ସାମିଲ କରାଯାଇଛି। ଗ୍ଲୋବାଲ୍ କ୍ୱାଲିଫାୟର୍ ଖେଳିବା ପରେ ଦୁଇଟି ଦଳ ଏଠାକୁ ଆସିବେ। ନିୟମ ଅନୁଯାୟୀ, ସମସ୍ତ ଦଳ ନିଜ ନିଜ ଗ୍ରୁପ୍ ?ର ଅନ୍ୟ ଦଳଗୁଡ଼ିକ ସହିତ ମ୍ୟାଚ୍ ଖେଳିବେ, ଏହା ପରେ ପଏଣ୍ଟ ଟେବୁଲର ଶୀର୍ଷ ଦୁଇଟି ଦଳ ସିଧାସଳଖ ସେମିଫାଇନାଲ୍ ଯିବେ। ସେମିଫାଇନାଲ୍ ମ୍ୟାଚ୍ ୩୦ ଜୁନ୍ ଏବଂ ୨ ଜୁଲାଇରେ ଅନୁଷ୍ଠିତ ହେବ। ଏହା ପରେ, ୫ ଜୁଲାଇରେ ଫାଇନାଲ୍ ମ୍ୟାଚ୍ ଖେଳାଯିବ। ଏହି ମ୍ୟାଚ୍ ଲର୍ଡସରେ ଖେଳାଯିବ। ଭାରତ ଏବଂ ପାକିସ୍ତାନ ମଧ୍ୟରେ ହେବାକୁ ଥିବା ମ୍ୟାଚ୍ ୧୪ ଜୁନରେ ଖେଳାଯିବ। ଭାରତ ଏବଂ ପାକିସ୍ତାନ ଦଳ ଏବେ କେବଳ ଓଉଉ କିମ୍ବା ଇଉଉ ଟୁର୍ଣ୍ଣାମେଣ୍ଟରେ ପରସ୍ପର ସହିତ ମୁହାଁମୁହିଁ ହେଉଛନ୍ତି । ତେଣୁ ଏହି ମ୍ୟାଚ୍କୁ ନେଇ ଉତ୍ସାହ ଶୀର୍ଷରେ ରହିଛି । ଭାରତ ଏବଂ ପାକିସ୍ତାନ ସମାନ ଗ୍ରୁପରେ ଅଛନ୍ତି, ତେଣୁ ସେମାନେ କେବଳ ଲିଗ୍ ପର୍ଯ୍ୟାୟରେ ପରସ୍ପର ସହିତ ମୁହାଁମୁହିଁ ହୋଇପାରିବେ ।

# ବୈଭବ ସୂର୍ଯ୍ୟବଂଶୀଙ୍କ ବଢ଼ିଯାଇଛି ଓଜନ

ନୂଆଦିଲ୍ଲୀ,୧୭।୬: ମାତ୍ର ୧୪ ବର୍ଷ ବୟସରେ ଆଇପିଏଲ୍ ୨୦୨୫ରେ ରାଜସ୍ଥାନ ରୟାଲ୍ସ ଦଳରେ ସ୍ଥାନ ପାଇଥିବା ଯୁବ କ୍ରିକେଟର ବୈଭବ ସୂର୍ଯ୍ୟବଂଶୀଙ୍କ ଓଜନ ନେଇ ଏକ ବଡ଼ ଖୁଲାସା ହୋଇଛି। ତାଙ୍କ ପିତା ସଞ୍ଜୀବ ସୂର୍ଯ୍ୟବଂଶୀ ପ୍ରକାଶ କରିଛନ୍ତି ଯେ, ଆଇପିଏଲ୍ ପରେ ବୈଭବଙ୍କ ଓଜନ ବେଶ୍ ବୃଦ୍ଧି ପାଇଛି। ଏହାକୁ ନିୟନ୍ତ୍ରଣ କରିବା ପାଇଁ ବୈଭବ ଏକ ସନ୍ତୁଳିତ ଖାଦ୍ୟ ଯୋଜନା ଅନୁସରଣ କରୁଛନ୍ତି ଏବଂ ତାଙ୍କ ପ୍ରିୟ ଖାଦ୍ୟ



**ଲିଟ୍ଟି-ଚୋଖା ଖାଇବା ସମ୍ପୂର୍ଣ୍ଣ ରୂପେ ଛାଡ଼ି ଦେଇଛନ୍ତି ।** ସଞ୍ଜୀବ ସୂର୍ଯ୍ୟବଂଶୀଙ୍କ କହିବା ଅନୁସାରେ, "ବୈଭବ ବହୁତ ସନ୍ତୁଳିତ ଆହାର ନେଉଛି। ତା'ର ଓଜନ ବେଶ୍ ବଢ଼ି ଯାଇଥିଲା। ତେଣୁ ସେ ନିଜର ଫିଟନେସ୍ ବଜାୟ ରଖିବା ପାଇଁ ଖାଦ୍ୟରେ ନିୟନ୍ତ୍ରଣ ଆଣିଛି।" ବୈଭବଙ୍କ ଖାଦ୍ୟ ଯୋଜନାରେ ଉଚ୍ଚ କ୍ୟାଲୋରୀ ଯୁକ୍ତ ଖାଦ୍ୟକୁ ଏଡ଼ାଇ ଦିଆଯାଇଛି। ସେ ଲିଟ୍ଟି-ଚୋଖା ଭଳି ପାରମ୍ପରିକ ଖାଦ୍ୟ, ଯାହା ଗହମ ଓ ଆଳୁରେ ତିଆରି ହୋଇଥାଏ, ଖାଇବା ବନ୍ଦ କରିଛନ୍ତି। ଏହି ଖାଦ୍ୟରେ ଥିବା କାର୍ବୋହାଇଡ୍ରେଟ୍ ଓ ଚର୍ବି ଓଜନ ବୃଦ୍ଧିରେ ସହାୟକ ହୋଇଥାଏ।

ଏକ ରିପୋର୍ଟ ଅନୁସାରେ, ବୈଭବଙ୍କ ଡାଏଟ୍ ପ୍ଲାନ୍ ?ରେ ପ୍ରୋଟିନ୍ ? ଯୁକ୍ତ ଖାଦ୍ୟ ଯେପରି ଅଣ୍ଡା, ଚିକେନ୍, ଓ ଛେନା ଆଦିକୁ ଅଧିକ ପରିମାଣରେ ସାମିଲ କରାଯାଇଛି। ଏହା ସହିତ ସେ ସବୁଜ ପନିପରିବା, ଫଳମୂଳ ଏବଂ କମ୍ ? କ୍ୟାଲୋରୀ ଯୁକ୍ତ ଖାଦ୍ୟ ଗ୍ରହଣ କରୁଛନ୍ତି। ଏହା ତାଙ୍କୁ ଶକ୍ତି ପ୍ରଦାନ କରିବା ସହ ଓଜନ ନିୟନ୍ତ୍ରଣରେ ରଖୁଛି। ସୂଚନା ଅନୁସାରେ, ବୈଭବ ନିୟମିତ ବ୍ୟାୟାମ ଓ କ୍ରିକେଟ୍ ଅଭ୍ୟାସ ଜାରି ରଖିଛନ୍ତି, ଯାହା ତାଙ୍କ ଫିଟନେସ୍ ଲେଭେଲ୍ ?କୁ ଆହୁରି ଉନ୍ନତ କରୁଛି।

ଓଜନ ବୃଦ୍ଧି କ୍ରୀଡ଼ାବିତ୍ ?ମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ ହୋଇପାରେ, କାରଣ ଏହା ସେମାନଙ୍କ ଚଞ୍ଚଳତା ଓ ପ୍ରଦର୍ଶନକୁ ପ୍ରଭାବିତ କରିଥାଏ। ବୈଭବଙ୍କ ଏହି ପଦକ୍ଷେପ ତାଙ୍କର ପେସାଦାରୀ ମନୋଭାବ ଓ ଖେଳ ପ୍ରତି ନିଷ୍ଠାକୁ ଦର୍ଶାଉଛି। ତାଙ୍କ ପିତା ସଞ୍ଜୀବ ମଧ୍ୟ କହିଛନ୍ତି ଯେ, ବୈଭବଙ୍କ ଏହି ଅନୁଶାସନ ତାଙ୍କୁ ଆଗାମୀ ଦିନରେ ଆହୁରି ସଫଳତା ଆଣିଦେବ। ବୈଭବଙ୍କ ଏହି ଯାତ୍ରା ଅନେକ ଯୁବ ଖେଳାଳୀଙ୍କ ପାଇଁ ପ୍ରେରଣାଦାୟୀ। ସେ କେବଳ ମୈଦାନରେ ନୁହେଁ, ନିଜ ଜୀବନଶୈଳୀରେ ମଧ୍ୟ ଏକ ଉଦାହରଣ ସୃଷ୍ଟି କରୁଛନ୍ତି। ତାଙ୍କ ପରବର୍ତ୍ତୀ ପ୍ରଦର୍ଶନ ଏବଂ ଫିଟନେସ୍ ଯାତ୍ରା ନେଇ କ୍ରିକେଟ୍ ପ୍ରେମୀମାନେ ଉତ୍ସୁକତାର ସହ ଅପେକ୍ଷା କରିଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ